OCTOBER 26, 2026
MONDAY, BHUBANESWAR

ଅକ୍ଟୋବର ୨୬, ୨୦୨୬
ସୋମବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

# ଅକ୍ଷର
AKHYARA ODISHA | ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME - 2 ● ISSUE- 50 | ବର୍ଷ- ୨ ● ସଂଖ୍ୟା- ୫୦ | RNI REGD NO. ORIORI/25/A2226 ● DAILY EDITION | ପୃଷ୍ଠା-୧୨ ● ମୂଲ୍ୟ- ୭/- | PAGES - 12 ● PRICE- 7/-

## ନମୋ ଘାଟରେ ଏୟାର୍ ସୋ’ ଦେଖିଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୨୫/୧୦ : ଭାରତୀୟ ବାୟୁସେନାର ୯୪ତମ ବାର୍ଷିକୀ ପାଳନ ଅବସରରେ ଆୟୋଜିତ ତିନିଦିନିଆ ଏୟାର୍ ସୋ’ର ଉଦ୍‌ଯାପନୀ ଦିବସରେ ବାରାଣସୀର ନମୋ ଘାଟରେ ଏକ ଅଭୂତପୂର୍ବ ଦୃଶ୍ୟ ଦେଖିବାକୁ ମିଳିଛି। ରବିବାର ଦିନ ଏହି ଆକର୍ଷଣୀୟ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଖ୍ୟ ଅତିଥି

**ବାୟୁସେନାର ୯୪ତମ ବାର୍ଷିକୀ ସୁଖୋଇ ଓ ତେଜସ୍‌ଙ୍କ କୌଶଳରେ ବିମୋହିତ ବାରାଣସୀ**

ଭାବେ ଯୋଗଦେଇ ଆକାଶରେ ଲଢୁଆ ବିମାନମାନଙ୍କର ରୋମାଞ୍ଚକର କୌଶଳ ପ୍ରଦର୍ଶନକୁ ଉପଭୋଗ କରିଛନ୍ତି।ବାୟୁସେନା ଅଧିକାରୀଙ୍କ ଅନୁଯାୟୀ, ଏହି ପ୍ରଦର୍ଶନୀରେ ହେଲିକପ୍ଟର ପ୍ରଦର୍ଶନ ସହିତ ସୁଖୋଇ-୩୦ ଏମ୍‌କେଆଇ, ସ୍ୱଦେଶୀ ତେଜସ୍ ଓ ଏଲ୍‌ସିଏଚ୍ ପ୍ରଚଣ୍ଡ ସମେତ ଲଢୁଆ ବିମାନ ପ୍ରଦର୍ଶନ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହିତ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଉତ୍ତର ପ୍ରଦେଶ ରାଜ୍ୟପାଳ ଆନନ୍ଦିବେନ୍ ପଟେଲ ଓ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପୃଷ୍ଠା-୨

# RBI ଡାଟା ସେଣ୍ଟର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

## ‘ସହର ଠାରୁ ଦୂରରେ ଥିବା ଲୋକଙ୍କ ପାଖରେ ପହଞ୍ଚିବା ଆମର ଲକ୍ଷ୍ୟ’





ଭୁବନେଶ୍ୱର, ୨୫/୧୦ :ଭାରତୀୟ ରିଜର୍ଭ ବ୍ୟାଙ୍କ (RBI)ର ଡିଜିଟାଲ୍ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ଦିଗରେ ଓଡ଼ିଶା ଏକ ପ୍ରମୁଖ ସ୍ଥାନ ହାସଲ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୁବନେଶ୍ୱର ନିକଟସ୍ଥ ଜଟଣୀ ଠାରେ RBIର ନୂତନ ‘ଗ୍ରୀନ୍‌ଫିଲ୍ଡ’ ଡାଟା ସେଣ୍ଟର ଏବଂ ‘ଏଣ୍ଟରପ୍ରାଇଜ୍ କମ୍ପ୍ୟୁଟିଂ ଓ ସାଇବର ସିକ୍ୟୁରିଟି ଟ୍ରେନିଂ ଇନଷ୍ଟିଚ୍ୟୁଟ୍’ର ଶୁଭାରମ୍ଭ କରିଛନ୍ତି।ସମାରୋହକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତର ବ୍ୟବସ୍ଥା ଖୁବ୍ ଶୀଘ୍ର ଆଗକୁ ଅଗ୍ରସର ହେଉଛି। ସ୍ୱାଧୀନତା ପରେ ଦେଶରେ ବଡ଼ବଡ଼ ହସ୍ପିଟାଲ, ବିମାନବନ୍ଦର

- ଡିଜିଟାଲ୍ ଭାରତର ନୂତନ ମାଇଲଖୁଣ୍ଟ
- ଦେଶରେ RBIର ଦ୍ୱିତୀୟ ଡାଟା ସେଣ୍ଟର
- ୧୬୯ କୋଟି ଟଙ୍କା ବ୍ୟୟରେ ନିର୍ମିତ

ନିର୍ମାଣ ହୋଇଛି। କିନ୍ତୁ ଛୋଟ ସହରେ ଭିତ୍ତିଭୂମି ବହୁ ଅସୁବିଧା ଥିଲା। ପାଣି, ରେଳବାଇ ଯୋଗାଯୋଗର ଘୋର ଅଭାବ ଥିଲା। ବିକାଶକୁ ପ୍ରାଥମିକତା ଦିଆଯାଉଥିବା ବେଳେ ବିସ୍ତାର ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଛୋଟ ସହରକୁ ଭାରତୀୟ ରେଳବାଇ ଯୋଡୁଛି। ବ୍ୟାଙ୍କିଙ୍ଗ୍ ସେକ୍ଟରରେ ଡାଟା ସେଣ୍ଟରର ଭୂମିକା ନେଇ ପ୍ରଧାନମନ୍ତ୍ରୀ ବିସ୍ତୃତ ଚର୍ଚ୍ଚା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଆମ ପାଇଁ ବିକାଶ ଗୁରୁତ୍ୱପୂର୍ଣ୍ଣ। ସହର ଠାରୁ ଦୂରରେ ରହୁଥିବା ଲୋକଙ୍କ ପାଖରେ ପହଞ୍ଚିବା ଆମର ଲକ୍ଷ୍ୟ। ଗରିବ ପରିବାର ମଧ୍ୟ ସମ୍ମାନର ବଞ୍ଚିବା ଆମର ଅନ୍ୟ ଲକ୍ଷ୍ୟ।ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ବ୍ରଜମୋହନ ରାମ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ଏବଂ RBI ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରା ଉପସ୍ଥିତ ଥିଲେ। ପ୍ରାୟ ୧୬୯ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଅତ୍ୟାଧୁନିକ କେନ୍ଦ୍ରଟି ନଭି ମୁମ୍ବାଇ ପରେ ଦେଶରେ RBIର ଦ୍ୱିତୀୟ ଡାଟା ସେଣ୍ଟର ଅଟେ। ଏହା କେନ୍ଦ୍ରୀୟ ବ୍ୟାଙ୍କର ଡିଜିଟାଲ୍ ଭିତ୍ତିଭୂମି କ୍ଷମତାକୁ ଯଥେଷ୍ଟ ବୃଦ୍ଧି କରିବ। ଏହି ନୂତନ କେନ୍ଦ୍ରଟି ସୁରକ୍ଷିତ, ସୁଦୃଢ଼, ସମ୍ପ୍ରସାରଣଯୋଗ୍ୟ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ କମ୍ପ୍ୟୁଟିଂ ପୃଷ୍ଠା-୨



## ମନ୍ କି ବାତ୍‌ର ୧୩୯ତମ ଅଧ୍ୟାୟ: ଆତ୍ମନିର୍ଭର ଭାରତ ଏବଂ ନବସୃଜନକୁ ପ୍ରଶଂସା

### ସମୃଦ୍ଧ ଓଡ଼ିଶା ଏବଂ ବିକଶିତ ଭାରତ ଗଠନକୁ ଗୁରୁତ୍ୱ ରଖିବ: ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୫/୧୦: ରାଜ୍ୟ କାର୍ଯ୍ୟାଳୟରେ ‘ମନ କି ବାତ’ କାର୍ଯ୍ୟକ୍ରମ ଶୁଣିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ ଓ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହ ଦେଓ, ମନ୍ତ୍ରୀ ସୁରେଶ ପୁଜାରୀଙ୍କ ସମେତ ସାଂସଦ, ବିଧାୟକ, ଦଳୀୟ ନେତୃମଣ୍ଡଳୀ କାର୍ଯ୍ୟକ୍ରମ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି । ପ୍ରତି ମାସର ଶେଷ ରବିବାରରେ ପ୍ରସାରିତ ହେଉଥିବା ଏହି କାର୍ଯ୍ୟକ୍ରମ ଯୁବବର୍ଗଙ୍କ ମନରେ କିଛି ନୂଆ କରିବା ପାଇଁ ଆଗ୍ରହ ସୃଷ୍ଟି କରୁଛି । କେବଳ ଯୁବବର୍ଗ ନୁହନ୍ତି, ପଛୁଆ ଓ ଆଦିବାସୀ ଅଂଚଳରେ ଯେଉଁ ବ୍ୟକ୍ତିମାନେ ନିଜ ଅଧ୍ୟବସାୟ ବଳରେ ସଫଳତା ହାସଲ କରିଛନ୍ତି ସେମାନଙ୍କ ସଫଳତାକୁ ମୋଦିଜୀ ଏହି କାର୍ଯ୍ୟକ୍ରମ ଜରିଆରେ ଲୋକଲୋଚନକୁ ଆଣିପାରୁଛନ୍ତି ବୋଲି ରାଜ୍ୟ କାର୍ଯ୍ୟାଳୟରେ ମୋଦିଜୀଙ୍କ ୧୩୯ତମ ‘ମନ୍ କି ବାତ’ କାର୍ଯ୍ୟକ୍ରମ ଶୁଣିବା





ଭୁବନେଶ୍ୱର ସ୍ଥିତ ଆବାସିକ କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀଙ୍କ ମନ କି କାର୍ଯ୍ୟକ୍ରମ ଶୁଣୁଛନ୍ତି ଓଡିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଏହି କାର୍ଯ୍ୟକ୍ରମ ସମୃଦ୍ଧ ଓଡ଼ିଶା ଏବଂ ବିକଶିତ ଭାରତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀ ୧୩୭ତମ ‘ମନ କି ବାତ’ ଅଧ୍ୟାୟକୁ ମନେପକାଇ କହିଛନ୍ତି ଯେ, ଓଡ଼ିଶାର ସମ୍ବଲପୁରସ୍ଥିତ ଡେବ୍ରୀଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ଅଞ୍ଚଳର

- ପରିବେଶ ସୁରକ୍ଷା ଓ ନବସୃଜନ ଉପରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱ
- ବିଶ୍ୱ ବଜାରରେ ପହଞ୍ଚୁଛି ଭାରତୀୟ କୃଷି ଉତ୍ପାଦ
- ଇ-ସଞ୍ଜିବନୀରୁ ମହିଳା ସଶକ୍ତୀକରଣ : ମନ୍ କି ବାତ୍‌ର ପ୍ରମୁଖ ପ୍ରସଙ୍ଗ

ଜଣେ ଆଦିବାସୀ ମହିଳା ମୈଥିଳୀଙ୍କ ପରିବେଶ ସୁରକ୍ଷା ଓ ଆତ୍ମନିର୍ଭରଶୀଳତାର ଉଦ୍ୟମକୁ ପ୍ରଧାନମନ୍ତ୍ରୀ ମୋଦିଜୀ ସ୍ୱୀକୃତି ଦେଇଥିଲେ । ଏହା ଯୁବଶକ୍ତି ଏବଂ ଅନ୍ୟସବୁ ବର୍ଗର ଲୋକଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଇଛି । ‘ମନ୍ କି ବାତ’ କାର୍ଯ୍ୟକ୍ରମ ବିଷୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ପୃଷ୍ଠା-୨

## ଡ୍ରଗ୍ସ ମାଫିଆଙ୍କ ଉପରେ ଏନ୍‌ସିବିର ବଡ଼ ପ୍ରହାର

### ମ୍ୟାମାର-ବାଂଲାଦେଶ ନିଶା ଚାଲାଣ ନେଟୱର୍କ ଧ୍ୱଂସ

ନୂଆଦିଲ୍ଲୀ, ୨୫/୧୦ : ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଚୋରା ଚାଲାଣ ନେଟୱାର୍କକୁ ଧରିବା ପାଇଁ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ପକ୍ଷରୁ ‘ଅପରେସନ୍ ଟ୍ରାଇଡେଣ୍ଟ’ ଆରମ୍ଭ କରାଯାଇଛି। ଶୁକ୍ରବାର ଅଭିଯାନରେ ଉତ୍ତର-ପୂର୍ବ ଭାରତର ଆସାମ, ମିଜୋରାମ ଓ ମଣିପୁରର ୩୮ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଛି।




- ଏକକାଳୀନ ୩୮ଟି ସ୍ଥାନରେ ଚଢ଼ାଉ
- ୧୪୨୪ଟି ବ୍ୟାଙ୍କ ଖାତା ଅଚଳ
- ୧୦୦ କୋଟିର ହାୱାଲା କାରବାର ଠାବ

ଏଥିରେ ପ୍ରାୟ ୧୦୦ କୋଟି ଟଙ୍କାର ସନ୍ଦେହଜନକ ହାୱାଲା କାରବାରର ସୂଚନା ମିଳିବା ସହ ୧୮ ଜଣଙ୍କୁ ଗିରଫ କରାଯାଇଛି। ଅକ୍ଟୋବର ୨୩ରେ ଆରମ୍ଭ ହୋଇଥିବା ଏହି ଅଭିଯାନରେ ମିଜୋରାମ ପୁଲିସ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଓ ଅନ୍ୟ ତଦନ୍ତକାରୀ ସଂସ୍ଥା ସାମିଲ ହୋଇଥିଲେ। ଚଢ଼ାଉ ବେଳେ ୧,୪୨୪ଟି ବ୍ୟାଙ୍କ ପୃଷ୍ଠା-୨







### ବ୍ୟଙ୍ଗ ବିଚାର

**ଡ.ଗିରୀଶ ରଂଜନ**

ଓଡ଼ିଶାରେ ଡାଟା ସେଣ୍ଟର ଖୋଲିଲା
ଉଦ୍‌ଘାଟନ କଲେ ମୋଦି
ନେତା ଅଫିସର ମୁରୁକି ହସିକି
ତାଳି ଦେଲେ ପୁରା ନାଦି
ବିରୋଧି କହିଲେ ଶୋଧି
ଓଡ଼ିଶାର ପାଣି ମୋଦି ଶୋଷିନେଲେ
କରିକି ଫିକର ଫନ୍ଦି

## ପ୍ରଶାସନର ହାତରେ ହାତ ମିଳାଇବା, ବିପର୍ଯ୍ୟୟକୁ ମାତ୍ ଦେବା

# ‘ଶୂନ୍ୟସହନଶୀଳତା ଆମର ସଂକଳ୍ପ’

ଭୁବନେଶ୍ୱର, ୨୫/୧୦ : ବଙ୍ଗୋପସାଗରରେ ଦାନା ବାନ୍ଧୁଥିବା ସମ୍ଭାବ୍ୟ ବାତ୍ୟାକୁ ନେଇ ଏବେ ସମଗ୍ର ଓଡ଼ିଶାରେ, ବିଶେଷକରି ଦକ୍ଷିଣାଞ୍ଚଳରେ ଚାଞ୍ଚଲ୍ୟ ଓ ସତର୍କତା ସୃଷ୍ଟି ହୋଇଛି। ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ଆସନ୍ତା ୨୮ ତାରିଖ ଦିନ ଏହା

**୫ଟି ଜିଲ୍ଲାରେ ସ୍କୁଲ, କଲେଜ ଏବଂ ଅଙ୍ଗନବାଡ଼ି ବନ୍ଦ ପାଇଁ ନିର୍ଦ୍ଦେଶ**

ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ମଧ୍ୟରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି। ଆନ୍ଧ୍ରପ୍ରଦେଶ ଉପକୂଳରେ ଏହାର ପ୍ରଭାବ ଅଧିକ ରହିବ ବୋଲି ଆଶଙ୍କା କରାଯାଉଥିଲେ ମଧ୍ୟ ଓଡ଼ିଶାର ୫ଟି ଜିଲ୍ଲାକୁ ସର୍ବାଧିକ ପ୍ରଭାବିତ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଛି। ବିଶେଷକରି ଦକ୍ଷିଣ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ଅଧିକ ବର୍ଷା ଓ ପବନ ବହିବାର ସମ୍ଭାବନା ରହିଛି। ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି ଆଦି ଜିଲ୍ଲା ସର୍ବାଧିକ ପ୍ରଭାବିତ ହେବାର ସମ୍ଭାବନା ଅଛି । ଅନ୍ୟାନ୍ୟ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ମଧ୍ୟ ବର୍ଷାର ପୃଷ୍ଠା-୨

### ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ମଇଦାନକୁ ଓହ୍ଲାଇଲେ ୮ ମନ୍ତ୍ରୀ

- ୮ଟି ଜିଲ୍ଲାର ସ୍ୱତନ୍ତ୍ର ଦାୟିତ୍ୱ
- ୨୯ ତାରିଖ ପର୍ଯ୍ୟନ୍ତ ନିଜ ନିଜ ଜିଲ୍ଲା ଦାୟିତ୍ୱରେ ରହିବେ

ଭୁବନେଶ୍ୱର, ୨୫ ।୧୦ : ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ଗଭୀର ଅବପାତରେ ପରିଣତ ହୋଇଛି ଏବଂ ସୋମବାର ସକାଳ ସୁଦ୍ଧା ବାତ୍ୟାର ରୂପ ନେବ। ଏହା ଆନ୍ଧ୍ରପ୍ରଦେଶର ବାପଟଲା ଏବଂ ବିଶାଖାପାଟନମ୍ ମଧ୍ୟରେ ୨୮ ତାରିଖ ସକାଳେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ଅଛି, ଯାହାର ପ୍ରଭାବ ଓଡ଼ିଶାର କିଛି ଜିଲ୍ଲାରେ ମଧ୍ୟ ପଡ଼ିବ। ସମ୍ଭାବ୍ୟ ବାତ୍ୟାଟି ଆନ୍ଧ୍ରପ୍ରଦେଶ ଉପକୂଳ ପୃଷ୍ଠା-୨



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ନମୋ ଘାଟରେ ଏୟାର୍...

ମଧ୍ୟ ଏୟାର୍ ସୋ'ରେ ଯୋଗ ଦେଇଥିଲେ।

ଏୟାର୍ ସୋ'ରେ ତିନୋଟି ବିମାନ 'ତ୍ରି' ଶୈଳୀରେ ଉଡ଼ି ଜାତୀୟ ପତାକାର ରଙ୍ଗରେ ଏକ ଆକର୍ଷଣୀୟ ଦୃଶ୍ୟ ସୃଷ୍ଟି କରିଥିଲା। ଏମ୍‌ଆଇ-୧୭ ହେଲିକପ୍ଟର, ସୂର୍ଯ୍ୟ କିରଣ ଏରୋବେଟିକ୍ ଦଳ, ସାରଙ୍ଗ ହେଲିକପ୍ଟର କୌଶଳ ଦର୍ଶକଙ୍କୁ ବିମୋହିତ କରିଥିଲା। ପ୍ରଧାନମନ୍ତ୍ରୀ ମୋଦୀ ରବିବାର ସକାଳେ ବାରାଣସୀର ଲାଲ ବାହାଦୁର ଶାସ୍ତ୍ରୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିଲେ ଓ ହେଲିକପ୍ଟର ଯୋଗେ ଅରବିନ୍ଦ ଲିମିଟେଡ୍‌ର ଏକ ନୂତନ ପୋଷାକ ଉତ୍ପାଦନ ୟୁନିଟ୍ ଉଦ୍‌ଘାଟନ କରିବାକୁ ମିର୍ଜାପୁର ଯାତ୍ରା କରିଥିଲେ। ପରେ ସେ ନମୋ ଘାଟକୁ ସଡ଼କ ପଥରେ ଯାତ୍ରା କରିଥିଲେ।

### RBI ଡାଟା ସେଣ୍ଟର...

ସୁବିଧା ଯୋଗାଇବା ପାଇଁ ଡିଜାଇନ୍ କରାଯାଇଛି। ଏଠାରେ ଗୁରୁତ୍ୱପୂର୍ଣ୍ଣ ପେମେଣ୍ଟ (ଦେୟ) ଏବଂ ସେଟଲମେଣ୍ଟ (ହିସାବ ନିଷ୍ପତ୍ତି) ବ୍ୟବସ୍ଥାଗୁଡ଼ିକ ରହିଛି, ଯାହା ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଡିଜିଟାଲ୍ ଅର୍ଥନୀତିକୁ ପରିଚାଳିତ କରୁଛି। ଏହା 'ଅପ୍‌ଟାଇମ୍ ଇନଷ୍ଟିଚ୍ୟୁଟ୍' ର ପ୍ରତିଷ୍ଠିତ 'ଟାୟାର୍-୪' ପ୍ରମାଣପତ୍ର ହାସଲ କରିଛି, ଯାହା ଡାଟା ସେଣ୍ଟର ଭିତ୍ତିଭୂମିର ସୁଦୃଢ଼ତା ପାଇଁ ସର୍ବୋଚ୍ଚ ମାନଦଣ୍ଡ ଅଟେ। ଏହା ଦେଶର ମୁଖ୍ୟ ଆର୍ଥିକ ସେବାଗୁଡ଼ିକ ପାଇଁ ସର୍ବାଧିକ କାର୍ଯ୍ୟକ୍ଷମତା ଏବଂ ସୁରକ୍ଷା ସୁନିଶ୍ଚିତ କରେ। ଡାଟା ହୋଷ୍ଟିଂ ସୁବିଧା ସହିତ, ଏହି ପରିସରରେ ଏକ ସ୍ୱତନ୍ତ୍ର 'ସାଇବର ସିକ୍ୟୁରିଟି ଟ୍ରେନିଂ ଇନଷ୍ଟିଚ୍ୟୁଟ୍' ମଧ୍ୟ ରହିଛି। ଏହାର ଲକ୍ଷ୍ୟ ହେଉଛି ବ୍ୟାଙ୍କିଙ୍ଗ୍, ଆର୍ଥିକ ସେବା ଏବଂ ବୀମା କ୍ଷେତ୍ରରେ ଦକ୍ଷତା ବିକାଶକୁ ମଜବୁତ କରିବା।

### ଆତ୍ମନିର୍ଭର ଭାରତ ଏବଂ...

ଯେ, ମୋଦିଜୀଙ୍କ ଆହ୍ୱାନରେ ସ୍ୱଚ୍ଛତା ଆଜି ସାରା ଦେଶରେ ଏକ ବଡ଼ ଆନ୍ଦୋଳନରେ ପରିଣତ ହୋଇଛି ଏବଂ ଯୁବସମାଜ ଏହାକୁ ଆଗେଇ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ଭୋକାଲ୍ ଫର ଲୋକାଲ୍‌ରେ ସ୍ୱଦେଶୀ ଉତ୍ପାଦକୁ ମୋଦିଜୀ ଗୁରୁତ୍ୱାରୋପ କରିଛନ୍ତି। ସେହିପରି ଏସ୍ଏଚ୍‌ଜି ଓ ମହିଳାମାନଙ୍କ ଗୋଷ୍ଠୀଗତ ଉଦ୍ୟମ ଏବଂ ସେଗୁଡ଼ିକର ଉତ୍ପାଦର ମାର୍କେଟିଂ ଉପରେ ପ୍ରଧାନମନ୍ତ୍ରୀ କହିଛନ୍ତି। ମହାରାଷ୍ଟ୍ରର ଆଦିବାସୀ ମହିଳାମାନଙ୍କ ଦ୍ୱାରା ପରିଚାଳିତ 'ଶବରୀ ନ୍ୟାଚୁରାଲ୍' ଏବଂ କର୍ଣ୍ଣାଟକର ଉଦାହରଣ ଦେଇ ଉତ୍ପାଦର ଉନ୍ନତ ପ୍ୟାକେଜିଂ କିଭଳି ବଜାର ସୃଷ୍ଟି ଓ ରୋଜଗାର ବୃଦ୍ଧିରେ ସହାୟକ ହୋଇପାରିଛି, ସେବିଷୟରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ କହିଛନ୍ତି। ଆଧୁନିକ ଟେକ୍ନୋଲୋଜି ଜରିଆରେ କିପରି ସମସ୍ୟାର ସମାଧାନ କରାଯାଇପାରିବ ସେବିଷୟରେ ମୋଦିଜୀ ''ମନ କି ବାତ'' କାର୍ଯ୍ୟକ୍ରମରେ ବିଶେଷ ଗୁରୁତ୍ୱ ଦେଇଥିଲେ। ଦୁର୍ଗମ ଅଂଚଳରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କିପରି ଏହି ଟେକ୍ନୋଲୋଜିର ବ୍ୟବହାର କରାଯାଇପାରିବ ତାହାର ଉଦାହରଣ ଦେବାକୁ ଯାଇ ''ଇ-ସଞ୍ଜୀବନୀ'' ବିଷୟରେ କହିଥିଲେ। ସୁଦୂର ଆଣ୍ଡାମାନ-ନିକୋବର ଏବଂ ଲକ୍ଷାଦ୍ୱୀପ ଭଳି ଦୁର୍ଗମ ଅଂଚଳରେ 'ଇ-ସଞ୍ଜୀବନୀ' ମାଧ୍ୟମରେ ଲୋକଙ୍କୁ ଡାକ୍ତରୀ ପରାମର୍ଶ ଓ ଔଷଧ ଯୋଗାଇ ସୁସ୍ଥ କରାଯିବା କଥା ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଏହା ଦେଶର ଡିଜିଟାଲ୍ ସ୍ୱାସ୍ଥ୍ୟସେବା ବିପ୍ଳବର ଏକ ଉତ୍କୃଷ୍ଟ ଉଦାହରଣ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ଆଇଆଇଟି ମାଡ୍ରାସ (ଚେନ୍ନାଇ) ଦ୍ୱାରା ବିକଶିତ ଅତ୍ୟାଧୁନିକ ଥ୍ରୀଡି ବ୍ରେନ୍ ଇମେଜିଂ ପ୍ରଯୁକ୍ତିବିଦ୍ୟା କିପରି ବିଶ୍ୱରେ ପ୍ରଥମ ଥର ପାଇଁ ମାନବ ମସ୍ତିଷ୍କ ସ୍କାନିଂ କ୍ଷେତ୍ରରେ ସଫଳତା ଆଣିଛି ସେ ବିଷୟରେ ମୋଦିଜୀ ବିସ୍ତୃତଭାବେ ଭାରତବାସୀ ଓ ବିଶ୍ୱବାସୀଙ୍କୁ ଅବଗତ କରାଇଛନ୍ତି। ଏହାଦ୍ୱାରା ଯୁବବର୍ଗ ମଧ୍ୟରେ ଏହି କାର୍ଯ୍ୟ ପାଇଁ ଆଗ୍ରହ ସୃଷ୍ଟି ହୋଇଛି। ମୃତ୍ୟୁ ପରେ ଅଙ୍ଗଦାନ ବିଷୟରେ ଗୁରୁତ୍ୱାରୋପ କରି ମୋଦିଜୀ ସମଗ୍ର ମାନବ ସମାଜକୁ ଏକ ବଡ଼ ଦିଗ୍‌ଦର୍ଶନ ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। 'ଫାଦର୍ ଅଫ୍ ଫାଇବର ଅପ୍ଟିକ୍ସ' ଭାବେ ପରିଚିତ ଭାରତୀୟ ବଂଶୋଦ୍ଭବ ବୈଜ୍ଞାନିକ ନରେନ୍ଦ୍ର ସିଂହ କପାନୀଙ୍କ ଅବଦାନକୁ ସ୍ମରଣ କରି ତାଙ୍କ ଜନ୍ମଦିନରେ ପ୍ରଧାନମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ମିଲେଟ୍‌ର ଗୁରୁତ୍ୱ ଉଲ୍ଲେଖ କରିବା ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ମିଲେଟ୍ ଚାଷ କ୍ଷେତ୍ରରେ ସାରା ଦେଶରେ ଏକ ଅଗ୍ରଣୀ ରାଜ୍ୟ। ରାଜ୍ୟ ସରକାର ଚାଷୀମାନଙ୍କୁ ଏମ୍ଏସ୍ପି ଏବଂ ଇନ୍‌ପୁଟ୍ ସହାୟତା ପ୍ରଦାନ କରୁଛନ୍ତି। ଆଗାମୀ ନଭେମ୍ବର ୧୦ ତାରିଖରେ ଓଡ଼ିଶା ସରକାର 'ମାଣ୍ଡିଆ ଦିବସ' ପାଳନ କରିବାକୁ ଯାଉଛନ୍ତି। ଦକ୍ଷିଣ ଓଡ଼ିଶାର କୋରାପୁଟଠାରୁ ଆରମ୍ଭ କରି ପଶ୍ଚିମର ସମ୍ବଲପୁର, ବରଗଡ଼, କନ୍ଧମାଳ ଏବଂ ଉତ୍ତର ଓଡ଼ିଶାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ପର୍ଯ୍ୟନ୍ତ ବ୍ୟାପକ ଭାବେ ମାଣ୍ଡିଆ ଚାଷ ହେଉଛି। ଯେଉଁ ଖାଦ୍ୟ ଦିନେ ଗରିବଙ୍କ ଆହାର ଥିଲା, ଆଜି ତାହା ଉନ୍ନତ ପ୍ରକ୍ରିୟାକରଣ (ବିସ୍କୁଟ୍, କୁକିଜ୍ ଇତ୍ୟାଦି) ମାଧ୍ୟମରେ ତାରକା ହୋଟେଲଗୁଡ଼ିକରେ ସ୍ଥାନ ପାଇଛି। ଏହାଦ୍ୱାରା ଆଦିବାସୀ ଓ ପଛୁଆ ବର୍ଗର ଚାଷୀମାନେ ଉପକୃତ ହେବା ସହ ସେମାନଙ୍କ ମଧ୍ୟରେ ଏହି ଚାଷ ପାଇଁ ଆଗ୍ରହ ବୃଦ୍ଧି ପାଇଛି। ପ୍ରଧାନମନ୍ତ୍ରୀଙ୍କ ଏହି 'ମନ୍ କି ବାତ୍' କାର୍ଯ୍ୟକ୍ରମ ସମାଜ ଓ ଯୁବବର୍ଗଙ୍କୁ ଆଗକୁ ବଢ଼ାଇବା ସହ ନୂତନ ଉଦ୍ଭାବନ ସୃଷ୍ଟି କରିବାରେ ବଡ଼ ଭୂମିକା ଗ୍ରହଣ କରିଛି। ସେଥିପାଇଁ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଧନ୍ୟବାଦ ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସାଂସଦ ଶ୍ରୀମତୀ ଅନିତା ଶୁଭଦର୍ଶିନୀ, ବିଧାୟକ ନବୀନ ଜୈନ୍, ଓମ୍ ପ୍ରକାଶ ମିଶ୍ର, ରାଜ୍ୟ ଉପସଭାପତି ଅଶୋକ ମିଶ୍ର, ରାଜ୍ୟ ସାଧାରଣ ସମ୍ପାଦକ ସାରଦା ଶତପଥୀ, ବିରିଂଚି ନାରାୟଣ ତ୍ରିପାଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ରାଜ୍ୟ କୋଷାଧ୍ୟକ୍ଷ ଅଜୟ କୁମାର ଅଗ୍ରୱାଲ, ରାଜ୍ୟ ସ୍ୱଚ୍ଛଭାରତ ସଂଯୋଜକ ମହେଶ୍ୱର ମହାନ୍ତି, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ମ୍ୟାମାର-ବାଂଲାଦେଶ ନିଶା...

ଖାତାକୁ ଅଚଳ କରାଯାଇଥିବା ବେଳେ ୧୭.୮୨ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ଜବତ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାସହ ୫୦୦ଟି ଡେଟୋନେଟର ଓ ୧୨ ଲକ୍ଷ ଟଙ୍କା ନଗଦ ଜବତ କରାଯାଇଛି।

ତଦନ୍ତରୁ ଜଣାପଡ଼ିଛି ଯେ, ମ୍ୟାମାରରୁ ମିଜୋରାମ, ମଣିପୁର ଓ ଆସାମ ଦେଇ ମିଥାମ୍ଫେଟାମିନ୍ ଓ ହେରୋଇନ୍ ଚାଲାଣ କରାଯାଉଥିବା ସନ୍ଦେହ ରହିଛି। ଏହି କାରବାରର ଜାଲ ବାଂଲାଦେଶ ପର୍ଯ୍ୟନ୍ତ ଲମ୍ବିଥିବା ତଦନ୍ତକାରୀ ସଂସ୍ଥା କହିଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏହି ଅଭିଯାନକୁ ପ୍ରଶଂସା କରିଛନ୍ତି। ନିଶା କାରବାର ବିରୋଧରେ ସରକାରଙ୍କ କଠୋର ଆଭିମୁଖ୍ୟ ଜାରି ରହିବ ବୋଲି ଗୃହମନ୍ତ୍ରୀ କହିଛନ୍ତି।

### 'ଶୂନ୍ୟସହନଶୀଳତା ଆମର...

ସମ୍ଭାବନା ରହିଛି। ଏହି ୫ଟି ଜିଲ୍ଲାରେ ସ୍କୁଲ, କଲେଜ ଏବଂ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ୨୮ ଓ ୨୯ ତାରିଖ ଦିନ ବନ୍ଦ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶାରେ ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ବର୍ଷା ମୁକାବିଲା ପାଇଁ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନଗୁଡ଼ିକ ଗଜପତି, ଗଞ୍ଜାମ, କୋରାପୁଟ, ରାୟଗଡ଼ା ଏବଂ ମାଲକାନଗିରି ବିଭିନ୍ନ ପଦକ୍ଷେପ ନିଆଯାଇଛି। ସମ୍ଭାବ୍ୟ ବିପର୍ଯ୍ୟୟର ମୁକାବିଲା ପାଇଁ ସମସ୍ତ ଜିଲ୍ଲାସ୍ତରୀୟ ଓ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଛି। ସମସ୍ତ ଅଧିକାରୀଙ୍କୁ ନିଜ ନିଜ ମୁଖ୍ୟାଳୟରେ ରହିବାକୁ କୁହାଯାଇଛି।୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲା ହୋଇଛି ବିପର୍ଯ୍ୟୟ ପରିଚାଳନା ପାଇଁ ଜିଲ୍ଲା ଜରୁରୀକାଳୀନ ଅପରେସନ୍ କେନ୍ଦ୍ର ସମେତ ସମସ୍ତ ବ୍ଲକ, ତହସିଲ ଓ ପୌରାଞ୍ଚଳରେ ୨୪/୭ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକାରୀ କରାଯାଇଛି।ଟୋଲ୍-ଫ୍ରି ନମ୍ବର,ସମେତ ଜିଲ୍ଲାଗୁଡ଼ିକର ସ୍ୱତନ୍ତ୍ର ହେଲ୍ପଲାଇନ୍ ନମ୍ବର ଜନସାଧାରଣଙ୍କ ପାଇଁ ଉପଲବ୍ଧ ଅଛି। 'କଚ୍ଚାଘର, ଝୁମ୍ପଡ଼ି ଓ ନିମ୍ନ ଅଞ୍ଚଳରେ ରହୁଥିବା ଲୋକଙ୍କୁ ଚିହ୍ନଟ କରି ନିରାପଦ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଉଛି। ଯେଉଁ ମାଆମାନଙ୍କର ପ୍ରସବ ସମୟ ନିକଟବର୍ତ୍ତୀ ଅଛି, ସେମାନଙ୍କୁ ଚିହ୍ନଟ କରି ପୂର୍ବରୁ ନିକଟସ୍ଥ ଡାକ୍ତରଖାନା, CHC, PHCକୁ ଅଣାଯାଉଛି। ଏହାଛଡ଼ା ବୃଦ୍ଧ, ଶିଶୁ ଓ ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସମ୍ଭାବ୍ୟ ବାତ୍ୟା ଏବଂ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କାକୁ ଦୃଷ୍ଟିରେ ରଖି ଦକ୍ଷିଣ ଓଡ଼ିଶାର ୫ଟି ଜିଲ୍ଲା (ଗଂଜାମ, ଗଜପତି,ରାୟଗଡ଼ା,କୋରାପୁଟ, ମାଲକାନଗିରି) କୁ ସର୍ବାଧିକ ସତର୍କ କରାଯାଇଛି। ଏହି ଜିଲ୍ଲାଗୁଡ଼ିକରେ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଓଡ୍ରାଫ୍ ଏବଂ ଏନଡିଆରଏଫ୍ ଟିମ୍‌ଗୁଡ଼ିକୁ ବ୍ୟାପକ ଭାବେ ମୁତାବୟନ କରାଯାଇଛି। ଏହି ୫ଟି ଜିଲ୍ଲାରେ ମୋଟ୍ ୨୪ଟି ଓଡ୍ରାଫ୍ ଟିମ୍ ଏବଂ ୬ଟି ଏନଡିଆରଏଫ୍ ଟିମ୍ ନିୟୋଜିତ ଅଛନ୍ତି।

ଗଞ୍ଜାମ ଜିଲ୍ଲା ସର୍ବାଧିକ ପ୍ରଭାବ ଆଶଙ୍କାଥିବା ଜିଲ୍ଲାରେ ୯ଟି ଓଡ୍ରାଫ୍ ଏବଂ ୨ଟି ଏନଡିଆରଏଫ୍ ଟିମ୍ ସମେତ ମୋଟ ୧୧ଟି ଟିମ୍ ମୁତୟନ ହୋଇଛନ୍ତି।ଗଜପତି ଜିଲ୍ଲାରେ ୬ଟି ଓଡ୍ରାଫ୍ ଏବଂ ୧ଟି ଏନଡିଆରଏଫ୍ ଟିମ୍ (ମୋଟ ୭ଟି) ପ୍ରସ୍ତୁତ ରହିଛନ୍ତି। ରାୟଗଡ଼ା ଜିଲ୍ଲା ପାଇଁ ୩ଟି ଓଡ୍ରାଫ୍ ଏବଂ ୧ଟି ଏନଡିଆରଏଫ୍ ଟିମ୍ (ମୋଟ ୪ଟି) ନିୟୋଜିତ କରାଯାଇଛି। କୋରାପୁଟ ଜିଲ୍ଲାରେ ମଧ୍ୟ ୩ଟି ଓଡ୍ରାଫ୍ ଏବଂ ୧ଟି ଏନଡିଆରଏଫ୍ ଟିମ୍ (ମୋଟ ୪ଟି) ମୁତାବୟନ ଅଛନ୍ତି। ମାଲକାନଗିରି ଜିଲ୍ଲାରେ ୩ଟି ଓଡ୍ରାଫ୍ ଏବଂ ୧ଟି ଏନଡିଆରଏଫ୍ ଟିମ୍ (ମୋଟ ୪ଟି) ଜରୁରୀକାଳୀନ ମୁକାବିଲା ପାଇଁ ପ୍ରସ୍ତୁତ ଅଛନ୍ତି। ରାଜ୍ୟ ସରକାରଙ୍କ 'ଶୂନ୍ୟ ଜୀବନହାନି' ଲକ୍ଷ୍ୟକୁ ଆଖିଆଗରେ ରଖି ପ୍ରଭାବିତ ଜିଲ୍ଲାଗୁଡ଼ିକରେ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକୁ ପ୍ରସ୍ତୁତ ରଖାଯାଇଛି ।ସମୁଦ୍ରରେ ମାଛଧରା ଉପରେ ସମ୍ପୂର୍ଣ୍ଣ କଟକଣା ଜାରି ହୋଇଛି। ସେହିପରି ଦକ୍ଷିଣ ଓଡ଼ିଶାର ଏହି ୫ ଜିଲ୍ଲାରେ ପାହାଡ଼, ଜଳପ୍ରପାତ, ଡ୍ୟାମ୍ ଓ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ପର୍ଯ୍ୟଟକଙ୍କ ଯାତାୟାତ ଉପରେ କଟକଣା ଲଗାଯାଇଛି।କୃଷକମାନଙ୍କୁ ପରାମର୍ଶ: ୮୦-୮୫% ପାଚିଯାଇଥିବା ଧାନ, ମକା, ମାଣ୍ଡିଆ ଓ ଅନ୍ୟାନ୍ୟ ଫସଲକୁ ତୁରନ୍ତ ଅମଳ କରି ସୁରକ୍ଷିତ ସ୍ଥାନରେ ରଖିବାକୁ କୃଷି ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। କୃଷି ର ହେଲ୍‌ପଲାଇନ୍ ନମ୍ବର ଉପଲବ୍ଧି କରାଯାଇଛି। ଅମଳ ସମୟ ପାଖେଇ ଆସୁଥିବାରୁ, ଚାଷୀ ଭାଇମାନଙ୍କୁ ଆଗୁଆ ସତର୍କ କରି ଫସଲ କାଟି ସୁରକ୍ଷିତ କରି ରଖିବା ପାଇଁ କୁହାଯାଇଛି।ପାନୀୟ ଜଳର ବିଶୋଧନ (Chlorination), ଡାକ୍ତରଖାନାରେ ଆବଶ୍ୟକୀୟ ଔଷଧ (ସାପକାଟା ଇଞ୍ଜେକ୍ସନ, କ୍ଲୋରିନ୍ ବଟିକା) ଏବଂ ବିଦ୍ୟୁତ୍/ ଯୋଗାଯୋଗ ବ୍ୟବସ୍ଥା ତ୍ୱରିତ ପୁନରୁଦ୍ଧାର ପାଇଁ ଅତିରିକ୍ତ ସରଞ୍ଜାମ ପ୍ରସ୍ତୁତ ରଖାଯାଇଛି। ବିପର୍ଯ୍ୟୟ ସମୟରେ ପଶୁମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବା ସହ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ମୋବାଇଲ୍ ଟିମ୍ ଜରିଆରେ ଜରୁରୀ ଚିକିତ୍ସା ଯୋଗାଇ ଦିଆଯିବା ଓ ପ୍ରଭାବିତ ଅଞ୍ଚଳରେ ପଶୁମାନଙ୍କ ପାଇଁ ପଶୁଖାଦ୍ୟ ବଣ୍ଟନର ବ୍ୟବସ୍ଥା କରାଯିବ ।ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ପହଞ୍ଚାଇବା ପାଇଁ ବାତ୍ୟା ଓ ବନ୍ୟା ଆଶ୍ରୟ ସ୍ଥଳୀ କରାଯାଇଅଛି। ଜନସାଧାରଣଙ୍କୁ କୌଣସି ପ୍ରକାର ଗୁଜବ ପ୍ରତି କାନ ନ ଦେଇ ପ୍ରଶାସନର ମାର୍ଗଦର୍ଶନ ଓ ନିର୍ଦ୍ଦେଶକୁ ମାନି ସତର୍କ ରହିବାକୁ ଅନୁରୋଧ କରାଯାଇଛି। ସମ୍ପୃକ୍ତ ନୋଡାଲ ଅଧିକାରୀ ମାନଙ୍କୁ ବନ୍ୟା ଅଞ୍ଚଳର ଦାୟିତ୍ୱ ନ୍ୟସ୍ତ କରାଯାଇଛି ଓ ଏକ WhatsApp ଗ୍ରୁପ୍ କରି ସେଥିରେ ସମ୍ପୃକ୍ତ ଅଧିକାରୀ ଓ କାର୍ଯ୍ୟକର୍ତ୍ତାଙ୍କୁ ସଂଶ୍ଳିଷ୍ଟ କରାଯାଇଛି।

### ସମ୍ଭାବ୍ୟ ବାତ୍ୟା ମୁକାବିଲା...

ବାପଟଲା ଏବଂ ବିଶାଖାପଟନମ୍ ମଧ୍ୟରେ ଅତିକ୍ରମ କରିବା ନେଇ ଆଇଏମଡି ଆକଳନ କରିଛି। ଅନ୍ୟ ପକ୍ଷରେ ବାତ୍ୟାର ପ୍ରଭାବ ଓଡିଶାର କିଛି ଜିଲ୍ଲାରେ ମଧ ପଡିବ। ଓଡିଶାର କିଛି ଜିଲ୍ଲାରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି ।ଏହାକୁ ଦୃଷ୍ଟିରେ ରଖି ବାତ୍ୟା ମୁକାବିଲା ପାଇଁ ୮ ମନ୍ତ୍ରୀଙ୍କୁ ୮ ଜିଲ୍ଲା ଦାୟିତ୍ୱଦିଆଯାଇଛି ।କୋରାପୁଟ ଜିଲ୍ଲା ପାଇଁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ରାୟଗଡ଼ା ଜିଲ୍ଲା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାକୁ ଦାୟିତ୍ୱ ଦିଆଯାଇଛି। ସେହିପରି ନବରଙ୍ଗପୁର ଜିଲ୍ଲା ପାଇଁ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମାଲକାନଗିରି ଜିଲ୍ଲା ପାଇଁ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କନ୍ଧମାଳ ଜିଲ୍ଲା ପାଇଁ ରବି ନାଏକ, କଳାହାଣ୍ଡି ଜିଲ୍ଲା ପାଇଁ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଗଞ୍ଜାମ ଜିଲ୍ଲା ପାଇଁ ମନ୍ତ୍ରୀ ବିଭୂତି ଜେନା , ଗଜପତି ଜିଲ୍ଲା ପାଇଁ ସୂର୍ଯ୍ୟବଂଶୀ ସୂରଜଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ମନ୍ତ୍ରୀମାନେ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ନିଜ ନିଜ ଜିଲ୍ଲାରେ ଉପସ୍ଥିତ ରହି ବାତ୍ୟା ପ୍ରଶମନ ଓ ରିଲିଫ୍ କାର୍ଯ୍ୟର ସମୀକ୍ଷା କରିବେ।

## ମାଳହାଟରେ ଧୂମଧାମରେ ଆରମ୍ଭ ହେଲା ଗଜଲକ୍ଷ୍ମୀ ପୂଜା

ଧର୍ମଶାଳା, ୨୫ /୧୦ ( ଅକ୍ଷର ଓଡ଼ିଶା):ଉତ୍ସବମୁଖର ହୋଇଉଠିଛି ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ମାଳହାଟ ଗ୍ରାମ। ଶାରଦୀୟ ଦୁର୍ଗୋତ୍ସବ ପରେ ଏବେ ଗ୍ରାମର ବିଭିନ୍ନ ପୂଜା ମଣ୍ଡପରେ ଧନ ଓ ସମୃଦ୍ଧିର ଦେବୀ ମା' ଗଜଲକ୍ଷ୍ମୀ ଶ୍ରଦ୍ଧା ଓ ଭକ୍ତିର ସହିତ ପୂଜା ପାଉଛନ୍ତି।ମା'ଙ୍କର ଏହି ବାର୍ଷିକ ପୂଜା



### ୩ ଦିନ ଧରି ଚାଲିବ ସାଂସ୍କୃତିକ କାର୍ଯ୍ୟକ୍ରମ

ଚଳିତ ଅକ୍ଟୋବର ୨୫ ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ୨୭ ତାରିଖ ପର୍ଯ୍ୟନ୍ତ ମୋଟ ୩ ଦିନ ଧରି ବେଶ୍ ଆଡ଼ମ୍ବର ସହକାରେ ପାଳିତ ହେବ। ଏହି ଉପଲକ୍ଷେ ବିଭିନ୍ନ ମଣ୍ଡପଗୁଡ଼ିକୁ ରଙ୍ଗବେରଙ୍ଗର ଆଲୋକମାଳା ଓ ନୟନପ୍ରୀତିକର ତୋରଣରେ ସଜ୍ଜିତ କରାଯାଇଛି। ମା'ଙ୍କ ଦର୍ଶନ ପାଇଁ ସନ୍ଧ୍ୟା ସମୟରେ ମଣ୍ଡପଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମୁଛି। ପୂଜା ଅବସରରେ ଶ୍ରଦ୍ଧାଳୁ ଓ ଗ୍ରାମବାସୀଙ୍କ ମନୋରଞ୍ଜନ ପାଇଁ ୩ ଦିନ ଧରି ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ପୂଜା କମିଟି ଓ ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାର ସହ ପରିଚାଳିତ ହେଉଛି, ଯାହାଫଳରେ ସମଗ୍ର ମାଳହାଟ ଗ୍ରାମରେ ଏକ ଆଧ୍ୟାତ୍ମିକ ଓ ଆନନ୍ଦମୟ ପରିବେଶ ସୃଷ୍ଟି ହୋଇଛି।

## ସୁକିନ୍ଦାରେ ଅବକାରୀ ବିଭାଗର ମିଳିତ ଚଢ଼ାଉ

### ୪ ହଜାର କେଜି ପୋଚ ନଷ୍ଟ, ୬୫୦ ଲିଟର ଚୋରା ମଦ ଜବତ



ଯାଜପୁର ୨୫/୧୦ (ଅକ୍ଷର ଓଡ଼ିଶା):ଯାଜପୁର ଜିଲ୍ଲା ଅବକାରୀ ଅଧୀକ୍ଷକ ଅଜୟ କୁମାର ବେହେରାଙ୍କ ନିର୍ଦ୍ଦେଶକ୍ରମେ ଆଜି (୨୫ ଅକ୍ଟୋବର) ସୁକିନ୍ଦା ଥାନା ଅନ୍ତର୍ଗତ ହରିପୁର ଓ ଅଶୋକଝର ଅଞ୍ଚଳରେ ଏକ ବଡ଼ଧରଣର ମିଳିତ ଅବକାରୀ ଚଢ଼ାଉ ଅନୁଷ୍ଠିତ ହୋଇଯାଇଛି। ଏହି ଚଢ଼ାଉରେ ବିପୁଳ ପରିମାଣର ବେଆଇନ ମଦ ଓ ଗୁଡ଼ ପୋଚ ଜବତ ହେବା ସହ ନଷ୍ଟ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଜିଲ୍ଲା ଭ୍ରାମ୍ୟମାଣ ସ୍କ୍ୱାଡ୍ ଓ ଯାଜପୁର ରୋଡ୍ ରେଞ୍ଜ୍‌ର ଅବକାରୀ ନିରୀକ୍ଷକ କେଶବ ଚନ୍ଦ୍ର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଅପରେସନ୍ ପରିଚାଳିତ ହୋଇଥିଲା। ଏଥିରେ ଜିଲ୍ଲା ଭ୍ରାମ୍ୟମାଣ ସ୍କ୍ୱାଡ୍, ଯାଜପୁର ରୋଡ୍ ରେଞ୍ଜ୍ ଏବଂ ସୁକିନ୍ଦା ଅବକାରୀ ଷ୍ଟେସନ୍ର ମିଳିତ ଟିମ୍ ସାମିଲ ହୋଇଥିଲେ। ଚଢ଼ାଉ ସମୟରେ ନିର୍ବାହୀ ମାଜିଷ୍ଟ୍ରେଟ୍ ଉପସ୍ଥିତ ଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏପିଆର୍ ଫୋର୍ସ ମୁତୟନ କରାଯାଇଥିଲା। ଚଢ଼ାଉ ସମୟରେ ଚୋରା ମଦ ପ୍ରସ୍ତୁତି ପାଇଁ ଉଦ୍ଦିଷ୍ଟ ପ୍ରାୟ ୪,୦୦୦ କିଲୋଗ୍ରାମ ଗୁଡ଼/ଫର୍ମେଣ୍ଟେଡ୍ ପୋଚ ଘଟଣାସ୍ଥଳରେ ନଷ୍ଟ କରାଯାଇଛି। ଏହା ସହିତ ୬୫୦ ଲିଟର ଚୋରା ରନ୍ଧା ମଦ ଜବତ କରାଯାଇଛି। ଏହି ଘଟଣାରେ ଅବକାରୀ ବିଭାଗ ପକ୍ଷରୁ ୨ଟି ପୃଥକ ମାମଲା ରୁଜୁ ହୋଇଛି। ଏହି ଚଢ଼ାଉରେ ଜିଲ୍ଲା ଭ୍ରାମ୍ୟମାଣ ସ୍କ୍ୱାଡ୍ ଏସ୍.ଆଇ. ଶ୍ରୀମତୀ ଭାରତୀ ନାୟକ, ସୁକିନ୍ଦା ଅବକାରୀ ଥାନା ଓଆଇସି କୁମାରୀ ପ୍ରିୟମ୍ବିତା ଓଝା, ଏଏସ୍‌ଆଇ ଦେବକାନ୍ତ ଆଚାର୍ଯ୍ୟଙ୍କ ସମେତ ଅବକାରୀ କନଷ୍ଟେବଲ୍ ରାକେଶ କୁମାର ମୁର୍ମୁ, ଧବଳେଶ୍ୱର ମହାନ୍ତି ଓ ଗଣେଶ ଦଣ୍ଡପାଟ ପ୍ରମୁଖ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଅଞ୍ଚଳରେ ଚୋରା ମଦ କାରବାର ବିରୋଧରେ ଆଗକୁ ମଧ ଏଭଳି କଡ଼ା ପଦକ୍ଷେପ ଜାରି ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

ବୁଗୁଡା : ୨୫/୧୦/(ଅକ୍ଷର ଓଡିଶା ): ବୁଗୁଡ଼ା ନିକଟସ୍ଥ ବଡଦିଆପଲ୍ଲୀ ଓ ଢୁଙ୍କାପଡା ଉଭୟ ଗାଁକୁ ସଂଯୋଗ କରୁଥିବା ରାସ୍ତାରେ ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର ହୋଇ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି। ଗୁରୁତର ଯୁବକ ଜଣକ ହେଲେ ପୋଲସରା ଥାନା ଅନ୍ତର୍ଗତ ରୁମାଗଡ ଗାଁର ଅମର କୁମାର ନାୟକ(୪୦)। ଘଟଣାରୁ ପ୍ରକାଶ ଯେ, ଅମର ଓ ତାଙ୍କର ସାଥୀ କୁମର ନାଇକ(୨୮) କୌଣସି କାମରେ ଢୁଙ୍କାପଡା ଯାଇ ସେଠାରୁ ବାଇକରେ ଫେରୁଥିବା ବେଳେ ବଡଦିଆପଲ୍ଲୀ ଗାଁ ପୂର୍ବରୁ ଏକ ବୁଲାଣି ରାସ୍ତାରେ ଅନ୍ୟ ଏକ ବାଇକ ସହ ଧକ୍କା ହେବା ଫଳରେ ଦୁହେଁ ଆହତ ହୋଇଥିଲେ। ଘଟଣା ସ୍ଥଳରୁ ଉଭୟଙ୍କୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଅଣାଯାଇଥିଲା। ଦୁର୍ଘଟଣାରେ ଅମରଙ୍କ ଡାହାଣ ଗୋଡ ଭାଙ୍ଗି ଯାଇଥିବା ବେଳେ ତାଙ୍କର ସାଥିର ଡାହାଣ ଗୋଡରେ ଆଘାତ ଲାଗିଥିଲା। ମେଡିକାଲରେ ଦୁହିଁଙ୍କ ପ୍ରାଥମିକ ଚିକିତ୍ସା ପରେ ଅମରଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା।

## ବିଜେଡିର ମିଶ୍ରଣ ପର୍ବ

ଯାଜପୁର ୨୫/୧୦ (ଅକ୍ଷର ଓଡ଼ିଶା):ଯାଜପୁର ବ୍ଲକ୍ ଅନ୍ତର୍ଗତ ସିମିଳିଆ ପଞ୍ଚାୟତରେ ବିଜୁ ଜନତା ଦଳର ଏକ ବିଶାଳ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ସଠିଆଟିକିରି, ମେରକହଂସନପୁର ଏବଂ ଦରାଜପୁର ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ବିଜେପି ଓ କଂଗ୍ରେସ କର୍ମୀ ଦଳ ତ୍ୟାଗ କରି ଆନୁଷ୍ଠାନିକ ଭାବେ ବିଜେଡିରେ ଯୋଗ ଦେଇଛନ୍ତି।ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ ଏବଂ ଯୁବନେତା ଭବ ପ୍ରସାଦ ଦାସଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ଏହି କର୍ମୀମାନେ ପୂର୍ବତନ ବିଧାୟକଙ୍କ ଯାଜପୁରସ୍ଥିତ ବାସଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡିରେ ସାମିଲ ହୋଇଥିଲେ। ପୂର୍ବତନ ମନ୍ତ୍ରୀ ଶ୍ରୀ ଦାସ ସମସ୍ତ ନୂତନ କର୍ମୀଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଦଳକୁ ସ୍ୱାଗତ କରିଥିଲେ। ଯାଜପୁର ବ୍ଲକ୍ ବିଜେଡି ସଭାପତି ପରେଶ ବିଶ୍ୱାଳ, ବ୍ଲକ୍ ଯୁବ ସଭାପତି ଅଜୟ କୁମାର ମହାନ୍ତି, ସିମିଳିଆ ସମିତି ସଭ୍ୟ ରାଜକିଶୋର ଜେନା ଏବଂ ପଞ୍ଚାନନ ପାଣିଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ଏହି ମିଶ୍ରଣ ପର୍ବ ମହାସମାରୋହରେ ପରିଚାଳିତ ହୋଇଥିଲା।

## ରାୟଗଡ଼ା ଜିଲ୍ଲା ସାମ୍ବାଦିକ ସଂଘରେ ମିଶିଲା ମୁନିଗୁଡା ମିଡ଼ିଆ

ରାୟଗଡା, ୨୫/୧୦ (କୈଳାସ ସାଇଁ) : ଆଞ୍ଚଳିକ ସାମ୍ବାଦିକତାକୁ ଅଧିକ ସଂଗଠିତ ଏବଂ ଶକ୍ତିଶାଳୀ କରିବା ପାଇଁ ରାୟଗଡ଼ା ଜିଲ୍ଲାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ମୁନିଗୁଡା ଅଞ୍ଚଳର ଅଗ୍ରଣୀ ସାମ୍ବାଦିକ ସଂଗଠନ 'ମୁନିଗୁଡା ମିଡ଼ିଆ ମଞ୍ଚ' ଆନୁଷ୍ଠାନିକ ଭାବେ ରାୟଗଡ଼ା ଜିଲ୍ଲା ସାମ୍ବାଦିକ ସଂଘ ସହ ଅନୁବନ୍ଧିତ ହୋଇଛି। ଗତ ରବିବାର ରାୟଗଡା ସହର ସ୍ଥିତ ହୋଟେଲ କୈଳାସରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ବୈଠକରେ ଉଭୟ ସଂଗଠନର କର୍ମକର୍ତ୍ତା ଓ ସଦସ୍ୟମାନଙ୍କ ଉପସ୍ଥିତିରେ ଏହି ନିଷ୍ପତ୍ତି ନିଆଯାଇଥିଲା। ଏଣିକି ମୁନିଗୁଡା ମିଡ଼ିଆ ମଞ୍ଚର ସମସ୍ତ ସଦସ୍ୟ ଜିଲ୍ଲା ସାମ୍ବାଦିକ ସଂଘର ସହଭାଗୀ ଭାବେ କାର୍ଯ୍ୟ କରିବେ ।ଏହି ଅବସରରେ ଜିଲ୍ଲା ସାମ୍ବାଦିକ ସଂଘର କାର୍ଯ୍ୟକାରୀ ସଭାପତି ଶ୍ୟାମ କୁମାର ଦାଶ ମୁନିଗୁଡା



ମିଡ଼ିଆ ମଞ୍ଚର ସମସ୍ତ ସଭ୍ୟଙ୍କୁ ସ୍ୱାଗତ କରିଥିଲେ। ସଂଘର ଯୁବ ସାମ୍ବାଦିକ ତପନ କାଡ୍ରାକା ଓ ଦୀପକ ଗେଡ଼ାପୁ ସମସ୍ତ ସଭ୍ୟଙ୍କୁ ପୁଷ୍ପ ଦେଇ ସମ୍ବର୍ଦ୍ଧିତ କରିଥିଲେ, ମଞ୍ଚର ସଭାପତି ଦେବେନ୍ଦ୍ର ନାୟକଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରିଥିଲେ ଏମ୍. ବିଦ୍ୟାସାଗର। ସଭାର ଅଧକ୍ଷ ଡଃ ବାଦଲ କୁମାର ତା କୃତ୍ରିମ ବୁଦ୍ଧିମତା (AI) ବ୍ୟବହାର କରି ବିଶ୍ଳେଷଣାତ୍ମକ ସମ୍ବାଦ ପରିବେଷଣ ବର୍ତ୍ତମାନ ସମୟର ଆହ୍ୱାନ ବୋଲି କହିଥିଲେ। ବରିଷ୍ଠ ସାମ୍ବାଦିକ ଦୀପକ କୁମାର ପୃଷ୍ଟି ନିଜ ସ୍ୱାର୍ଥ ପାଇଁ ସଂଘକୁ ବ୍ୟବହାର ନକରିବାକୁ ପରାମର୍ଶ ଦେଇଥିଲେ। ଏହି ଅନୁବନ୍ଧନ ପର୍ବରେ ରାମ ପ୍ରକାଶ କରକରିଆ, ହାଡ଼ିପା ଗୌଡ଼, କୁଶ ପାଢ଼ୀ, ରମାକାନ୍ତ ପୋଡ଼ାଳ, ଅରୁଣ ସାହୁ, ସୁରେନ୍ଦ୍ର ଗୌଡ଼, ଜିତେନ୍ଦ୍ର ପାଢ଼ୀ, ମନୋଜ ଜେନା, ନିତ୍ୟାନନ୍ଦ ବୈଷ୍ଣବ, ନରୋତ୍ତମ ପାଢ଼ୀ, ମହେଶ ବହରା, ଶଙ୍କର କୌଶଲ୍ୟା, କୈଳାସ ସାଇଁ, ଲଳିତ ନାଗ, ଅଜୟ ରଥ, ଅଜିତ ଗୌଡ଼, ଉମାକାନ୍ତ ନେମାଲପୁରୀ, ଲକ୍ଷ୍ମୀକାନ୍ତ ବେହେରା, କୃପାସିନ୍ଧୁ କୋସଲିଆ, ଭଗବାନ କରକରିଆ, ଦୟାନିଧି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଭୁବନେଶ୍ୱରରେ କନ୍ଧମାଳ ଫଟୋଗ୍ରାଫର୍ସ ଆସୋସିଏସନ୍‌କୁ ସମ୍ମାନ



କନ୍ଧମାଳ, ୨୫/୨୦ (ଅକ୍ଷର ଓଡିଶା )ଫଟୋଗ୍ରାଫି କ୍ଷେତ୍ରରେ କନ୍ଧମାଳ ଜିଲ୍ଲା ପାଇଁ ଆସିଛି ଏକ ଗର୍ବ ଓ ଗୌରବର ମୁହୂର୍ତ୍ତ। ଭୁବନେଶ୍ୱରସ୍ଥିତ SOA ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ଅଲ୍ ଓଡ଼ିଶା ଫଟୋଗ୍ରାଫର୍ସ ସିଣ୍ଡିକେଟ୍‌ର କାର୍ଯ୍ୟକ୍ରମରେ କନ୍ଧମାଳ ଫଟୋଗ୍ରାଫର୍ସ ଆସୋସିଏସନ୍‌କୁ ସମ୍ମାନିତ କରାଯାଇଛି ।ଏହି ସମ୍ମାନ କନ୍ଧମାଳ ଜିଲ୍ଲାର ଫଟୋଗ୍ରାଫର୍‌ମାନଙ୍କ ମଧ୍ୟରେ ନୂତନ ଉତ୍ସାହ, ଆନନ୍ଦ ଓ ଗର୍ବର ଭାବନା ସୃଷ୍ଟି କରିଛି। ଫଟୋଗ୍ରାଫି କେବଳ ଏକ କଳା ନୁହେଁ, ବରଂ ଜୀବନର ଅମୂଲ୍ୟ ସ୍ମୃତିକୁ କ୍ୟାମେରା ମାଧ୍ୟମରେ ସାଇତି ରଖିବାର ଏକ ଅନନ୍ୟ ମାଧ୍ୟମ ।ଏହି ଗୌରବମୟ ଅବସରରେ କନ୍ଧମାଳ ଫଟୋଗ୍ରାଫର୍ସ ଆସୋସିଏସନ୍ ପକ୍ଷରୁ ରାଜେଶ ପାଣିଗ୍ରାହୀ, ଶିବାଜୀ ଜେନା, ସନ୍ତୋଷ ଦଳାଇ, ବଳବନ୍ତ ଭୋକ୍ତା, ଦୁଷ୍ମନ୍ତ ଭୋକ୍ତା, ସମୀୟରଞ୍ଜନ ସାହାଣୀ, ଆଲୋକ ମଲ୍ଲିକ, ଅମିତ, ଦୀକ୍ଷିତ ଓ ମନୋଜଙ୍କ ସମେତ ଅନ୍ୟ ସଦସ୍ୟମାନେ ଜଡ଼ିତ ଥିଲେ ।ଏହି ସମ୍ମାନ କନ୍ଧମାଳ ଜିଲ୍ଲାର ଫଟୋଗ୍ରାଫର୍‌ମାନଙ୍କ ଏକତା, ସହଯୋଗ ଓ ସାଂଗଠନିକ ମନୋଭାବର ପ୍ରତୀକ। ଏହା ଜିଲ୍ଲାର ଫଟୋଗ୍ରାଫି କ୍ଷେତ୍ରକୁ ଆଗକୁ ନେବା ସହ ଫଟୋଗ୍ରାଫର୍‌ମାନଙ୍କୁ ନୂତନ ଦିଗରେ ଆଗେଇ ଯିବା ପାଇଁ ପ୍ରେରଣା ଯୋଗାଇବ ବୋଲି ଆଶା କରାଯାଉଛି ।ସାମଗ୍ରିକ ଭାବେ, ଏହି ସମ୍ମାନ କନ୍ଧମାଳ ଜିଲ୍ଲାର ଫଟୋଗ୍ରାଫି ଜଗତ ପାଇଁ ଏକ ସ୍ମରଣୀୟ ଓ ଗୌରବମୟ ଅଧ୍ୟାୟ ହୋଇ ରହିବ।

## ରାଷ୍ଟ୍ରୀୟ ଏକତା ଦିବସରେ ଯୋଗଦେବେ ନୂଆପଡ଼ା ଜିଲ୍ଲାର ୫୦ ଜଣ ପ୍ରତିନିଧି

## ପ୍ରଥମ ପର୍ଯ୍ୟାୟରେ ୩ ପ୍ରତିନିଧିଙ୍କ ଗୁଜରାଟ ଯାତ୍ରା ଆରମ୍ଭ

ନୂଆପଡ଼ା, ୨୫/୧୦( ଅକ୍ଷର ଓଡିଶା ) ଗୁଜରାଟର ଏକତା ନଗରଠାରେ ଆସନ୍ତା ଅକ୍ଟୋବର ୩୧ ତାରିଖରେ ଆୟୋଜିତ ହେବାକୁ ଥିବା ରାଷ୍ଟ୍ରୀୟ ଏକତା ଦିବସ ୨୦୨୬ ଏବଂ ଭାରତ ପର୍ବ୨୦୨୬ରେ ନୂଆପଡ଼ା ଜିଲ୍ଲାରୁ ୫୦ ଜଣ ଆମନ୍ତ୍ରିତ ପ୍ରତିନିଧି ଯୋଗଦେବେ। ପ୍ରଥମ ପର୍ଯ୍ୟାୟରେ ରବିବାର ସକାଳେ ଖରିଆର ରୋଡ୍ ରେଳ ଷ୍ଟେସନରୁ ଜିଲ୍ଲାର ୩ ଜଣ ପ୍ରତିନିଧି ଗୁଜରାଟ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି ।ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଏସ୍‌ଡିପିଓ କ୍ଷିରେଶ୍ୱର ସାହୁ, ଡେପୁଟି ଜିଲ୍ଲାପାଳ ଶେଖ ନସିମ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସ ଏବଂ ବିଜେପି ଜିଲ୍ଲା ସଭାପତି କମଳେଶ ଦୀକ୍ଷିତଙ୍କ ସମେତ ଅନ୍ୟମାନେ ଖରିଆର ରୋଡ୍ ରେଳ ଷ୍ଟେସନରେ ଉପସ୍ଥିତ ରହି ପ୍ରତିନିଧିମାନଙ୍କୁ ବିଦାୟ ଜଣାଇବା ସହ ସେମାନଙ୍କର ସୁଖଦ ଓ ନିରାପଦ ଯାତ୍ରା




କାମନା କରିଥିଲେ ।ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଗୁଜରାଟର ଏକତା ନଗରସ୍ଥିତ 'ଷ୍ଟାଚ୍ୟୁ ଅଫ୍ ୟୁନିଟି'ଠାରେ ଭାରତର ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ଭବ୍ୟ ଏକତା ପରେଡ ଆୟୋଜିତ ହେବ। ଚଳିତ ବର୍ଷର ପରେଡରେ ଦେଶରୁ ସଶସ୍ତ୍ର ନକ୍ସଲବାଦର ପରିସମାପ୍ତି ଦିଗରେ ହାସଲ ହୋଇଥିବା ଉଲ୍ଲେଖନୀୟ ସଫଳତାକୁ ବିଶେଷ ଭାବେ ପ୍ରଦର୍ଶିତ କରାଯିବ। ନକ୍ସଲବାଦ ବିରୋଧୀ ଅଭିଯାନରେ ସାହସିକତା ଓ ଉଲ୍ଲେଖନୀୟ ଅବଦାନ ରଖିଥିବା ବିଭିନ୍ନ ରାଜ୍ୟର ପୁଲିସ ବାହିନୀ ଏବଂ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ (ସିଏପିଏଫ୍)ର ପରେଡ ଦଳ ଏଥିରେ ଅଂଶଗ୍ରହଣ କରିବେ ।ଏହି ଅବସରରେ ଦେଶର ଏକଦା ସଶସ୍ତ୍ର ନକ୍ସଲବାଦ ପ୍ରଭାବିତ ୧୨୬ଟି ଜିଲ୍ଲାରୁ ପ୍ରାୟ ୨,୦୦୦ କଳାକାରଙ୍କୁ ନେଇ ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ (ଏନ୍ଏସ୍‌ଡି) ପକ୍ଷରୁ ଏକ ସ୍ୱତନ୍ତ୍ର ସାଂସ୍କୃତିକ ପରିବେଷଣ କରାଯିବ। ନକ୍ସଲ ହିଂସା ସମୟରେ ସାଧାରଣ ଲୋକେ ସାମ୍ନା କରିଥିବା ଦୁର୍ଦ୍ଦଶା, ସଂଘର୍ଷ ଓ ଜୀବନଜୀବିକାର ସମସ୍ୟାକୁ ଏହି ପରିବେଷଣ ମାଧ୍ୟମରେ ଉପସ୍ଥାପନ କରାଯିବ। ଏହି ଜିଲ୍ଲାଗୁଡ଼ିକରୁ ପ୍ରାୟ ୫ ହଜାର ଜଣଙ୍କୁ ଏହି ସମାରୋହରେ ଆମନ୍ତ୍ରଣ କରାଯାଇଛି। ହିଂସାର ଅବସାନ ପରେ ସମ୍ପୃକ୍ତ ଅଞ୍ଚଳଗୁଡ଼ିକରେ ଶାନ୍ତି, ସ୍ଥିରତା ଓ ବିକାଶର ନୂତନ ଧାରା ପ୍ରବାହିତ ହେଉଥିବାର ବାର୍ତ୍ତା ଏହି ଆୟୋଜନ ମାଧ୍ୟମରେ ପ୍ରସାରିତ ହେବ। ଏହି ଜାତୀୟସ୍ତରୀୟ ସମାରୋହରେ ଯୋଗଦେଇ ନୂଆପଡ଼ା ଜିଲ୍ଲାର ପ୍ରତିନିଧିମାନେ ଜାତୀୟ ଏକତା, ଅଖଣ୍ଡତା, ଭାଇଚାରା ଓ ଦେଶପ୍ରେମର ବାର୍ତ୍ତାକୁ ଅଧିକ ଆତ୍ମସାତ୍ କରିବା ସହ ଦେଶର ସମୃଦ୍ଧ ସାଂସ୍କୃତିକ ବିବିଧତା ଓ ଐତିହ୍ୟର ଅନୁଭୂତି ହାସଲ କରିବେ।

# ହାତୀ ଆକ୍ରମଣରେ ଯୁବକଙ୍କ ଶୋଚନୀୟ ମୃତ



ଖଜୁରିଆକଟା ୨୫/୧୦(ନିଳକଣ୍ଠ ଦାସ) ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନମଣ୍ଡଳୀରେ ହାତୀ-ମଣିଷ ଲଢେଇ ଚରମ ସୀମାରେ। ଖବରରୁ ପ୍ରକାଶ ଗତକାଲି ରାତି ୮ଘଣ୍ଟା ସମୟରେ ହିନ୍ଦୋଳ ବନବିଭାଗ ରେଞ୍ଜ କର୍ଣ୍ଣପୁର ବିଟ ତଥା କଣ୍ଟାବଣିଆ ଥାନା ଅନ୍ତର୍ଗତ ସଂଜପଡା ନଢେଇଲ ଗ୍ରାମର ନାକଫୋଡି ଭୋଇଙ୍କ ପୁଅ ସଞ୍ଜୟ ଭୋଇ(୩୬) ଗ୍ରାମ ନିକଟରେ ଥିବା ନିଜ ଧାନବିଲ ଜଗିଥିବାବେଳେ ନିକଟରେ ବଣୁଆ ହାତୀ ପଲ ଭିତରୁ ଗୋଟିଏ ହାତୀ ହଟାତ ଆସି ସଞ୍ଜୟଙ୍କୁ ଶୁଣ୍ଢରେ କଚାଡି ଦଳି ଦେବାରୁ ସେ ଗୁରୁତର ଆହତ ହୋଇଥିଲେ। ତେବେ ଖବରପାଇ ପରିବାର ଓ ବନବିଭାଗ କର୍ମଚାରୀ ତାଙ୍କୁ ହିନ୍ଦୋଳ ଡାକ୍ତରଖାନା ଆଣିବାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ ଏବଂ ପୋଲିସ ବନବିଭାଗ ଶବ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛନ୍ତି । ତେବେ ମୃତକଙ୍କ ପରିବାରକୁ ଆବଶ୍ୟକ କ୍ଷତିପୂରଣ ଦାବି ପରିବାର ଲୋକ କରିଥିବାବେଳେ ମୃତ ସଞ୍ଜୟ ଭୋଇଙ୍କ ପରିବାରକୁ ସମସ୍ତ ସହଯୋଗ ଯୋଗାଇଦିଆଯିବ ବୋଲି ବନବିଭାଗ ସୂତ୍ରରୁ ପ୍ରକାଶ ।

# କାମାକ୍ଷାନଗରରେ ତୃତୀୟ ଜିଲ୍ଲାସ୍ତରୀୟ ତାଇକୋଣ୍ଡୋ ଚାମ୍ପିୟନଶିପ୍ ଅନୁଷ୍ଠିତ




କାମାକ୍ଷାନଗର, ୨୫/୧୦(ସୁମନ୍ତ ଜେନା) କାମାକ୍ଷାନଗର ସହରସ୍ଥିତ ଆଳତୁମା କଲ୍ୟାଣମଣ୍ଡପଠାରେ ତୃତୀୟ ଜିଲ୍ଲାସ୍ତରୀୟ ତାଇକୋଣ୍ଡୋ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏହି ଚାମ୍ପିୟନଶିପ୍‌ରେ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ନିଜ ନିଜର କ୍ରୀଡ଼ା ଦକ୍ଷତା ପ୍ରଦର୍ଶନ କରିଥିଲେ।କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ତାଇକୋଣ୍ଡୋ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ରବିନାରାୟଣ ପାଣିଗ୍ରାହୀ ଯୋଗଦେଇ ଚାମ୍ପିୟନଶିପ୍‌କୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଢେଙ୍କାନାଳ ଜିଲ୍ଲା ତାଇକୋଣ୍ଡୋ ଆସୋସିଏସନ୍‌ର ସଭାପତି ପ୍ରଦ୍ୟୁମ୍ନ ନାୟକ ଉପସ୍ଥିତ ଥିଲେ।ତାଇକୋଣ୍ଡୋ କ୍ରୀଡ଼ାକୁ ରାଜ୍ୟରେ ଅଧିକ ଲୋକାଭିମୁଖୀ କରିବା ସହ ଶିଶୁ ଓ କିଶୋରକିଶୋରୀଙ୍କ ମଧ୍ୟରେ ଆତ୍ମରକ୍ଷା କୌଶଳ, ଶୃଙ୍ଖଳା ଓ ଆତ୍ମବିଶ୍ୱାସ ବୃଦ୍ଧି କରିବା ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ। ବିଶେଷକରି ବାଳିକାମାନଙ୍କୁ ଆତ୍ମରକ୍ଷା କୌଶଳରେ ଦକ୍ଷ କରିବା ଉପରେ ତାଇକୋଣ୍ଡୋ ଆସୋସିଏସନ୍ ପକ୍ଷରୁ ଗୁରୁତ୍ୱ ଦିଆଯାଉଥିବା ଆୟୋଜକଙ୍କ ସୂତ୍ରରୁ ଜଣାପଡ଼ିଛି।କାମାକ୍ଷାନଗର ସହରର ପ୍ରତିଷ୍ଠିତ ତାଇକୋଣ୍ଡୋ ପ୍ରଶିକ୍ଷକ ଚନ୍ଦନ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏହି ଚାମ୍ପିୟନଶିପ୍‌ର ଆୟୋଜନ କରାଯାଇଥିଲା। ଏଭଳି ପ୍ରତିଯୋଗିତା ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ମନୋଭାବ ଓ ଆତ୍ମରକ୍ଷା ପ୍ରତି ସଚେତନତା ବୃଦ୍ଧିରେ ସହାୟକ ହେବ ବୋଲି ଆଶା କରାଯାଉଛି।

# ଧୁମ୍‌ଧାମରେ ପାଳିତ ହେଲା କୁମାର ପୂର୍ଣ୍ଣିମା



କାମାକ୍ଷାନଗର, ୨୫/୧୦(ସୁମନ୍ତ ଜେନା) କାମାକ୍ଷାନଗର ସହର ସମେତ ଆଖପାଖ ଗ୍ରାମାଞ୍ଚଳରେ ପାରମ୍ପରିକ ରୀତିନୀତି ଅନୁଯାୟୀ କୁମାର ପୂର୍ଣ୍ଣିମା ପର୍ବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ସହରଠାରୁ ଗାଁ ପର୍ଯ୍ୟନ୍ତ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଥିବାବେଳେ କୁମାରୀ ଝିଅମାନଙ୍କ ମଧ୍ୟରେ ବିଶେଷ ଉତ୍ସାହ ଓ ଆନନ୍ଦ ପରିଲକ୍ଷିତ ହୋଇଥିଲା।କୁମାର ପୂର୍ଣ୍ଣିମା ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଏକ ଅନନ୍ୟ ପର୍ବ। ପରମ୍ପରା ଅନୁଯାୟୀ, ଆଶ୍ୱିନ ମାସର ପ୍ରଥମାର୍ଦ୍ଧରୁ କୁମାରୀ ଝିଅମାନେ ନିଜ ଭାଇଙ୍କ ଦୀର୍ଘାୟୁ ଓ ମଙ୍ଗଳ କାମନା କରି ସନ୍ଧ୍ୟା ସମୟରେ ତୁଳସୀ ଚଉରା ମୂଳରେ କଳସ ସ୍ଥାପନ କରିବା ସହ ମୁରୁଜ ପକାଇ, ଫୁଲ ଓ ଚନ୍ଦନ ଅର୍ପଣ କରି କୁମାର ଦେବତାଙ୍କୁ ପୂଜାର୍ଚ୍ଚନା କରିଥାନ୍ତି।ପୂର୍ଣ୍ଣିମା ଦିନ ସନ୍ଧ୍ୟାରେ କୁମାରୀ ଝିଅମାନେ ନୂତନ ବସ୍ତ୍ର ପରିଧାନ କରି ତୁଳସୀ ଚଉରା ମୂଳରେ ଏକତ୍ରିତ ହୋଇଥିଲେ। ବିଭିନ୍ନ ପ୍ରକାରର ପାରମ୍ପରିକ ପିଠା ଯଥା ଏଣ୍ଡୁରୀ, କାକରା, ମଣ୍ଡା, ଆରିସା ଆଦି ଭୋଗ ଲଗାଇ ପୂଜା କରିବା ସହ ଚନ୍ଦ୍ର ଦର୍ଶନ ଓ ପାରମ୍ପରିକ ବିଧି ପାଳନ କରିଥିଲେ। ପରେ ଭାଇ-ଭଉଣୀ ମିଳିମିଶି ଆନନ୍ଦ ଓ ଉଲ୍ଲାସର ସହ ପର୍ବ ପାଳନ କରିଥିଲେ।କେବଳ କାମାକ୍ଷାନଗର ସହର ନୁହେଁ, ବ୍ଲକର ବିଭିନ୍ନ ପଞ୍ଚାୟତର ଗ୍ରାମାଞ୍ଚଳରେ ମଧ୍ୟ ଏହି ପର୍ବକୁ ଆନନ୍ଦ ଓ ଉତ୍ସାହର ସହ ପାଳନ କରାଯାଇଥିଲା। ଏହି ପର୍ବ ଭାଇ-ଭଉଣୀଙ୍କ ମଧ୍ୟରେ ସ୍ନେହ, ଶ୍ରଦ୍ଧା ଓ ଭଲପାଇବାର ବନ୍ଧନକୁ ଅଧିକ ମଜବୁତ କରିବା ସହ ଓଡ଼ିଆ ପରମ୍ପରା ଓ ସଂସ୍କୃତିର ମହତ୍ତ୍ୱକୁ ଉଜ୍ଜ୍ୱଳ କରିଛି।

## କାର୍ଯ୍ୟକର୍ତ୍ତାଙ୍କ ସହ ମନ୍ କି ବାତ୍ ଶୁଣିବା ସହିତ କାର୍ଯ୍ୟକର୍ତ୍ତାଙ୍କ ସମସ୍ୟା ବୁଝିଲେ ବିଧାୟକ



ଫୁଲବାଣୀ, ୨୫/୧୦(ମନୋଜ ସାହୁ):: କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ ଅନ୍ତର୍ଗତ ଗଞ୍ଜୁଗୁଡ଼ା ପଞ୍ଚାୟତର ଆମ୍ବପଡ଼ା ବନ ସୁରକ୍ଷା ସମିତି ସଭାଗୃହ ପରିସରରେ କାର୍ଯ୍ୟକର୍ତ୍ତା ଙ୍କ ସହିତ ବସିକି ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' ଶୁଣିବା ସହିତ କାର୍ଯ୍ୟକର୍ତ୍ତା ଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କଲେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ । ଫୁଲବାଣୀ ଗ୍ରାମୀଣ ମଣ୍ଡଳର ସଭାପତି ଗୋଲକ ବିହାରୀ କହଁର ଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା।ଏହି ଅବସରରେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ ଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ ଦଳୀୟ କାର୍ଯ୍ୟକର୍ତ୍ତା ଓ ସମର୍ଥକ ଉପସ୍ଥିତ ଥିଲେ। ବିଧାୟକଙ୍କ ଆଗମନକୁ ନେଇ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ବିଧାୟକ ମଲିକ ତାଙ୍କ ବକ୍ତବ୍ୟ ରେ ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଦେଶର ବିଭିନ୍ନ ପ୍ରାନ୍ତର ସଫଳତା, ଅଭିନବ ପଦକ୍ଷେପ ଓ ଜନସାଧାରଣଙ୍କ ପ୍ରେରଣାଦାୟୀ କାର୍ଯ୍ୟକୁ ଜାଣିବାର ଏକ ମାଧ୍ୟମ ବୋଲି କହିଥିଲେ। ପ୍ରତ୍ୟେକ ମାସର ଶେଷ ରବିବାର ଦିନ ଗ୍ରାମବାସୀ ଏକାଠି ହୋଇ 'ମନ୍ କି ବାତ୍' ଶୁଣିବାକୁ ସେ ଆହ୍ୱାନ ଦେଇଥିଲେ। ପ୍ରାୟ ଏକ ଘଣ୍ଟା ଧରି କାର୍ଯ୍ୟକର୍ତ୍ତାଙ୍କ ସହିତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ ।ବିଶେଷ କରି କାର୍ଯ୍ୟକର୍ତ୍ତା ମାନେ ନେଟୱାର୍କ ସମସ୍ୟା ବିଷୟରେ ବିଧାୟକ ସହିତ ଆଲୋଚନା କରିଥିଲେ ।ବିଧାୟକ କେଉଁ ଗ୍ରାମ ଗୁଡ଼ିକରେ ନେଟୱାର୍କ ସମସ୍ୟା ଅଛି ତାର ଗୋଟେ ତାଲିକା ପ୍ରସ୍ତୁତ କରି ତାଙ୍କୁ ଶୀଘ୍ର ପ୍ରଦାନ କରିବାକୁ କହିଥିଲେ। ତାଲିକା ପାଇଲା ପରେ ବିଧାୟକ ବିଭାଗୀୟ ମନ୍ତ୍ରୀ ଙ୍କ ସହିତ ଆଲୋଚନା କରି ନେଟୱାର୍କ ସମସ୍ୟା ଦୂର କରିବା ପ୍ରୟାସ କରିବି ବୋଲି ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ଆଲୋଚନା ମାଧ୍ୟମରେ କହିଥିଲେ। ବିଧାୟକ କାର୍ଯ୍ୟକର୍ତ୍ତାଙ୍କ ସହିତ ଏକ ଘଣ୍ଟା ଧରି ଆଲୋଚନା କରିଥିବାରୁ କାର୍ଯ୍ୟକର୍ତ୍ତା ମାନେ ବହୁତ ଖୁସି ହୋଇଥଲେ। ଏହି ଆଲୋଚନା ସମୟରେ ଫୁଲବାଣୀ ଗ୍ରାମୀଣ ମଣ୍ଡଳ ଏସ ସି ମୋର୍ଚ୍ଚା ସଭାପତି ଭାଗିରମା ଦିଗାଲ,ଫୁଲବାଣୀ ଗ୍ରାମୀଣ ମଣ୍ଡଳ କୃଷକ ମୋର୍ଚ୍ଚା ସଭାପତି ଉମା ଚରଣ କହଁର, ବୁଥ୍ ସଭାପତି କୃଷ୍ଣ ଚନ୍ଦ୍ର କହଁର, ସମାଜସେବୀ ସୁନୀଲ କୁମାର ପଣ୍ଡା, ଶେଷଦେବ ପଣ୍ଡା ଙ୍କ ସମେତ ୩୦ରୁ ଉର୍ଦ୍ଧ କାର୍ଯ୍ୟ କର୍ତ୍ତା ଉପସ୍ଥିତ ଥିଲେ।

# ହାତୀ ଆକ୍ରମଣରେ ଗଁଦିଆରେ ମାସକରେ ୪ ମୃତ

## ନରହନ୍ତା ଦନ୍ତାକୁ ଟ୍ରାଙ୍କୁଲାଇଜ୍ କରି ଅନ୍ୟତ୍ର ନେବାକୁ ଦାବି, ଜନଆନ୍ଦୋଳନ ଚେତାବନୀ



ମୃତକଙ୍କ ବୋହୂ ଜୟନ୍ତୀ ଦେହୁରୀ କହିଛନ୍ତି, "ଆମ ଘରେ ମୁଁ, ମୋ ସ୍ୱାମୀ ଓ ଶଶୁର ରହୁଛୁ। ଆମ ଘର ଫରେଷ୍ଟ ବିଟ୍‌ର କାନ୍ଥକୁ ଲାଗିଛି। ଘରଠାରୁ ମାତ୍ର ୩୦ ମିଟର ଦୂରରେ ହାତୀ ମୋ ଶଶୁରଙ୍କୁ ଗୋଡ଼ାଇ ଆକ୍ରମଣ କରିଥିଲା।"

ଗଁଦିଆ, ୨୫/୧୦(ବେତୁଜୀ ପ୍ରସାଦ): ଢେଙ୍କାନାଳ ଜିଲ୍ଲାରେ ଥମୁନି ହାତୀ-ମଣିଷ ସଂଘର୍ଷ। କେତେବେଳେ ହାତୀର ଜୀବନ ଯାଉଛି ତ ଆଉ କେତେବେଳେ ନିରୀହ ମଣିଷଙ୍କ ଜୀବନ ନେଉଛି ଦନ୍ତାହାତୀ। ଗତ ଏକ ମାସ ମଧ୍ୟରେ ଗଁଦିଆ ବ୍ଲକର ବିଭିନ୍ନ ଗ୍ରାମରେ ହାତୀ ଆକ୍ରମଣରେ ଚାରି ଜଣଙ୍କ ମୃତ୍ୟୁ ଘଟିବା ପରେ ଅଞ୍ଚଳରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି। ନରହନ୍ତା ଦନ୍ତାହାତୀକୁ ଟ୍ରାଙ୍କୁଲାଇଜ୍ କରି ଅନ୍ୟତ୍ର ନେବାକୁ ଦାବି ହୋଇଥିବା ବେଳେ ପ୍ରଶାସନ ପଦକ୍ଷେପ ନ ନେଲେ ଜନଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି।ରବିବାର ବିଳମ୍ବିତ ରାତିରେ ଷଡ଼ଙ୍ଗୀ ବନାଞ୍ଚଳ ଅନ୍ତର୍ଗତ ଦଲାର ଗ୍ରାମର ଚାଷୀ ଶ୍ରୀଧର ଦେହୁରୀ (୫୫) ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ସେ ସ୍ୱର୍ଗତ କୁଞ୍ଜ ଦେହୁରୀଙ୍କ ପୁଅ। ସେ ଭୁବନ ବ୍ଲକ ଚଣ୍ଡୀପାଳ ଗ୍ରାମର ମୂଳବାସିନ୍ଦା। ଘର ଜୋଇଁଆ ହୋଇ ଦଲାର ରେ ଥିଲେ। ଗ୍ରାମ ନିକଟସ୍ଥ ଚାଷଜମିରେ ଏକ ଗୋଠଛଡ଼ା ଦନ୍ତାହାତୀ ଫସଲ ନଷ୍ଟ କରୁଥିବା ବେଳେ ଶ୍ରୀଧରଙ୍କ ସମେତ ତିନି ଜଣ ଚାଷୀ ତାକୁ ଘଉଡ଼ାଇବାକୁ ଯାଇଥିଲେ। ଏହି ସମୟରେ ହାତୀଟି ପାଲଟା ଆକ୍ରମଣ କରିଥିଲା। ଶ୍ରୀଧର ଗୁରୁତର ହୋଇପଡ଼ିଥିବା ବେଳେ ଅନ୍ୟ ଦୁଇ ଚାଷୀ ମୁରଲୀ ଦାଶ ଓ ବୁଲା ମଲ୍ଲିକ ଦୌଡ଼ି ପଳାଇ ଜୀବନ ବଞ୍ଚାଇଥିଲେ।ଖବର ପାଇ ବନ ବିଭାଗ ଶ୍ରୀଧରଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ ଡାକ୍ତରଖାନାରେ ପହଞ୍ଚି ମୃତକଙ୍କ ପରିବାରକୁ ସହଯୋଗ କରିଥିଲେ। ଘଟଣାକୁ ନେଇ ଦଲାର ଗ୍ରାମରେ ଶୋକର ଛାୟା ଖେଳିଯାଇଛି।



### ସନ୍ଧ୍ୟାରେ କଥା ହୋଇଥିଲି ରାତିରେ ମୃତ୍ୟୁ ଖବର ପାଇଲି

ଶ୍ରୀଧରଙ୍କ ମୃତ୍ୟୁ ଖବର ତାଙ୍କ ସାଥୀଙ୍କୁ ମର୍ମାହତ କରିଛି। ସାଥୀ ଛେଳି ଚରାଳି ରାଧୁଆ ନାୟକ ଦୁଃଖ ପ୍ରକାଶ କରି କହିଛନ୍ତି, "ସନ୍ଧ୍ୟାରେ ଶ୍ରୀଧରଙ୍କ ସହ କଥା ହୋଇଥିଲି। ରବିବାର ମାଛ ମାରି ଆଣିଲେ ମୋତେ ଦେବେ ବୋଲି କହିଥିଲେ। ହେଲେ ଦେଖୁ ଦେଖୁ ରାତିରେ ହାତୀ ତାଙ୍କ ଜୀବନ ନେଇଗଲା।"ମୃତକଙ୍କ ବୋହୂ ଜୟନ୍ତୀ ଦେହୁରୀ କହିଛନ୍ତି, "ଆମ ଘରେ ମୁଁ, ମୋ ସ୍ୱାମୀ ଓ ଶଶୁର ରହୁଛୁ। ଆମ ଘର ଫରେଷ୍ଟ ବିଟ୍‌ର କାନ୍ଥକୁ ଲାଗିଛି। ଘରଠାରୁ ମାତ୍ର ୩୦ ମିଟର ଦୂରରେ ହାତୀ ମୋ ଶଶୁରଙ୍କୁ ଗୋଡ଼ାଇ ଆକ୍ରମଣ କରିଥିଲା।"

### ମାସକରେ ଚାରି ମୃତ, ବଢୁଛି ଜନଅସନ୍ତୋଷ



ସୂଚନା ଅନୁଯାୟୀ, ସେପ୍ଟେମ୍ବର ୨୧ ତାରିଖରେ ରମେଇ ଖମାର ଗ୍ରାମର ପ୍ରମୋଦ ଭୋଇ (୪୩) ହାତୀ ଆକ୍ରମଣରେ ପ୍ରାଣ ହରାଇଥିଲେ। ଅକ୍ଟୋବର ୬ ତାରିଖରେ ଷଡ଼ଙ୍ଗୀ ରେଞ୍ଜ ଅନ୍ତର୍ଗତ ବରଦା ଗ୍ରାମର ରୋହିତ ମହାନ୍ତିଙ୍କ ମୃତ୍ୟୁ ହୋଇଥିଲା। ସେହିପରି ଅକ୍ଟୋବର ୧୨ ତାରିଖରେ ଇଲେଇଜଙ୍ଗ ଗ୍ରାମର ଅଲେଖ ନାୟକ ନାମଧାରୀ ବ୍ୟକ୍ତି ଭଉଣୀଙ୍କ ଶବଦାହରୁ ଫେରୁଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ଏହି ଲଗାତାର ମୃତ୍ୟୁ ଘଟଣା ଅଞ୍ଚଳବାସୀଙ୍କ ଚିନ୍ତା ବଢ଼ାଇଛି।ଅବସରପ୍ରାପ୍ତ ପୁଲିସ କର୍ମଚାରୀ ମୁକ୍ତିରଞ୍ଜନ ଦାସ କହିଛନ୍ତି, "ମାସକ ମଧ୍ୟରେ ଗଁଦିଆ ବ୍ଲକର ବିଭିନ୍ନ ସ୍ଥାନରେ ଏହି ଦନ୍ତାହାତୀ ଚାରି ଜଣଙ୍କ ଜୀବନ ନେଲାଣି। ସରକାର ହାତୀକୁ ଟ୍ରାଙ୍କୁଲାଇଜ୍ କରି ଅନ୍ୟତ୍ର ନେବାକୁ ଯୋଜନା କରନ୍ତୁ। ନଚେତ୍ ଜନଆନ୍ଦୋଳନ ହେବ।"

### ଲୋକଙ୍କୁ ସଚେତନ କରାଯାଉଛି: ରେଞ୍ଜର

ଅନ୍ୟପକ୍ଷରେ ଷଡ଼ଙ୍ଗୀ ରେଞ୍ଜର ରାକେଶ କୁମାର ଦଳେଇ କହିଛନ୍ତି, "ବାରମ୍ବାର ଗ୍ରାମବାସୀଙ୍କୁ ସଚେତନ କରାଯାଉଛି। ଗାଁରେ ହାତୀ ଥିବା ସମୟରେ ତାକୁ ଉତ୍ତ୍ୟକ୍ତ ନ କରିବାକୁ କୁହାଯାଉଛି। କିନ୍ତୁ କେତେକ ଲୋକ ଏହାକୁ ମାନୁନାହାନ୍ତି, ଫଳରେ ହାତୀ ଆକ୍ରମଣ କରୁଛି। ମୃତକ ଓ ଆହତଙ୍କୁ ସହାୟତା ଯୋଗାଇବା ପାଇଁ ବିଭାଗ ତତ୍କାଳ ପଦକ୍ଷେପ ନେଉଛି।"ହାତୀ ଆକ୍ରମଣରେ ଜୀବନହାନି ସହ ଚାଷଜମିରେ ଫସଲ ନଷ୍ଟ ହେବା ଘଟଣା ଚାଷୀଙ୍କ ଚିନ୍ତା ବଢ଼ାଇଛି। ଏଭଳି ସ୍ଥିତିରେ ହାତୀର ଗତିବିଧି ଉପରେ ନଜର ରଖିବା, ଜନଜୀବନର ସୁରକ୍ଷା ଓ ମୃତକଙ୍କ ପରିବାରକୁ ଉଚିତ କ୍ଷତିପୂରଣ ପ୍ରଦାନ ଦିଗରେ ବନ ବିଭାଗ ଓ ପ୍ରଶାସନ କି ପଦକ୍ଷେପ ନେଉଛନ୍ତି, ତାହା ଏବେ ଅଞ୍ଚଳବାସୀଙ୍କ ଅପେକ୍ଷା।

# ଆମ ଗହଣରୁ ଲିଭିଗଲେ କାବ୍ୟଜଗତର ଅନନ୍ୟ ସାଧକ କବି ଯୋଗିନାଥ ରାଉଳ

## କରଣୀ ଧରି ଗଢୁଥିଲେ ମନ୍ଦିର ଓ ଗୃହ, ଲେଖନୀ ଧରି ରଚୁଥିଲେ ଅମର କାବ୍ୟ



ଗଁଦିଆ ୨୫/୧୦(ବେତୁଜୀ ପ୍ରସାଦ): ଆଉ ଶୁଭିବନି ତାଙ୍କ କବିତାର ସ୍ୱର, ଆଉ ଦେଖିବାକୁ ମିଳିବନି ତାଙ୍କ ସୃଜନଶୀଳ ପ୍ରତିଭାର ଝଲକ। ସବୁଦିନ ପାଇଁ ନିରବ ହୋଇଗଲା ଜଣେ ସାହିତ୍ୟ ସାଧକଙ୍କ ଲେଖନୀ। ଆମ ମାଟିର ଅନ୍ୟତମ ପ୍ରତିଭାବାନ କବି ଯୋଗିନାଥ ରାଉଳଙ୍କ ବିୟୋଗରେ ସାହିତ୍ୟ ଜଗତରେ ଖେଳିଯାଇଛି ଶୋକର ଛାୟା। ୨୦୨୬ ଅକ୍ଟୋବର ୨୪ ତାରିଖରେ କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କର ବିୟୋଗ କେବଳ ଏକ ପରିବାର ପାଇଁ ନୁହେଁ, ବରଂ ମାଟି ଓ ସାହିତ୍ୟକୁ ଭଲ ପାଉଥିବା ସମସ୍ତଙ୍କ ପାଇଁ ଏକ ଅପୂରଣୀୟ କ୍ଷତି। ୧୯୩୮ ମସିହା ଅଗଷ୍ଟ ୧୩ ତାରିଖରେ ପିତା ନଟବର ରାଉଳ ଓ ମାତା ଗୁରୁବାରୀ ରାଉଳଙ୍କ କୋଳମଣ୍ଡନ କରିଥିବା ଯୋଗିନାଥ ରାଉଳ ନିଜର ଅନନ୍ୟ ପ୍ରତିଭା ଓ ସୃଜନଶୀଳତା ବଳରେ ସାହିତ୍ୟ ଜଗତରେ ଏକ ସ୍ୱତନ୍ତ୍ର ପରିଚୟ ଗଢ଼ିଥିଲେ। ତାଙ୍କ ପତ୍ନୀ ନୀଳେନ୍ଦ୍ରୀ ରାଉଳଙ୍କ ସହ ତାଙ୍କର ପାରିବାରିକ ଜୀବନ ଥିଲା ତାଙ୍କ ଜୀବନଯାତ୍ରାର ଏକ ଅଂଶ। ଏହି କବିଙ୍କ ବ୍ୟକ୍ତିତ୍ୱର ସବୁଠାରୁ ବଡ଼ ବିଶେଷତ୍ୱ ଥିଲା ତାଙ୍କର ଦ୍ୱିମୁଖୀ ପ୍ରତିଭା। ଯେଉଁ ହାତରେ ସେ କରଣୀ ଧରି ସୁନ୍ଦର ସୁନ୍ଦର ମନ୍ଦିର ଓ ଗୃହ ନିର୍ମାଣ କରୁଥିଲେ, ସେହି ହାତରେ ଲେଖନୀ ଧରି ରଚନା କରୁଥିଲେ ହୃଦୟସ୍ପର୍ଶୀ କାବ୍ୟ। ନିଜର ଶ୍ରମ, ସାଧନା ଓ ସାହିତ୍ୟ ପ୍ରତି ଗଭୀର ଅନୁରାଗକୁ ପାଥେୟ କରି ସେ ନିଜ ପ୍ରତିଭାର ପରିଚୟ ଦେଇଥିଲେ। କାବ୍ୟଜଗତରେ ତାଙ୍କର ଅବଦାନ ତାଙ୍କୁ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର କରି ଗଢ଼ିତୋଳିଥିଲା। କାବରା ମାଟିର କବି ବ୍ରଜନାଥଙ୍କ ସାହିତ୍ୟିକ ପରମ୍ପରାର ଉତ୍ତରଦାୟାଦ ଭାବେ ପରିଚିତ କବି ଯୋଗିନାଥ ରାଉଳ ନିଜ ରଚନା ମାଧ୍ୟମରେ ସାହିତ୍ୟର ଭଣ୍ଡାରକୁ ସମୃଦ୍ଧ କରିଥିଲେ। ତାଙ୍କର ପ୍ରକାଶିତ କୃତି ମଧ୍ୟରେ 'ପରାଙ୍ଗ ପୁଷ୍ଟ', 'ଶତ୍ରୁଘ୍ନ', 'ଉର୍ମିଳା', 'କନିଷ୍ଠ କୌରବ' ଓ 'ବିନ୍ଦୁରେ ସିନ୍ଧୁ ଦର୍ଶନ' ଅନ୍ୟତମ। ଏହି କୃତିଗୁଡ଼ିକ ତାଙ୍କର ସାହିତ୍ୟ ସାଧନା ଓ ସୃଜନଶୀଳ ଚିନ୍ତାଧାରାର ପରିଚୟ ବହନ କରେ। କେବଳ ପ୍ରକାଶିତ ପୁସ୍ତକ ନୁହେଁ, ତାଙ୍କର ଅନେକ ଅପ୍ରକାଶିତ ପାଣ୍ଡୁଲିପି ମଧ୍ୟ ତାଙ୍କ ସୃଜନଶୀଳତାର ପରିସରକୁ ପ୍ରମାଣିତ କରେ। 'ବିମାତା ବ୍ୟବଚ୍ଛେଦ', 'ଅଲକ୍ଷ୍ମୀ', 'ମାରୁତି', 'ଅନୁତାପ', 'ଭାଇଭାଇ', 'ଅବସାନ', 'ପ୍ରତିଶୋଧ', 'ପରିଶୋଧ', 'ପରିଫଳ', 'ଦଇବ ଦର୍ପଣେ', 'ଏଇତ ସଂସ୍କାର', 'ଆମେ ଏମିତି', 'ଆବର୍ତ୍ତନ' ଓ 'ସତର୍କ ସ୍ୱର' ଭଳି ଅନେକ ରଚନା ତାଙ୍କର ସାହିତ୍ୟ ପ୍ରତି ଅସୀମ ନିଷ୍ଠାର ସାକ୍ଷୀ ହୋଇ ରହିଛି। ଜଣେ ସାହିତ୍ୟ ସାଧକଙ୍କ ପାଇଁ ତାଙ୍କର ଲେଖା ହିଁ ତାଙ୍କର ପ୍ରକୃତ ପରିଚୟ। ଶରୀର ନଶ୍ୱର, କିନ୍ତୁ ସୃଜନର ମୂଲ୍ୟ ଚିରନ୍ତନ। କବି ଯୋଗିନାଥ ରାଉଳଙ୍କ ଜୀବନ ଏହି ସତ୍ୟକୁ ପ୍ରତିପାଦିତ କରେ। ତାଙ୍କର ପ୍ରକାଶିତ କୃତି ଓ ଅପ୍ରକାଶିତ ପାଣ୍ଡୁଲିପିଗୁଡ଼ିକ ଆଗାମୀ ପିଢ଼ି ପାଇଁ ଏକ ମୂଲ୍ୟବାନ ସାହିତ୍ୟିକ ସମ୍ପଦ ହୋଇ ରହିବ। ତାଙ୍କ ସହ ବିଳମ୍ବରେ ସମ୍ପର୍କ ଗଢ଼ିଉଠିବା ଏବଂ ତାଙ୍କ ପାଇଁ ମନରେ ରଖିଥିବା ଆଶା ଓ ଯୋଜନାଗୁଡ଼ିକୁ ପୂରଣ କରିପାରି ନଥିବାର ଦୁଃଖ ତାଙ୍କର ଜଣେ ଶୁଭେଚ୍ଛୁଙ୍କ ମନରେ ରହିଯାଇଛି। ଏହି ଅବ୍ୟକ୍ତ ବେଦନା ତାଙ୍କ ବିୟୋଗକୁ ଆହୁରି ହୃଦୟବିଦାରକ କରିଛି। କବି ଚାଲିଗଲେ, କିନ୍ତୁ ତାଙ୍କ କାବ୍ୟର ସ୍ୱର ରହିଗଲା। ଜୀବନର ମଞ୍ଚରୁ ସେ ବିଦାୟ ନେଲେ ସତ, ହେଲେ ତାଙ୍କ ସୃଷ୍ଟିରେ ସେ ସବୁଦିନ ପାଇଁ ବଞ୍ଚି ରହିବେ। ତାଙ୍କର ବିୟୋଗରେ ଶୋକସନ୍ତପ୍ତ ପରିବାର, ଆତ୍ମୀୟସ୍ୱଜନ ଓ ସାହିତ୍ୟପ୍ରେମୀଙ୍କୁ ଗଭୀର ସମବେଦନା ଜଣାଇବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି ଓ ବୈକୁଣ୍ଠଧାମ ପ୍ରାପ୍ତି ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା।

## ଜେନାଦେବୀ ବଜାର ରୌପ୍ୟଜୟନ୍ତୀ ଉତ୍ସବ ପାଳନ ପାଇଁ କଳସଯାତ୍ରା



ଢେଙ୍କାନାଳ, ୨୫/୧୦(ଅକ୍ଷର ଓଡ଼ିଶା): ଚଳିତ ବର୍ଷ ଜେନାଦେବୀ ବଜାର ରୌପ୍ୟଜୟନ୍ତୀ ପାଳନ କରୁଛି । ଏହି ଅବସରରେ ବଜାରର ପ୍ରାୟ ୫୦ମହିଳା କଳସ ଧାରଣ କରି ବଳଭଦ୍ରପୁର କଟା ପୋଖରୀ ଠାରୁ ବାଦ୍ୟ ଓ ସଂକୀର୍ତ୍ତନ ଦ୍ୱାରା ଏକ ଶୋଭାଯାତ୍ରାରେ ଆସି ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା । ବଜାର ପୂଜକ ସାରଙ୍ଗଧର ମିଶ୍ର ଓ କର୍ତ୍ତା ଜିତେନ୍ଦ୍ର କୁମାର ନାୟକଙ୍କ ଦ୍ୱାରା ପୂଜା କାର୍ଯ୍ୟ ଆରମ୍ଭ କରାଯାଇଛି । ରାତ୍ର ୧୨ ଘଟିକା ସମୟରେ ମା' ଲକ୍ଷ୍ମୀଙ୍କ ଜୀବନ୍ୟାସ ପୂଜା ଅନୁଷ୍ଠିତ ହେବ । ଏଥିରେ ସଭାପତି ସ୍ୱପ୍ନେଶ୍ୱର ସ୍ୱାଇଁ, ସଂପାଦକ ସତ୍ୟାନନ୍ଦ ଦାସ, ଅଧ୍ୟକ୍ଷ ଅସୀତ କୁମାର ରଥ, ସ୍ମରଣିକା ସଂପାଦକ ବସନ୍ତ କୁମାର ବେହେରା ଏବଂ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ପ୍ରଥମ ପୂଜାର୍ଚ୍ଚନାରେ ସହଯୋଗ କରୁଛନ୍ତି ।

## ନିଟ ପରୀକ୍ଷାରେ ସଫଳ ଛାତ୍ରଙ୍କୁ ସମ୍ବର୍ଦ୍ଧନା



ନନ୍ଦପୁର ୨୫/୧୦ (ଶ୍ରୀରାମ ଖରା) କୋରାପୁଟ ଜିଲ୍ଲା ନନ୍ଦପୁର ଥାନା ଅଧୀନ ଗୁଣ୍ଡାପୁଟ ପଞ୍ଚାୟତ ସଦର ମହକୁମାର ଛାତ୍ର ଅଭୟ କୁଲଦୀପ ନୀଟ ପରୀକ୍ଷାରେ ସଫଳ ହୋଇ ପ୍ରଥମେ କେଉଁଝର ମେଡିକାଲ କଲେଜରେ ଡାକ୍ତରୀ ପାଠ୍ୟକ୍ରମ ପାଇଁ ନାମ ଲେଖାଇ ଥିଲେ। କିନ୍ତୁ ପରେ ଅପ୍ ଗ୍ରେଡେସନ ପରୀକ୍ଷା ଦେଇ କୋରାପୁଟ ସହିଦ ଲକ୍ଷ୍ମଣ ଭେଷଜ ମହାବିଦ୍ୟାଳୟକୁ ପାଠ୍ୟକ୍ରମ ସ୍ଥାନାନ୍ତରଣ କରି ରବିବାର ନିଜ ଗାଁକୁ ଫେରିଥିଲେ। ଗାଁକୁ ଫେରିବାରେ ଗୁଣ୍ଡାପୁଟ ସମେତ ପାଖ ଆଖ ଗ୍ରାମବାସୀ ଓ ପରିବାର ଲୋକେ ମିଶି ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଛାତ୍ର ଅଭୟ ଚଳିତ ବର୍ଷ ନିଟ୍ ପେପର ଲିକ୍ ହେବାରୁ ପରୀକ୍ଷାରେ ଭଲ ପ୍ରଦର୍ଶନ କରିଥିଲେ ସୁଧା ନିରାଶ ହୋଇଥିଲେ। କିନ୍ତୁ ପିତା ତ୍ରିନାଥ କୁଲଦୀପ ଓ ମା ସବୁବେଳେ ତାଙ୍କର ମନୋବଳ ବଢ଼ାଇ ଥିବାରୁ ସେ ଦ୍ୱିତୀୟ ଦଫାରେ ମଧ୍ୟ ୨୯୯୪ ରାଙ୍କ ରଖି ନିଟ୍ ଉତ୍ତୀର୍ଣ୍ଣ ହୋଇଥିଲେ। ବର୍ତ୍ତମାନ ସେ ଘର ନିକଟ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର ହୋଇ ଡାକ୍ତରୀ ପାଠ ପଢ଼ିବାକୁ ସୁଯୋଗ ପାଇଥିବାରୁ ଖୁସିବ୍ୟକ୍ତ କରିଛନ୍ତି। ପରିବାର ଓ ଗ୍ରାମର ଗୁରୁଜନଙ୍କ ଆଶୀର୍ବାଦ ତାଙ୍କୁ ଏହି ସଫଳତା ଦେଇଛି। ଡାକ୍ତର ହୋଇ କୋରାପୁଟ ବାସୀଙ୍କ ସେବା କରିବା ମୋର ଜୀବନର ଲକ୍ଷ ବୋଲି ସୂଚନା ଦେଇଛନ୍ତି।

## ବୁଗୁଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ

ବୁଗୁଡ଼ା ୨୫/୧୦(ଅକ୍ଷର ଓଡ଼ିଶା): ବୁଗୁଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ କୁମାର ପୂର୍ଣ୍ଣମୀ ଅବସରରେ ଗଜଲକ୍ଷ୍ମୀ ପୂଜାମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ବୁଗୁଡାସହରର ହାଇସ୍କୁଲ ଛକ ଓ ବ୍ଲକ କଲୋନୀସମେତ ଜଗତ ପାଟଣା, ଗୋଳିଆ, ଚଡିଆପଲ୍ଲୀ ଆଦି ବିଭିନ୍ନ ଗ୍ରାମରେ ଗଜଲକ୍ଷ୍ମୀଙ୍କ ପୂଜା ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହୋଇଯାଇଛି। ପୁରୋହିତମାନଙ୍କ ଦ୍ୱାରା ବିଭିନ୍ନ ପୂଜାମଣ୍ଡପରେ ବିରାଜିତ ଗଜଲକ୍ଷ୍ମୀଙ୍କର ହୋମ ଯଜ୍ଞ ସହ ପୂଜା ମନ୍ତ୍ର ପାଠ ଆଦି କାର୍ଯ୍ୟକ୍ରମ ହୋଇଥିଲା । ସ୍ଥାନୀୟ ବ୍ଲକ୍ କଲୋନୀ ପୂଜା ମଣ୍ଡପରେ ଦେବୀ ଗଜଲକ୍ଷ୍ମୀଙ୍କ ପୂଜା କାର୍ଯ୍ୟ ପୁରୋହିତ ଚିତ୍ତ ରଞ୍ଜନ ଦାଶ , ଶକ୍ତି ପ୍ରସାଦ ହୋତା ଓ ଦିଲ୍ଲୀପ କୁମାର ଦାଶଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା ବେଳେ କର୍ତ୍ତା ଭାବେ ନିଳାଞ୍ଚଳ ପଣ୍ଡା ଦାୟିତ୍ୱ ନିର୍ବାହ କରିଥିଲେ ।

## ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଆଗୁଆ ପ୍ରସ୍ତୁତି

# ଜିଲ୍ଲା ପ୍ରଶାସନର ତତ୍ପରତା



କୋରାପୁଟ: ୨୫/୧୦ (ସମୀର ପାତ୍ର) -ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ଏବଂ ଆଗୁଆ ସତର୍କତାମୂଳକ ପ୍ରସ୍ତୁତି ନେଇ ଆଜି କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ୍ ମହାଜନଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଉଚ୍ଚସ୍ତରୀୟ ଭର୍ଚୁଆଲ୍ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜନସାଧାରଣଙ୍କ ଧନଜୀବନର ସୁରକ୍ଷାକୁ ପ୍ରାଥମିକତା ଦେଇ ଏହି ବୈଠକରେ ଜିଲ୍ଲାର ସମସ୍ତ ଲାଇନ୍ ବିଭାଗର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ,ବିପଦସଙ୍କୁଳ ଏବଂ ତଳିଆ ଅଞ୍ଚଳଗୁଡ଼ିକ ଉପରେ କଡ଼ା ନଜର ରଖିବା ସହ ଜରୁରୀକାଳୀନ ସ୍ଥିତିରେ ତୁରନ୍ତ ଉଦ୍ଧାର ଓ ଥଇଥାନ କାର୍ଯ୍ୟ ପରିଚାଳନା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ପର୍ଯ୍ୟାପ୍ତ ରିଲିଫ୍ ସାମଗ୍ରୀ, ପାନୀୟ ଜଳ ଏବଂ ସ୍ୱାସ୍ଥ୍ୟସେବା ଭଳି ଅତ୍ୟାବଶ୍ୟକ ସେବା ସୁନିଶ୍ଚିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି । ଆର୍ ଆଣ୍ଡ୍ ବି (ଜଠଇ) ବିଭାଗକୁ ରାସ୍ତାଘାଟର ସ୍ଥିତି ଉପରେ ନଜର ରଖିବାକୁ କୁହାଯାଇଛି। ଯାତାୟାତ ପାଇଁ ଅନୁପଯୁକ୍ତ ବା ବିପଦପୂର୍ଣ୍ଣ ରାସ୍ତାଗୁଡ଼ିକୁ ଚିହ୍ନଟ କରି ସେଗୁଡ଼ିକୁ ବନ୍ଦ କରାଯିବ ଏବଂ ବିକଳ୍ପ ରାସ୍ତାରେ ଯାତାୟାତ ସୁଗମ କରାଯିବ। ଯାତାୟାତ ଓ ପାଣିପାଗ ସମ୍ବନ୍ଧୀୟ ଆଗୁଆ ସତର୍କ ସୂଚନା ଜନସାଧାରଣଙ୍କୁ ନିୟମିତ ଭାବେ ଅବଗତ କରାଯିବ ।ଯେକୌଣସି ଜରୁରୀକାଳୀନ ପରିସ୍ଥିତିରେ ତ୍ୱରିତ ମୁକାବିଲା ପାଇଁ ସମସ୍ତ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବାକୁ ପ୍ରଶାସନ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି ।ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ନାଗରିକଙ୍କୁ ଗୁଜବରୁ ଦୂରେଇ ରହିବା ସହ ପ୍ରଶାସନିକ ନିର୍ଦ୍ଦେଶାବଳୀ ଓ ସତର୍କ ସୂଚନା ପାଳନ କରିବାକୁ ଅନୁରୋଧ କରାଯାଇଛି ।

"ରୂପଯୌବନସମ୍ପନ୍ନା ବିଶାଳକୁଳସମ୍ଭବାଃ।
ବିଦ୍ୟାହୀନା ନ ଶୋଭନ୍ତେ ନିର୍ଗନ୍ଧା ଭବ କିଂଶୁକାଃ।।"

ଭାବାର୍ଥ | ଉଚ୍ଚକୁଳେ ହୋଇଥାଉ ଜନମ, ଥାଉପଛେ ଭରା ରୂପ ଯୌବନ,
ମୂର୍ଖ ହୋଇଥିଲେ ଶୋଭା ନଥାଏ ବାସହୀନ ଫୁଲ ପଳାଶ ପ୍ରାୟେ।





**ଚୌଧୁରୀ ରମାକାନ୍ତ ଦାସ**
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧

## ମୁଖ୍ୟ ସମ୍ପାଦକଙ୍କ କଲମରୁ

# ସ୍ୱଚ୍ଛତା ଅଭିଯାନ

ଭୁବନେଶ୍ୱରସ୍ଥିତ ବିଆରଆଇସି-ଇନଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସେସ୍ (ବିଆରଆଇସି-ଆଇଏଲଏସ୍) ପକ୍ଷରୁ 'ସ୍ୱତନ୍ତ୍ର ଅଭିଯାନ ୬.୦' ଅଧୀନରେ କଟକ ଜିଲ୍ଲାର ତିଗିରିଆସ୍ଥିତ ଏହାର କ୍ୟାମ୍ପସ୍-୩ ଏବଂ ନିକଟସ୍ଥ ତେନ୍ତୁଳିରଗଡ଼ି ଗ୍ରାମରେ ଏକ ବ୍ୟାପକ ସ୍ୱଚ୍ଛତା ଅଭିଯାନ ଆୟୋଜନ କରାଯାଇଥିଲା। ସ୍ୱଚ୍ଛତାର ପ୍ରସାର, ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି, ସାମୁଦାୟିକ ଅଂଶଗ୍ରହଣ ବୃଦ୍ଧି ଏବଂ ଏକ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ବଜାୟ ରଖିବା ପାଇଁ ସାମୂହିକ ଦାୟିତ୍ୱବୋଧକୁ ସୁଦୃଢ଼ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ଏହି ସ୍ୱଚ୍ଛତା ଅଭିଯାନ ବିଆରଆଇସି-ଆଇଏଲଏସ୍ କ୍ୟାମ୍ପସ୍-୩ରୁ ଆରମ୍ଭ ହୋଇଥିଲା। ଏଠାରେ ବୈଜ୍ଞାନିକ, ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ନେଇ ଗଠିତ ଏକ ଦଳ କ୍ୟାମ୍ପସ୍ ପରିସରକୁ ସଫା କରିବା ଏବଂ ଆଖପାଖ ଅଞ୍ଚଳରୁ ଆବର୍ଜନା ହଟାଇବାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। କ୍ୟାମ୍ପସ୍‌ରେ ସଫେଇ କାର୍ଯ୍ୟ ଶେଷ ହେବା ପରେ, ଏହି ଦଳ ତେନ୍ତୁଳିରଗଡ଼ି ଗ୍ରାମକୁ ଯାଇଥିଲେ। ସେଠାରେ ଗ୍ରାମର ବିଦ୍ୟାଳୟ, ରାସ୍ତାଘାଟ ଏବଂ ଅନ୍ୟାନ୍ୟ ସାର୍ବଜନୀନ ସ୍ଥାନଗୁଡ଼ିକରେ ଏକ ବ୍ୟାପକ ସ୍ୱଚ୍ଛତା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସ୍ଥାନୀୟ ଗ୍ରାମବାସୀ, ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ସମୁଦାୟର ସଦସ୍ୟମାନେ ଅତ୍ୟନ୍ତ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ ଏବଂ ଆଇଏଲଏସ୍ ଦଳ ସହିତ ମିଶି କାର୍ଯ୍ୟ କରିଥିଲେ। ଗ୍ରାମବାସୀ ଓ ଛାତ୍ରଛାତ୍ରୀମାନେ ସଫେଇ କାର୍ଯ୍ୟରେ ସକ୍ରିୟ ସହଯୋଗ କରିଥିଲେ ଏବଂ ନିଜ ଗ୍ରାମରେ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ବିଆରଆଇସି-ଆଇଏଲଏସ୍ ଦଳକୁ ଧନ୍ୟବାଦ ଜଣାଇଥିଲେ।

ଏହି କାର୍ଯ୍ୟକ୍ରମର ଅଂଶବିଶେଷ ଭାବରେ, ଆଇଏଲଏସ୍ ଦଳ ଗ୍ରାମବାସୀ, ମହିଳା ଏବଂ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ଏହା ମାଧ୍ୟମରେ ସେମାନେ ସ୍ୱଚ୍ଛତା, ବର୍ଜ୍ୟବସ୍ତୁର ଉଚିତ ପରିଚାଳନା, ବ୍ୟକ୍ତିଗତ ପରିଚ୍ଛନ୍ନତା ଏବଂ ପରିବେଶ ସୁରକ୍ଷାର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିଥିଲେ। ବ୍ୟକ୍ତିଗତ ସ୍ୱାସ୍ଥ୍ୟ, ସମୁଦାୟର କଲ୍ୟାଣ ଏବଂ ସାମଗ୍ରିକ ଭାବେ ସମାଜ ପାଇଁ ପରିବେଶକୁ ପରିଷ୍କାର ରଖିବାର ଲାଭ ଉପରେ ଆଲୋକପାତ କରିଥିଲେ। ପରିଚ୍ଛନ୍ନତାକୁ ଏକ ନିୟମିତ ଅଭ୍ୟାସ ଭାବରେ ଗ୍ରହଣ କରିବାକୁ, ନିଜ ଘର ଓ ସର୍ବସାଧାରଣ ସ୍ଥାନଗୁଡ଼ିକୁ ପରିଷ୍କାର ରଖିବାକୁ ଗ୍ରାମବାସୀମାନଙ୍କୁ କହିଥିଲେ। ଏକ ସ୍ୱଚ୍ଛ ତଥା ସୁସ୍ଥ ପରିବେଶ ଗଠନ ଦିଗରେ ଅନ୍ୟମାନଙ୍କୁ ମଧ୍ୟ ଉତ୍ସାହିତ କରିବାକୁ ପରାମର୍ଶ ଦେଇଥିଲେ।

ଏହି ସ୍ୱଚ୍ଛତା ଅଭିଯାନ ବିଆରଆଇସି-ଆଇଏଲଏସ୍ ର ବରିଷ୍ଠ ବୈଜ୍ଞାନିକ ଡ. ଶାନ୍ତି ଭୂଷଣ ସେନାପତିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଷ୍ଠାନର ଅଧିକାରୀ ଶ୍ରୀ ଅମିତାଭ ରାଉତରାୟ, ଶ୍ରୀ ପି. କେ. ସାହୁ ଏବଂ ଶ୍ରୀ ପ୍ରଦୀପ ସାହୁଙ୍କ ସମେତ ଅନ୍ୟ କର୍ମଚାରୀମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଗ୍ରାମବାସୀ ଓ ଛାତ୍ରଛାତ୍ରୀଙ୍କ ଉତ୍ସାହପୂର୍ଣ୍ଣ ସହଯୋଗ ଏବଂ ଦଳର ମିଳିତ ପ୍ରୟାସ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।

ଏହି ପଦକ୍ଷେପଟି 'ସ୍ୱତନ୍ତ୍ର ଅଭିଯାନ ୬.୦' ର ଏକ ଅବିଚ୍ଛେଦ୍ୟ ଅଂଶ ଥିଲା। ଏହା ପରିବେଶ ସ୍ଥାୟୀତ୍ୱ, ସାମାଜିକ ଦାୟିତ୍ୱବୋଧ ଏବଂ ସାମୁଦାୟିକ ଅଂଶଗ୍ରହଣ ପ୍ରତି ବିଆରଆଇସି-ଇନଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସେସ୍ (ବିଆରଆଇସି-ଆଇଏଲଏସ୍) ର ପ୍ରତିବଦ୍ଧତାକୁ ଦର୍ଶାଏ। ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ, ଅନୁଷ୍ଠାନ ଜନସଚେତନତା ସୃଷ୍ଟି କରିବା ସହ ଏକ ସ୍ୱଚ୍ଛ, ସୁସ୍ଥ ଏବଂ ଅଧିକ ସ୍ଥାୟୀ ସମାଜ ଗଠନ ଦିଗରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ସମୁଦାୟକୁ ଉତ୍ସାହିତ କରିଥାଏ।

ଗ୍ରାମବାସୀ ଓ ଛାତ୍ରଛାତ୍ରୀମାନଙ୍କୁ ଏହି ସ୍ୱଚ୍ଛତା ଭାବନାକୁ ବଜାୟ ରଖିବା ଏବଂ ଏହାକୁ ନିଜ ଦୈନନ୍ଦିନ ଜୀବନରେ ଅନ୍ତର୍ଭୁକ୍ତ କରିବା ପାଇଁ ଏକ ମିଳିତ ଆହ୍ୱାନ ଦେବା ସହ ଏହି କାର୍ଯ୍ୟକ୍ରମ ଶେଷ ହୋଇଥିଲା।

# ଶବ୍ଦରୁ ସ୍ୱଭାବ: କଲିଂ ବେଲ ଓ ହର୍ଣ୍ଣ ପଛର ମନୋବିଜ୍ଞାନ

ମୁଖ୍ୟ ସହରରୁ ଅଳ୍ପ ଦୂରରେ ଘର। ସହର ଉପକଣ୍ଠ କୁହନ୍ତୁ। ନୂଆ ନୂଆ କଲୋନୀ ହୋଇଛି। ପ୍ରାୟ ଦୁଇ କିଲୋମିଟର ଯିବାକୁ ପଡ଼େ ସଉଦାପତ୍ର ପାଇଁ। କିନ୍ତୁ ଏଠିକି ନିତିଦିନ ସବୁ 'ବାଲା' ଆସନ୍ତି। ପରିବା ବାଲା, କ୍ଷୀର ବାଲା, ପେପର ବାଲା, ଶାଗ ବାଲା, ମାଛ ବାଲା, ମ୍ୟୁନିସିପାଲିଟି ମଇଳା ଉଠାଇବା ବାଲା ଇତ୍ୟାଦି। କିଛି ଅସୁବିଧା ହୁଏନି। ଆମେ ଏମାନଙ୍କ ସବୁଦିନିଆଁ ଗରାଖ। କଲିଂ ବେଲ ବଜାଇବେ ନହଲେ ହର୍ଣ୍ଣ ମାରିବେ। ଭିତରେ ଥାଇ ଜାଣି ଯାଉ କିଏ ଆସିଛନ୍ତି। ତାଙ୍କ କଲିଂ ବେଲ କିମ୍ୱା ଗାଡ଼ି ହର୍ଣ୍ଣ ଦେବା ଶୈଳୀ କେବଳ କଥା କୁହେ, ଡାକେ ତାହା ନୁହଁ ଶବ୍ଦରୁ ତାଙ୍କ ସ୍ୱଭାବ ମଧ୍ୟ ଜଣାପଡେ। ବଜାରରେ ବି ଠିକ୍ ସମିତି ଘଟେ। ସକାଳୁ ସକାଳୁ କବାଟ ପାଖରେ କ୍ରମାଗତ ଭାବେ ବାଜିଉଠୁଥିବା କଲିଂ ବେଲ୍‌ର କର୍କଶ ଶବ୍ଦ କିମ୍ୱା ଟ୍ରାଫିକ୍ ଜାମ୍‌ରେ ପଛ ଗାଡ଼ିରୁ ଆସୁଥିବା କାନଫଟା ହର୍ଣ୍ଣ କେବଳ ବିରକ୍ତିକର ବୋଧ ହୁଏ ନାହିଁ, ବରଂ ବଜାଉଥିବା ବ୍ୟକ୍ତିର ମାନସିକତାକୁ ମଧ୍ୟ ପ୍ରକାଶ କରେ। ମଣିଷର ପ୍ରକୃତ ବ୍ୟକ୍ତିତ୍ୱ ବଡ଼ ବଡ଼ କାର୍ଯ୍ୟରୁ ନୁହେଁ, ବରଂ ଅଜାଣତରେ କରୁଥିବା ଛୋଟ ଛୋଟ କାର୍ଯ୍ୟରୁ ହିଁ ଜଣାପଡ଼ିଥାଏ। ଆସନ୍ତୁ, କଲିଂ ବେଲ ଓ ହର୍ଣ୍ଣ ପଛର ମନୋବିଜ୍ଞାନକୁ ବୁଝିବା। କଣ କୁହେ, ଜାଣିବା।

କଲିଂ ବେଲ ମାରିବା ପଛର ମନୋବିଜ୍ଞାନ - ଏଇଟା କେବଳ ଥରେ, ହାଲୁକା ଭାବେ କଲିଂ ବେଲ ଦବାଇବା ବ୍ୟକ୍ତି ଭଦ୍ର ଏବଂ ଧୈର୍ଯ୍ୟବାନ ହୋଇଥାନ୍ତି। ସିଏ ଅନ୍ୟମାନଙ୍କ ଗୋପନୀୟତାକୁ ଯଥେଷ୍ଟ ସମ୍ମାନ ପ୍ରଦର୍ଶନ କରିଥାନ୍ତି। ସେମାନେ ବୁଝି ପାରନ୍ତି ଯେ ଭିତରେ ଥିବା ବ୍ୟକ୍ତି କୌଣସି କାମରେ ବ୍ୟସ୍ତ ଥାଇପାରନ୍ତି। ବାରମ୍ୱାର ଥରକୁ ଥର ବେଲ ମାରୁଥିବା ବ୍ୟକ୍ତିଙ୍କ ଧୈର୍ଯ୍ୟ ନ ଥାଏ। ଏହା ବ୍ୟସ୍ତ କିମ୍ୱା ଭୟଭୀତ ଥିବାର ଲକ୍ଷଣ ମଧ୍ୟ ହୋଇପାରେ। ବେଳବଳେ ପିଲାମାନେ ଅଥବା ନିକଟତର ସାଙ୍ଗମାନେ ମଜାରେ ଏମିତି କରିଥାନ୍ତି। କିନ୍ତୁ ଯଦି କୌଣସି ଅଜଣା ବ୍ୟକ୍ତି ଏମିତି କରନ୍ତି ତେବେ ସିଏ ଉଗ୍ର ସ୍ୱଭାବର ହୋଇପାରନ୍ତି। ବେଲ୍‌କୁ ଅଧିକ ସମୟ ପର୍ଯ୍ୟନ୍ତ ଦବାଇ ଧରିବା ରାଗ, ଅଧିକାର ଜାହିର କରିବା କିମ୍ବା ଅତ୍ୟଧିକ ମାନସିକ ଚାପକୁ ଦର୍ଶାଇଥାଏ। ଏମିତି ଲୋକ ଚାହାନ୍ତି ଯେ ସେମାନଙ୍କ କାମ ତୁରନ୍ତ ହେଉ। ଥରଟିଏ ବେଲ୍ ବଜାଇ କିଛି ସମୟ ଅପେକ୍ଷା କରିବା ଓ ତା'ପରେ ପୁଣି ଦ୍ୱିତୀୟ ଥର ବଜାଇବା ଅନୁଶାସିତ ଏବଂ ବୁଦ୍ଧିମାନ ବ୍ୟକ୍ତିତ୍ୱର ଲକ୍ଷଣ। ଏକ ନିର୍ଦ୍ଦିଷ୍ଟ ପ୍ୟାଟର୍ନରେ ବେଲ ବଜାଇବା, ଦୃଷ୍ଟାନ୍ତ ସ୍ୱରୂପ ଦୁଇଥର ଶୀଘ୍ର, ଅଳ୍ପ ସମୟ ପରେ ଥରେ, ପୁଣି ଦୁଇଥର ଶୀଘ୍ର, ଅଳ୍ପ ସମୟ ପରେ ଥରେ ପ୍ରାୟତଃ ସିକ୍ରେଟ୍ କୋଡ୍ କିମ୍ୱା ପାରିବାରିକ ଅଭ୍ୟାସକୁ ବୁଝାଏ। ଏମିତି କରୁଥିବା ଲୋକ ନିଜ ପ୍ରିୟଜନଙ୍କୁ ସଙ୍କେତ ଦେବାକୁ ଚାହାନ୍ତି ଯେ ସିଏ ଆସିଗଲେ, ବ୍ୟସ୍ତ ହେବା ଆବଶ୍ୟକ ନାହିଁ। ବନ୍ଧୁତ୍ୱପୂର୍ଣ୍ଣ ଓ ସୁରକ୍ଷିତ ବ୍ୟକ୍ତିତ୍ୱର ଏହା ଏକ ସଙ୍କେତ। ବେଲ୍ ବଜାଇବା ପରେ ଅନକେ ସଙ୍ଗେ ସଙ୍ଗେ କବାଟ ବାଡେଇବା ଆରମ୍ଭ କରିଦିଅନ୍ତି। ଏହା ତାଙ୍କ ଅତ୍ୟଧିକ ଉକତା, ଅତି ଉାହ କିମ୍ୱା ଅଧୈର୍ଯ୍ୟପଣିଆ ହୋଇପାରେ। ଏମିତିକା ବ୍ୟକ୍ତି ତରବରିଆ ହୋଇଥାଇପାରନ୍ତି, ତାଙ୍କୁ ଜଲଦି ଥିବ କିମ୍ୱା ତାଙ୍କର କିଛି ଜରୁରୀ କଥା ଥାଇପାରେ। ବହୁତ ଧୀମା ଏବଂ ସଙ୍କୋଚତାର ସହ ବେଲ୍ ମାରିବା ଅର୍ଥ ଲଜ୍ୟା ଓ କମ୍ ଆତ୍ମବିଶ୍ୱାସକୁ ଦର୍ଶାଏ। ପ୍ରାୟତଃ ସେଲ୍‌ସମ୍ୟାନ୍, ଅଜଣା ବ୍ୟକ୍ତି କିମ୍ୱା ପ୍ରଥମ ଥର ଆସିଥିବା ଲୋକ ଏଭଳି କରିଥାନ୍ତି। ଥରଟିଏ ବେଲ୍ ବଜାଇ ତୁରନ୍ତ ଫୋନ୍‌ରେ ବ୍ୟସ୍ତ ହୋଇଯିବା ମଲ୍ଟିଟାସ୍କିଂ ବ୍ୟକ୍ତିତ୍ୱର ଲକ୍ଷଣ। ଏଭଳି ବ୍ୟକ୍ତିଙ୍କ ପାଇଁ ସମୟ ବହୁତ ମୂଲ୍ୟବାନ। ସେ ଅପେକ୍ଷା କରି ସମୟ ନଷ୍ଟ କରିବାକୁ ଚାହାନ୍ତି ନାହିଁ। ହର୍ଣ୍ଣ ବଜାଇବା ପଛର ମନୋବିଜ୍ଞାନ -



**ଡ଼କ୍ଟର ପ୍ରମୋଦ କୁମାର ପଣ୍ଡା**
ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,
ସମ୍ବଲପୁର, ମୋ-୭୯୭୮୨୮୩୧୯୦

ଯିଏ ହାଲୁକା ଏବଂ ଛୋଟ ହର୍ଣ୍ଣ ମାରନ୍ତି ସେମାନେ ସାଧାରଣତଃ ଶାନ୍ତ ଏବଂ ସାହାଯ୍ୟକାରୀ ହୋଇଥାନ୍ତି। ସେମାନେ କେବଳ ସାମନା ଲୋକଙ୍କୁ ସତର୍କ କରିଥାନ୍ତି। ରାଗ ଦେଖାଇନଥାନ୍ତି। ଖୁବ୍ ଲମ୍ବା ଏବଂ ଜୋର ଟାଣି ହର୍ଣ୍ଣ ବଜାଇବା ଅତ୍ୟଧିକ ରାଗ, ବିରକ୍ତି ଏବଂ ରୋଡ୍ ରେଜ୍‌କୁ ଦର୍ଶାଏ। ଏମିତି ଲୋକଙ୍କ ସ୍ୱଭାବ ବହୁତ ଉଗ୍ର ହୋଇଥାଇପାରେ। ସେମାନଙ୍କ ପାଖରେ ଧୈର୍ଯ୍ୟର ଅଭାବ ଥାଇପାରେ। ମ୍ୟୁଜିକାଲ୍ ଅଥବା ରିଦିମ୍‌ରେ ଲଗାତାର ହର୍ଣ୍ଣ ବଜାଉଥିବା ବ୍ୟକ୍ତି ଦାୟିତ୍ୱହୀନ, ଦେଖେଇହେବା କିମ୍ୱା ଚଞ୍ଚଳ ସ୍ୱଭାବର ହୋଇଥାନ୍ତି। ବିନା କାରଣରେ ଟ୍ରାଫିକ୍ ଜାମ୍‌ରେ ହର୍ଣ୍ଣ ବଜାଇବା ଅପରିପକ୍ୱ ଏବଂ ସ୍ୱାର୍ଥପର ସ୍ୱଭାବର ସଙ୍କେତ ଦେଇଥାଏ। ଅନ୍ୟମାନଙ୍କ ଅସୁବିଧା ଏଭଳି ବ୍ୟକ୍ତିଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରିନଥାଏ। ତାଙ୍କୁ କିଛି ଫରକ ମଧ୍ୟ ପଡ଼େନାହିଁ। ଟ୍ରାଫିକ୍ ଟିକେ ଧିମା ପଡିବା ମାତ୍ରେ ପଛରୁ ଦୁଇଥର ଜୋରଦାର ହର୍ଣ୍ଣ ଦେବା ଦେଖେଇହେବା, ଅହଂକାରୀ ଏବଂ ହମବଡା ପ୍ରକୃତି। କେହି ରାସ୍ତା ଦେଲେ ଅତି ହାଲୁକା ଭାବେ ଦୁଇଥର 'ପିପ୍-ପିପ୍' କରିଥାନ୍ତି। ଏହା ସଚେତନ, ଅମାୟିକ ଓ କୃତଜ୍ଞ ଗାଡିଚାଳକଙ୍କ ପରିଚୟ। ଦୁଃଖ ପ୍ରକାଶ କରିବା କିମ୍ୱା ଧନ୍ୟବାଦ ଜଣାଇବାର ଏହା ଏକ ଉତ୍ତମ ମାଧ୍ୟମ। ପାଦଚଲା ଲୋକ କିମ୍ୱା ପଶୁଙ୍କ ଉଦ୍ଦେଶ୍ୟରେ ଜୋରରେ ହର୍ଣ୍ଣ ଦବାଉଥିବା ବ୍ୟକ୍ତିଙ୍କ ଭିତରେ ଦୟାଭାବର ଅଭାବ ଥାଏ। ସେମାନେ ସାମାନ୍ୟତଃ ନିଷ୍ଠୁର ସ୍ୱଭାବର ହୋଇଥାନ୍ତି। ଅନ୍ଧ ବୁଲାଣିରେ କୌଣସି ଗାଡ଼ି ନଦେଖି ମଧ୍ୟ ସୁରକ୍ଷା ଦୃଷ୍ଟିରୁ ହର୍ଣ୍ଣ ଦେଉଥିବା ବ୍ୟକ୍ତି ଦାୟିତ୍ୱବାନ ଓ ଅନୁଶାସିତ ନାଗରିକ।

କଲିଂ ବେଲ ଟିପିବା ଏବଂ ହର୍ଣ୍ଣ ମାରିବା ଶୈଳୀରୁ ବ୍ୟକ୍ତିତ୍ୱର ଅନୁମାନ କରାଯାଇଥାଏ। କିନ୍ତୁ ଏହା ସବୁବଳେ ସଠିକ୍ ହୋଇନପାରେ। ଶାଳୀନ ଓ ଶାନ୍ତ ସ୍ୱଭାବର ବ୍ୟକ୍ତି ମଧ୍ୟ ବେଳବଳେ ଜରୁରୀକାଳୀନ ପରିସ୍ଥିତି ବା ବିପଦ ଆପଦରେ ସ୍ୱାଭାବିକ ଭାବେ କଲିଂ ବେଲ ମାରିବା କିମ୍ୱା ହର୍ଣ୍ଣ ବଜାଇବାରେ ବ୍ୟତିକ୍ରମ କରିପାରନ୍ତି।

କଲିଂ ବେଲ୍ ଏବଂ ହର୍ଣ୍ଣ କେବଳ ଯୋଗାଯୋଗର ମାଧ୍ୟମ ନୁହଁନ୍ତି, ଏହା ମଣିଷ ମନର ଏକ ଅଦୃଶ୍ୟ ଏକ୍ସ-ରେ । ବାହ୍ୟ ଜଗତରେ ନିଜକୁ ଯେତେ ବଦାନ୍ୟ ବା ଶାନ୍ତ ଦେଖାଇହେଲେ ମଧ୍ୟ ମଣିଷର ଅନେକ ଛୋଟ ଛୋଟ ଅଭ୍ୟାସ ତାକୁ ସମାଜ ସାମ୍ନାରେ ଅନାବରଣ କରିଦେଇଥାଏ। ମଣିଷ ନିଜର ନିଃଶବ୍ଦ ଶବ୍ଦ ପ୍ରତି ଯେତେ ସଚେତନ ଏବଂ ସତର୍କ ହେବ ତାର ମାନସିକ ସ୍ଥିତି ସେତେ ସୁସ୍ଥ ରହିବ। ସ୍ୱଭାବ ସେତେ ପରିମାର୍ଜିତ ହେବ।

# ଚିନ୍ତା ଓ ଚିନ୍ତନ

ଭାରତୀୟ ଦର୍ଶନ ପରମ୍ପରାରେ ଚିନ୍ତାକୁ ଚିତା ଏବଂ ଚିନ୍ତନକୁ ଗଙ୍ଗା ସମାନ ବର୍ଣ୍ଣନା କରାଯାଇଅଛି। ଚିନ୍ତାରେ ମନ ବାହ୍ୟ ପରିସ୍ଥିତିର ନକାରାତ୍ମକ ଭାବକୁ ନେଇ ଆମର କ୍ଷତି ପହଞ୍ଚାଇଥାଏ, କିନ୍ତୁ ଚିନ୍ତନ ଆମକୁ ସକାରାତ୍ମକ ବିଚାର ଓ ସମାଧାନ ଦିଗରେ ଆଗେଇ ନେଇ ନକାରାତ୍ମକ ଭାବକୁ ଦୂର କରିଥାଏ। ଯେମିତି ଗଙ୍ଗାର ପବିତ୍ର ଜଳ ମନକୁ ଶୁଦ୍ଧ ଓ ପବିତ୍ର କରିଥାଏ, ଠିକ୍ ସେହିପରି ସାର୍ଥକ ଚିନ୍ତନ ଦ୍ୱାରା ମନ ଓ ବୁଦ୍ଧି ଶୁଦ୍ଧ ହାଇଥାଏ । ଏହା ଦ୍ୱାରା କଠିନ ସମସ୍ୟାର ମଧ୍ୟ ସହଜ ସମାଧାନ ହାଇଥାଏ । ମାତା ସୀତାଙ୍କୁ ଖାଜିବା ପାଇଁ ବହୁ ଦୂର ଯାଇଥିବା ବାନର ଦଳ ଯେତେବେଳେ କିଛି ଚିନ୍ତା କରି ପାରିଲେ ନାହିଁ, ସେତେବେଳେ ବିବେକଶୀଳ ଜାମ୍ବବନ୍ତ ଚିନ୍ତନ କଲେ। ସେ ହନୁମାନଙ୍କୁ ତାଙ୍କର ଶକ୍ତି ବିଷୟରେ ମନେ ପକାଇଦେଲେ। ଏଥିରେ ପ୍ରେରିତ ହାଇ ହନୁମାନ... ନିଜ ଶକ୍ତିର ଉପଲବ୍ଧି ଦ୍ୱାରା ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରିଥିଲେ। ଚିନ୍ତନ ଦ୍ୱାରା ବଡ ବଡ ସମସ୍ୟାର ସମାଧାନ ହାଇପାରିବ। ଚିନ୍ତନ ପାଇଁ ଆବଶ୍ୟକ, ଆମର ସ୍ଥିର ବୁଦ୍ଧି। ଶାନ୍ତ ଓ ପରିପକ୍ୱ ମସ୍ତିଷ୍କ ଦ୍ୱାରା ସମସ୍ୟାକୁ ଚିହ୍ନିତ କରିବା ଏବଂ ତାକୁ ଆତ୍ମଜ୍ଞାନ ଦ୍ୱାରା ଦୂର କରିବାକୁ ପ୍ରୟାସ କରିବା ମୂଖ୍ୟ ଉଦ୍ଦେଶ୍ୟ । ଯେତେବେଳେ ଆମେ ସମସ୍ୟାକୁ ବିବେକସମ୍ମତ ବିଚାର କରିଥାଉ, ସେତେବେଳେ ସମାଧାନ ପନ୍ଥା ସହଜ ହାଇଯାଏ। ଜୀବନରେ ଅନେକ ସମସ୍ୟା ଭୟଙ୍କର ମନେ ହୁଏ, କିନ୍ତୁ ଯଦି ସେହି ସମସ୍ୟା ଗୁଡ଼ିକୁ ପ୍ରଶାନ୍ତ ମନରେ ବିଚାର କରାଯାଏ, ତେବେ ତାହାର ସମାଧାନ ଅତି ସହଜ ହାଇଯାଏ । ଚିନ୍ତନର ନିରନ୍ତର ଅଭ୍ୟାସ ଦ୍ୱାରା, ଆମେ ଅନୁଭବ କରିଥାଉ ଯେ ଯାହାକୁ ଆମେ ଏକ ବଡ଼ ସମସ୍ୟା ବାଲି ବିବେଚନା କରୁଥିଲୁ ତାହା ଏକ ଛାଟିଆ ପ୍ରତିବନ୍ଧକ। ଚିନ୍ତନ ପ୍ରକ୍ରିୟା କେବଳ ଜଟିଳ ସମସ୍ୟାର ସମାଧାନ କରେ ନାହିଁ, ବରଂ ତିହା ଆମର ଆତ୍ମବାଧ ଆତ୍ମସଚେତନତା ଏବଂ ଆତ୍ମବିଶ୍ୱାସ ଗୁଣକୁ ବଢ଼ାଇଥାଏ। ଚିନ୍ତନ ମନୁଷ୍ୟ ଜୀବନକୁ ସକାରାତ୍ମକ ଦିଶା ଦେବା ପାଇଁ ଏକ ପ୍ରଭାବଶାଳୀ ମାଧ୍ୟମ। ସେ ଆମକୁ ଶିକ୍ଷା ଦେଇଥାଏ ଯେ ପ୍ରତ୍ୟେକ ସମସ୍ୟାର ସମାଧାନ ହାଇପାରିବ, କିନ୍ତୁ ଏହାକୁ କେବଳ ଶାନ୍ତ ମସ୍ତିଷ୍କ ଏବଂ ସ୍ଥିର ମନରେ ବିଚାର କରିବା ଆବଶ୍ୟକ।



**ଲଳିତ ମୋହନ ମିଶ୍ର**
-ଅରବିନ୍ଦ ନଗର, ନୟାଗଡ଼,
୯୪୩୭୯୮୫୮୬୬

# ବିଭାଜନକୁ ରୋକିପାରିନଥିଲେ ଗାନ୍ଧୀ

ମୋହନଦାସ କରମଚାନ୍ଦ ଗାନ୍ଧୀ ବିଶ୍ୱ ଇତିହାସର ଅଦ୍ୱିତୀୟ ସତ୍ୟାଗ୍ରହୀ। ନିକଟରେ ତାଙ୍କର ୧୫୭ ତମ ଜୟନ୍ତୀ ପାଳନ କରାଯାଇଥିଲା। କୃତଜ୍ଞ ରାଷ୍ଟ୍ର ତାଙ୍କୁ ରାଷ୍ଟ୍ରପିତାର ଆଖ୍ୟା ଦେଇଛି। ଭାରତୀୟ ମୁଦ୍ରାରେ ତାଙ୍କର ଚିତ୍ର ରହିଛି। ଗାନ୍ଧୀ ଙ୍କୁ ନେଇ ଅନେକ ଆଲୋଚନା ସମାଲୋଚନା ହୁଏ। ଯେଉମାନେ ସମଗ୍ରତାର ସହ ବିଚାର କରନ୍ତି ସେମାନେ ଗାନ୍ଧୀଙ୍କୁ ବିଶ୍ୱ ଇତିହାସରେ ପ୍ରଥମ ବୋଲି ମାନିଥାନ୍ତି। କିନ୍ତୁ ନୂଆପିଢ଼ୀରେ ଗୋଟିଏ ବର୍ଗ ଗାନ୍ଧୀଙ୍କୁ ସମାଲୋଚନା କରୁଛନ୍ତି। ଗାନ୍ଧୀ ଙ୍କ ଉପରେ ସମଗ୍ରତା ରେ ବିଚାର ଜରୁରୀ। ଗାନ୍ଧୀ କାଣସି ନିର୍ବଚନ ଲଢ଼ି ନଥିଲେ, କୋଣସି ପଦ ପଦବୀରେ ରହିନଥିଲେ। ଗାନ୍ଧୀ ଚାହିଁଥିଲେ ଦେଶର ରାଷ୍ଟ୍ରପତି ବା ପ୍ରଧାନମନ୍ତ୍ରୀ ହୋଇପାରିଥାନ୍ତେ କିନ୍ତୁ ସେ ରାଷ୍ଟ୍ର କୁ ସର୍ବୋପରି ବୋଲି ମାନୁଥିଲେ। ଗାନ୍ଧୀ ଙ୍କୁ ଅନକେ ଅସଫଳ ନେତା ବୋଲି କହିଥାନ୍ତି। ସଫଳତା ମଧ୍ୟ ସବୁବଳେ ଶୁଭ ହୋଇନଥାଏ କିମ୍ବା ଅସଫଳତା ସବୁବଳେ ଖରାପ ହୋଇନଥାଏ। ଦୃଷ୍ଟିକୋଣ ଧେୟ ନିଷ୍କାରଥାଏ। ଗାନ୍ଧୀ ବିଶ୍ୱ ମାନବିକତାର ନେତା ଥିଲେ। ଦେଶ ବିଭାଜନକୁ ବିରୋଧ କରୁଥିଲେ କିନ୍ତୁ ବିଭାଜନକୁ ରୋକି ପରିନଥିଲେ। ୧୯୪୭ ମେ ମାସରେ ଅରୁଣା ଅସଫ ଅଲ୍ଲୀ ଏବଂ ଅଶୋକ ମେହେଟା ଗାନ୍ଧୀଙ୍କୁ ପଚାରିଥିଲେ ଯେ କ'ଣ ପାକିସ୍ଥାନର କିଛି ବିକଳ୍ପ ଅଛି ? ଗାନ୍ଧୀଙ୍କ ଉତ୍ତର ଥିଲା ପାକିସ୍ଥାନର ଏକମାତ୍ର ବିକଳ୍ପ ଅବିଭାଜିତ ଭାରତ ଅଟେ। କିନ୍ତୁ ଗାନ୍ଧୀ ଏହି ବିଭାଜନକୁ ରୋକିବାରେ ବିଫଳ ହୋଇଥିଲେ। କଂଗ୍ରେସ ବିଭାଜନ ପାଇଁ ବାଧ ବାଧକତାର ସହ ରାଜି ହୋଇଥିଲା କାରଣ ଶାସନ ହସ୍ତାନ୍ତରଣକୁ କଂଗ୍ରେସ ଗୁରୁତ୍ୱ ଦେଉଥିଲା।

ଗାନ୍ଧୀ ସତ୍ୟାଗ୍ରହୀ ଥିଲେ। ବିଭାଜନର ବିରୋଧି ଥିଲେ କିନ୍ତୁ କାହିଁକି ବିଭାଜନକୁ ସମର୍ଥନ କଲେ ତାହା ହେଉଛି ବଡ଼ ପ୍ରଶ୍ନ। ଦେଶ ବିଭାଜନକୁ ଗାନ୍ଧୀ ପ୍ରତିରୋଧ କଲେ ନାହିଁ କାହିଁକି ? କଂଗ୍ରେସର ପ୍ରସ୍ତାବ କୁ ସମର୍ଥନ କଲେ କାହିଁକି ? ଗାନ୍ଧୀ ଆତ୍ମସମର୍ପଣ କରିଥିଲେ କି ? ଏହା ପଛର ରହସ୍ୟ କ'ଣ ? ଗାନ୍ଧୀଙ୍କ ପାଇଁ ଆଦର୍ଶ ମୂଲ୍ୟବୋଧ ର ନିଷ୍ଠା ସଫଳତା ଠାରୁ ବଡ଼ ଥିଲା। ଚାରୀ-ଚୋରା ହିଁସା ହେଲା। ଆନ୍ଦୋଳନ ସଫଳତାର ସହ ଆଡ଼କୁ ବଢୁଥିଲା କିନ୍ତୁ ଗାନ୍ଧୀ ସଫଳତା କୁ ଅଣଦେଖା କରି ଆନ୍ଦୋଳନ ପ୍ରତ୍ୟାହାର କରି ନେଇଥିଲେ। ଗାନ୍ଧୀ ହିନ୍ଦୁ-ମୁସଲିମ ଏକତା ଚାହୁଁଥିଲେ। ଏହି ଏକତାର ଲକ୍ଷ ପ୍ରାପ୍ତି ପାଇଁ ସେ ଖିଲାଫତ ଆନ୍ଦୋଳନ ର ସହଯୋଗୀ ପାଲଟିଥିଲେ। ଖିଲାଫତ ଆନ୍ଦୋଳନ ବିଶ୍ୱର ସବୁଠାରୁ ବଡ଼ ସାମ୍ପ୍ରଦାୟିକ ଆନ୍ଦୋଳନଥିଲା। ଗାନ୍ଧୀ କହିଥିଲେ ଭାରତର ମୁସଲମାନ ମାନେ ଖଲିଫା ପଦର ସମାପ୍ତିକୁ ନେଇ ଦୁଖୀ ଅଛନ୍ତି। ସ୍ୱାଧିନତା ଆନ୍ଦୋଳନରେ ମୁସଲିମ୍ ଙ୍କୁ ସହଯୋଗ ଚାହିଁଥିଲେ ଗାନ୍ଧୀ। ଖଲିଫା ତୁର୍କୀସ୍ଥାନର ଥିଲେ। ଭାରତରେ ମୁସଲମାନ ମାନେ ଖଲିଫା ପଦବୀର ସମାପ୍ତି ପ୍ରସଙ୍ଗରେ ଆନ୍ଦୋଳନ ପାଇଁ ଦାବି କଲେ। ଗାନ୍ଧୀ ବିନା ସର୍ତରେ ସମର୍ଥନ କରିଥିଲେ। ଭାରତରେ ମୁସଲିମ ଆନ୍ଦୋଳନ ହେଲା ଓ ଗାନ୍ଧୀ ତାର ନେତୃତ୍ୱ ନେଲେ। ଗାନ୍ଧୀ ହିନ୍ଦୁ-ମୁସଲିମ ଏକତା ପାଇଁ ପ୍ରତିବଦ୍ଧ ଥିଲେ କିନ୍ତୁ ମୁସଲିମ ରାଜନୀତି କ୍ରମାରତ ଭାବେ ଆକ୍ରାମକ ଥିଲା। ୧୯୨୪ରେ ଗାନ୍ଧୀ ୟଙ୍ଗ ଇଣ୍ଡିଆ ପତ୍ରିକାରେ ଲେଖିଥିଲେ ଯେ ଖିଲାଫତ ଆନ୍ଦୋଳନ ଶେଷ ହେବା ପରେ ମୁସଲମାନ ମାନେ ହିନ୍ଦୁଙ୍କ ବିରୁଦ୍ଧରେ ଏକ ପ୍ରକାର ଜିହାଦ ଆରମ୍ଭ କରିଦେଇଥିଲେ।

କଂଗ୍ରେସ ର କାର୍ଯ୍ୟକାରୀ କମିଟିରେ ମାଲାବାର ହିନ୍ଦୁ ସଂହାର ଉପରେ ଚର୍ଚ୍ଚା ହେଲା ଓ ନିନ୍ଦା ପ୍ରସ୍ତାବ ଅଣାଗଲା। ମୁସଲିମ ନେତା ମାନେ ଏହାକୁ ବିରୋଧ କରିଥିଲେ। ସେତବଳେର ବ୍ରିଟିଶ ସରକାରଙ୍କ ବରିଷ୍ଠ ପୋଲିସ ଅଧିକାରୀ ପିସି ଚେମସ୍ଫୋର୍ଡ ତାଙ୍କ ଲିଖିତ ପୁସ୍ତକ "ହିଷ୍ଟି ଅଫ ଖିଲାଫତ ଆଣ୍ଡ ନନ କୋପରେସନ ମୁଭମେଣ୍ଟ" ରେ ଲେଖିଥିଲେ ଯେ "ହିନ୍ଦୁ ଙ୍କ ବିରୁଦ୍ଧରେ ଲୁଟପାଟ ଓ ହିଁସାକାଣ୍ଡ ଚାଲିଥିଲା"। କଂଗ୍ରେସ ନେତା ମାନେ ମଧ୍ୟ ଏ ନେଇ ଚିନ୍ତିତ ଥିଲେ। ଡ଼କ୍ଟର ଆନି ବିଶାନ୍ତ ଲେଖିଥିଲେ ଯେ "ଗମ୍ଭୀର ପ୍ରଶ୍ନ ଭାରତରେ ମୁସଲମାନ ମାନଙ୍କର.. ସେମାନଙ୍କ ଇଚ୍ଛା ଭାରତରେ ମୁସଲିମ୍ ରାଜ୍ୟ ସ୍ଥାପନ କରିବା"। ସେକୁଲାର ବାଦ ଧ୍ୱସ୍ତ ଥିଲା। ଗାନ୍ଧୀ ଧାର୍ମିକ ଆକ୍ରମକତା ବାବଦରେ ଅବଗତ ଥିଲେ କିନ୍ତୁ ମୁସଲମାନ ମାନଙ୍କୁ ଭାରତୀୟ ରାଷ୍ଟ୍ରବାଦ ସହ ଯୋଡ଼ିବା ପାଇଁ ଇଚ୍ଛୁକଥିଲେ। ଗାନ୍ଧୀ ୟଙ୍ଗ ଇଣ୍ଡିଆ (ସେପ୍ଟେମ୍ବର ୨୦୨୪) ସଂଖ୍ୟାରେ ଲେଖିଥିଲେ "କ'ଣ ମୋ ଉପରେ ଲାଞ୍ଛନ ଲାଗିବ ନାହିଁ ଯେ ମୁଁ ହିନ୍ଦୁମାନଙ୍କ ସହ ବିଶ୍ୱାସଘାତକତା କରୁଛି ବୋଲି ? ମୁସଲ୍‌ମାନ ମାନେ ନିର୍ଯ୍ୟାତନା ଦେଉଛନ୍ତି ବୋଲି ଅନେକ ଅଭିଯୋଗ ଆସୁଛି, ମୋ କଥା କେହି ଶୁଣୁ ନାହାଁନ୍ତି"। କ'ଣ ଗାନ୍ଧୀ ମୁସଲିମ ଆକ୍ରମକତା ର ଇତିହାସବୋଧ ଠାରୁ ଦୁରେଇ ଯାଇଥିଲେ ?ଯାହାବି ହେଉ ଗାନ୍ଧୀ ସତ୍ୟନିଷ୍ଠ ଥିଲେ।



**ଗୋପାଳ ମହାପାତ୍ର**
ରାମଚନ୍ଦ୍ରପୁର, ରଣପୁର
୯୪୩୮୪୮୫୦୯୪

ହିନ୍ଦୁତ୍ୱଙ୍କୁ ନେଇ ଗାନ୍ଧୀଙ୍କ ମନରେ କାଣସି ସଂଶୟ ନଥିଲା । ସେ ଗୀତାଦର୍ଶନ ରେ ଅନୁପ୍ରାଣିତ ଥିଲେ, ଇଶ୍ୱର ବିଶ୍ୱାସୀ ଥିଲେ। କର୍ମ ଉପରେ ବିଶ୍ୱାସ କରୁଥିଲେ। ଗାନ୍ଧୀ ସବୁ ବିଚାର, ପନ୍ଥ ଧର୍ମ କୁ ଆଦର କରୁଥିଲେ। ହିନ୍ଦୁହେବାର ମର୍ମ ବୁଝାଇ ୧୯୩୩ ରେ ଗାନ୍ଧୀ ବରଦା ଜେଲରୁ ନେହେରୁଙ୍କୁ ପତ୍ର ଲେଖିଥିଲେ। ପତ୍ରରେ ସେ ଲେଖିଥିଲେ ଯେ "ମୁଁ ଧର୍ମ କୁ ଛାଡ଼ିପାରିବି ନାହିଁ ଏଣୁ ହିନ୍ଦୁତ୍ୱକୁ ଛାଡ଼ିବା ଅସମ୍ଭବ। ହିନ୍ଦୁତ୍ୱ କାରଣରୁ ମୁଁ ଖ୍ରୀଷ୍ଟଧର୍ମ,ଇସଲାମ ଧର୍ମ ଓ ଅନ୍ୟଧର୍ମକୁ ଭଲ ପାଉଛି"। ଗାନ୍ଧୀଙ୍କ ଏହି ବିଚାରରେ ରାଷ୍ଟ୍ରୀୟତାର କଥା ଥିଲା। ହିନ୍ଦୁମାନେ ଗାନ୍ଧୀଙ୍କ ବିଚାରକୁ ଆଦର କରୁଥିଲେ କିନ୍ତୁ ମହମ୍ମଦ ଅଲ୍ଲୀ ଜିନ୍ନା ମୁସଲମାନ ମାନଙ୍କୁ ଅଲଗା ରାଷ୍ଟ୍ର ପାଇଁ ପ୍ରେରିତ କରୁଥିଲେ। ମୁସଲମାନ ମାନଙ୍କ ଆଗରେ ଜିନ୍ନାଙ୍କ ଅପେକ୍ଷା ଗାନ୍ଧୀଙ୍କର ପ୍ରଭାବ କମ୍ ଥିଲା। ଗାନ୍ଧୀ ଦେଶର ଏକତା କଥା ଚିନ୍ତା କରୁଥିଲେ କିନ୍ତୁ ଜିନ୍ନା ନିଜର ରାଜନୀତି କଥାକୁ ଗୁରୁତ୍ୱ ଦେଉଥିଲେ। ବ୍ରିଟିଶ ସରକାର ଭାରତର ସମ୍ବିଧାନ ଗଠନ ପାଇଁ ଅନୁମତି ଦେବା ପରେ ମଧ୍ୟ ସାମ୍ପ୍ରଦାୟିକ ଦଙ୍ଗା ଘଟୁଥିଲା। କଂଗ୍ରେସ ନେତାମାନେ ଗାନ୍ଧୀଙ୍କୁ ପ୍ରଶ୍ନ କରିଥିଲେ ଯେ ହିନ୍ଦୁ-ମୁସଲିମ ସମସ୍ୟାର ସମାଧାନ କେମିତି କରାଯିବ ? ଗାନ୍ଧୀଙ୍କ ଉତ୍ତର ଥିଲା "ଏଇ ପ୍ରସଙ୍ଗରେ ମୋତେ ମୋର ପରାଜୟକୁ ସ୍ୱୀକାର କରିବା ଉଚିତ୍। ମୁଁ ଜାଣେ ମୋ କଥା କେହି ଶୁଣିବାକୁ ଚାହୁଁନାହାଁନ୍ତି"। ସମ୍ବିଧାନ ସଭା ପ୍ରସଙ୍ଗରେ ବ୍ରିଟିଶ ସରକାରଙ୍କ ସର୍ତ୍ତ ଥିଲା ଯେ ସମ୍ବିଧାନ ସଭାରେ କଂଗ୍ରେସ ଏବଂ ମୁସଲିମ ଲିଗ୍ ଉଭୟଙ୍କୁ ସାମିଲ କରାଯିବା ଉଚିତ୍। ଉଭୟଙ୍କ ସହଯୋଗରେ ଭାରତର ସମ୍ବିଧାନ ପ୍ରସ୍ତୁତ ହୋଇପାରିବ। ଗାନ୍ଧୀ ବ୍ରିଟିଶ ସରକାରଙ୍କ ଅନୁମୋଦିତ ସମ୍ବିଧାନ ସଭା ଚାହୁଁନଥିଲେ। କିନ୍ତୁ ଆଉ ଆନ୍ଦୋଳନ କରିବା ଭଳି ଅବସ୍ଥାରେ କଂଗ୍ରେସ ନଥିଲା। ଗାନ୍ଧୀ ଭାରତର ପ୍ରକୃତି ଏବଂ ସଂସ୍କୃତି ଥିବା ଭାରତ ଚାହୁଁଥିଲେ କିନ୍ତୁ କଂଗ୍ରେସ ଶାସନ ହସ୍ତାନ୍ତରଣ ପାଇଁ ତରବର ଥିଲା। କଂଗ୍ରେସ ରାଜନୀତି ପାଇଁ ଗାନ୍ଧୀଙ୍କ ବିରାଟ ବ୍ୟକ୍ତିତ୍ୱର ଉପଯୋଗ କରୁଥିଲା କିନ୍ତୁ ତାଙ୍କ ବିଚାରଧାରା ଏବଂ ସତ୍ୟାଗ୍ରହକୁ ଗୁରୁତ୍ୱ ଦେଇନଥିଲା। ପୂର୍ଣ୍ଣ ସ୍ୱତନ୍ତ୍ରତା ପାଇଁ ଅନେକ କିଛି କରିବାର ଥିଲା ହେଲେ କଂଗ୍ରେସ ସଂଘର୍ଷ ପାଇଁ ପ୍ରସ୍ତୁତ ନଥିଲା। ଗାନ୍ଧୀ କଂଗ୍ରେସର ସବୁଠାରୁ ବଡ଼ ନେତା ଥିଲେ ହେଲେ କଂଗ୍ରେସକୁ ସଂଯମ ଏବଂ ତ୍ୟାଗର ମୂଳଭୂତ ଭାରତୀୟ ଆଦର୍ଶ ରେ ଗଢ଼ିବାରେ ସକ୍ଷମ ହୋଇପାରିନଥିଲେ। ଇଂରେଜ ମାନେ ଭାରତକୁ ବିଭାଜିତ କରିବାର ଯୋଜନାରେ ସକ୍ଷମ ହେଲେ ଓ କଂଗ୍ରେସ ଏହାକୁ ମାନିନେଲା। ଗାନ୍ଧୀ ବିଭାଜନ ଚାହୁଁନଥିଲେ କିନ୍ତୁ ଦେଶ ବିଭାଜନ ହେଲା। ହିନ୍ଦସ୍ୱରାଜ ରେ ଗାନ୍ଧୀ ବ୍ରିଟିଶ ସଂସଦୀୟ ପ୍ରଣାଳିର ଆଲୋଚନା କରିଥିଲେ ଓ ଲେଖିଥିଲେ " ମୋ ବିଚାରରେ ଭାରତ ଯଦି ଇଂରେଜମାନଙ୍କ ନକଲ କରିବ ତେବେ ବରବାଦ ହେବ"। ଗାନ୍ଧୀ ଅନେକ ପ୍ରସଙ୍ଗରେ ସହମତ ନଥିଲେ କିନ୍ତୁ ରୋକି ପାରିନଥିଲେ।

# କଟକ ନଗର ଧବଳ ଟଗର



**ଡଃ ସଫଳାଦାସ**
ବାଦାମବାଡ଼ି , ପ୍ରଶାନ୍ତି ଶିକ୍ଷାଶ୍ରମ
୮୯୧୭୪୬୫୩୬୬

ଭାଇ ଚାରାର ସହର କଟକ. ବାର ମାସରେତେର ପରବ କଟକ ସହର। ତାରକଷି କାମରେ ଶୋଭା ମଣ୍ଡିତ କରେ କଟକ ସହରକୁ। ଐତିହାସିକ ବାଲି ଯାତ୍ରା ସହରାଞ୍ଚଳ ଠାରୁ ଗ୍ରାମାଞ୍ଚଳରୁ ନେଇ ଆସନ୍ତି କଳା ବାଣିଜ୍ୟର ପସରା ଓଡିଶାର ବଡ଼ ମେଳା ବାଲିଯାତ୍ରା। ବୋଇତ ବନ୍ଧାଣର ପାରମ୍ପରିକ ରିତୀ ନିତି ରେ ଶଙ୍ଖ ହୁଳହୁଳି ତାଳରେ ଆରମ୍ଭ ହୁଏ ନୌଯାତ୍ରାର ଶୁଭାରମ୍ଭ।

କଟକର ପ୍ରତ୍ୟକ୍ଷ ଠାକୁରାଣୀ ମାଆ କଟକ ଚଣ୍ଡୀ, ମା ଗଡ ଚଣ୍ଡୀ ଘଣ୍ଟ ଘୋଡାଇ ରଖି ଥାଆନ୍ତି ସନ୍ତାନମାନଙ୍କୁ। କଟକ ସହର ଭାଇ ଚାରାରାର ସହର ଜାତି ଧର୍ମ ନିର୍ବିଶେଷରେ ବିପଦ ଆପଦ ସମୟରେ ଠିଆ ହୁଅନ୍ତି ଆପଣା ଜନର ପରିଚୟ ଦେଇ। କିଏ କହେ ଗାଁ କୁ ଭୂଲି ସହରର ଚାଲି ଚଳଣିରେ ବଢି ଯାଇଛି କଟକ ସହର. ଏହା କଦାପି ନୁହେଁ କଟକ ସହରର ସାହି, ସାହି ଭିତରେ ହିଁ ଯୋଡି ଦିଅନ୍ତି କର୍ମ ମୟ ଜୀବନରେ ବାନ୍ଧି ହେଇ ରହିଥିବା ଭିନ୍ନ ଭିନ୍ନ ଗାଁ ସହରରୁ ଆସିଥିବା କର୍ମଚାରୀ ଭାଇ ଭ ଉଣୀ ମାନଙ୍କ ସୁସମ୍ପର୍କ। କଟକର ନିଆରା ପର ମ୍ପରା ପୂଜା ମଣ୍ଡପ ରେ ସାହି ବସ୍ତିର ପୂଜ୍ୟ ପୂଜାର ସମ୍ମାନ, ସହ ସାନ ସାନ ପୁଅ ଝିଅ କୁ ସ୍ନେହ ଭରା ଆଶୀର୍ବାଦ। ଘରର ମୁରବି ପରି କଟକ ସହର ର ବାନ୍ଧି ହୋଇ ଥାଆନ୍ତି ଏକ ସୁତ୍ରରେ। ଅପୂର୍ବ ମିଳନର ସମାହୋର। ଏହି ଆତ୍ମୀୟତାରୁ ସୃଷ୍ଟି ହୁଏ କର୍ମ ମୟ ଜୀବନ ରେ ଟିକେ ଇଶ୍ୱର ଭାବନା ଆଧାତ୍ମିକ ତା ବାଦତାବରଣରେ ମନୋରଞ୍ଜନ କାର୍ଯ୍ୟକ୍ରମ।

ଏବେ ବି ମନେରେ ଭର ପୁର ବିଶ୍ୱାସ ରେ ଆରମ୍ଭ ହୁଏ ଦୋଳ ଯାତ୍ରା, ଏବେ ବି ଦେଖିବାକୁ ମିଳେ ଗୋପାଳ ଭାଇଙ୍କ ନ ଉଡ ଖେଳ ସହ ରଂଗ ଅଭିରର ହୋଲି, ଅକ୍ଷୟ ତୃତୀୟା ଠାରୁ ପର୍ବ ପର୍ବାଣୀର ଶୁଭାରମ୍ଭ। ରଜପର୍ବ ଠୁ ରଥଯାତ୍ରା କଟକର ବିଭିନ୍ନ ଶ୍ରୀ ଜଗନ୍ନାଥ ମନ୍ଦିର ରୁ ଆରମ୍ଭ ହୁଏ ଗୁଣ୍ଡିଚାରୁ ବାହୁଡା ଯାଏ। କଟକ ସାହି ଗଳି ବସ୍ତି ଅଂଚଳରେ ମା ଖୁଦୁରୁକୁଣୀ, ବୁଧିବାମନ ଗଣେଶ ପୂଜା, ଠୁ ଆରମ୍ଭ କରି କଟକ ଦଶହରା ସାରା ଉତ୍କଳ ମାଟିର ଶାରଦୀୟ ଅଭିନନ୍ଦନ ଷୋଳ ଦିନ ଧରି ପୂଜା ଚାଲିଥାଏ ଶକ୍ତି ପୀଠ ମାନଙ୍କରେ, ଦଶହରା, କାଳିପୂଜା, କୁମାର ଉତ୍ସବ ସତେ ଯେମିତି ମେଢ ଭିଡ ଭିତରେ ଅତିଥି ସେବା ଚାଲି ଥାଏ ଘରେ ଘରେ ଦଶହରା ଭସାଣି ର ଯାତ୍ରା ଏକ ଆନନ୍ଦ ମୟ ପରିବେଶ କାଠ ଯୋଡି ନଦୀବନ୍ଧର ଦେବୀଗଡା ଯେମିତି ହସିହସି ମାଆ କଥା ଦେଉଛନ୍ତି ମା କେବେ ସନ୍ତାନ ମାନଙ୍କୁ ଭୂଲି ପାରିବ ନାହିଁ. ଅପେକ୍ଷା କରିବାକୁ ହୁଏ ପୂର୍ନରବାର ନୂତନ ରୂପନେଇ ମୃଣମୟୀ ପ୍ରତିମା। ଝଟକୁ ଥିବା ଚାନ୍ଦି ମେଢ଼ ତାର କଷି କାମ.କଟକ ସହର ଛୋଟ ଛୋଟ ଦୋକାନଠୁ ବଡ଼ ବଡ଼ ଗୋଦାମ, ଠାବେ ଠାବେ କଟକ କର ଦହିବରା ଆଳୁଦମ ଏକ ଲୋଭନୀୟ ଜଳଖିଆ। କଟକର ବାରବାଟି ଦୁର୍ଗ, କଳାପାହାଡର ଧ୍ୱଂସ ବିଧ୍ୱଂସ ଅତୀତର ଇତିହାସ ଚୀର ଜୀବତ କରେ ଉତ୍କଳ ମାଟିକୁ। କେତେ କେତେ ବୀର ସୁର ଜନ୍ମ ନେଇ ଅମର ଅଛନ୍ତି ଉତ୍କଳ ମାତାର ସୁ ଯୋଗ ସନ୍ତାନ କଟକ ଜିଲ୍ଲାରେ ଓ କଟକ ସହରରେ।

# ଗଜଲକ୍ଷ୍ମୀ

ଓଡ଼ିଶାର ଅନେକ ଅଞ୍ଚଳରେ ପ୍ରତିବର୍ଷ କୁମାର ପୂର୍ଣ୍ଣମୀଠାରୁ ଗଜଲକ୍ଷ୍ମୀ ପୂଜାର ଆରମ୍ଭ ହୁଏ। ଦେବୀ ଲକ୍ଷ୍ମୀଙ୍କର ବିଭିନ୍ନ ରୂପ ମଧ୍ୟରୁ ଏହି ରୂପ ଗୋଟିଏ। ଏଥିରେ ତାଙ୍କର ଦୁଇ ପାଶ୍ୱର୍ରେ ଦୁଇଟି ଗଜ ବା ହାତୀ ରହି କଳସରେ ଜଳ ଢାଳୁଥାଆନ୍ତି ।ଏହି ନାମର ଆଉ ଏକ ତାତ୍ପର୍ଯ୍ୟ ମଧ୍ୟ ଅଛି। ତାହା ହେଉଛି- କୁମାର ପୂର୍ଣ୍ଣିମା ରାତିର ଶେଷ ପ୍ରହରରେ ଦେବୀ ଲକ୍ଷ୍ମୀ ଗଜବାହନରେ ପୃଥିବୀକୁ ଆସନ୍ତି ବୋଲି ତାଙ୍କର ନାମ ଗଜଲକ୍ଷ୍ମୀ ହୋଇଛି। ଏ ଦୃଷ୍ଟିରୁ କୁମାରପୂର୍ଣ୍ଣିମାରେ ଗଜଲକ୍ଷ୍ମୀଙ୍କର ପୂଜା କରାଯାଇଥାଏ। ଚାରିଭୂଜାଧାରିଣୀ ଦେବୀ ଗଜଲକ୍ଷ୍ମୀ ସର୍ବଦା ଲାଲ ରଙ୍ଗର ବସ୍ତ୍ର ପରିଧାନ କରିଥାନ୍ତି। ତାଙ୍କର ଦୁଇ ହାତ ଅଭୟ ତଥା ବରଦ ମୁଦ୍ରାରେ ରହିଥାଏ । ଦେବୀଙ୍କ ଦୁଇପାଖରେ ଦୁଇ ଗଜ ବା ହାତୀ ଦେବୀଙ୍କ ପ୍ରତି ସମର୍ପଣ ଜଣାଇ ଛିଡ଼ା ହୋଇଥାନ୍ତି । ଦେବୀ ଗଜଲକ୍ଷ୍ମୀଙ୍କୁ ପୂଜା କରିବାଦ୍ୱାରା ଗୋସମ୍ପଦ ପ୍ରାପ୍ତି ହୋଇଥାଏ। ଗଜଲକ୍ଷ୍ମୀ ପ୍ରସନ୍ନ ହେଲେ ଭକ୍ତଜନଙ୍କୁ ରାଜକୀୟ ସୁଖ ପ୍ରଦାନ କରିଥାନ୍ତି । ଦେବୀ ଗଜଲକ୍ଷ୍ମୀଙ୍କ ପୂଜାଦ୍ୱାରା ଇନ୍ଦ୍ରଦେବ ସ୍ୱର୍ଗପୁରୀ ଏବଂ ଦେବଲୋକର ସମସ୍ତ ସମ୍ପତ୍ତି ଫେରି ପାଇଥିଲେ ବୋଲି ପୁରାଣରେ ଉଲ୍ଲେଖ ରହିଛି ।



ଦେବୀ ଲକ୍ଷ୍ମୀ ଭଗବାନ ବିଷ୍ଣୁଙ୍କର ସହଧର୍ମିଣୀ ଓ ଶକ୍ତି ସ୍ୱରୁପା । ରାମାୟଣ ମତେ ସମୁଦ୍ର ମନ୍ଥନ ସମୟରେ ଅମୃତପାତ୍ର ଧରି ସେ ପୃଥିବୀ ପୃଷ୍ଠକୁ ଆସିଥିଲେ । ସେ ସମୁଦ୍ରଙ୍କର କନ୍ୟା । ଲକ୍ଷ୍ମୀଙ୍କର ବାହାନ ପେଚା, ମତାନ୍ତରେ ହାତୀ। ଲକ୍ଷ୍ମୀଙ୍କର ନାମ ଲକ୍ଷ ଶବ୍ଦରୁ ଆସିଛି। ରୁକ୍ମଣୀ ଓ ସତ୍ୟଭାମା ଲକ୍ଷ୍ମୀଙ୍କ ଅବତାର ଭାବେ ପରିଚିତ । ପ୍ରେମ ଏବଂ ପ୍ରଜନନର ଦେବତା କାମଦେବ ବିଷ୍ଣୁ ଓ ଲକ୍ଷ୍ମୀଙ୍କର ପୁତ୍ର ଭାବେ ବର୍ଣ୍ଣିତ ହେଇଥାନ୍ତି । ତାଙ୍କର ଚାରିହାତ ଧର୍ମ, କାମନା, ଅର୍ଥ ଓ ମୋକ୍ଷର ପ୍ରତୀକ । ତାଙ୍କୁ ପୂଜାକରିବା ଦ୍ୱାରା ଧର୍ମ, କାମନା, ଅର୍ଥ ଓ ମୋକ୍ଷ ଭାବନାରୁ ମୁକ୍ତ ହୋଇ ଜଣେ ନିର୍ବାଣ ପାଇପାରିବ ।ଭୃଗୁଋଷିଙ୍କ ତପସ୍ୟା ଫଳରେ ସେ ଭାର୍ଗବୀ, ଶ୍ରୀ ଆଦି ରୂପରେ ଅବତୀର୍ଣ୍ଣା ହୋଇଥିଲେ। ଭାରତର କେତେକସ୍ଥାନରେ ଏଥିପାଇଁ ଭୃଗୁକନ୍ୟାରୂପେ ଶୁକ୍ରବାର ଦିନ ଲକ୍ଷ୍ମୀପୂଜା କରାଯାଏ । ଓଡ଼ିଶାରେ ମାର୍ଗଶିର ମାସ ଗୁରୁବାର ଲକ୍ଷ୍ମୀଙ୍କର ପ୍ରିୟପୂଜା ମାଣବସା ପୂଜା ନାମରେ ପ୍ରସିଦ୍ଧ । ଶ୍ରୀଦେବୀ ବା ଲକ୍ଷ୍ମୀ ଶ୍ରୀ ବା ଐଶ୍ୱର୍ଯ୍ୟର ଦେବୀ। ସେ ସୌନ୍ଦର୍ଯ୍ୟ, ସଂପଦ, ଐଶ୍ୱର୍ଯ୍ୟ ଓ ସୌଭାଗ୍ୟର ପ୍ରତୀକ। ପୁରାଣରେ ତାଙ୍କୁ ଶ୍ୱେତଚମ୍ପକ, କଞ୍ଚନପୁଷ୍ପ ବା ହସ୍ତୀଦନ୍ତ ତୁଲ୍ୟ ଶୁଭ୍ର ବୋଲି ବର୍ଣ୍ଣନା କରାଯାଇଛି। ସେ ମଧ୍ୟ ଅସାମାନ୍ୟା ରୂପବତୀ ଓ ଚିରଯୁବତୀ ।ସ୍ୱର୍ଗ, ମିରଯ, ଗାଭୀ ଓ ସାଗର ସବୁଠାରେ ଦେବୀ ଲକ୍ଷ୍ମୀ ବିଦ୍ୟମାନା। ତାଙ୍କର ଅନେକ ନାମ। ସ୍ୱର୍ଗରେ ଇନ୍ଦ୍ରଙ୍କର ସଂପତ୍ତି ରୂପେ ସେ ସ୍ୱର୍ଗଲକ୍ଷ୍ମୀ, ଗୃହସ୍ଥଙ୍କ ଗୃହରେ ସେ ଗୃହଲକ୍ଷ୍ମୀ ଏବଂ ରାଜପ୍ରାସାଦରେ ସେ ରାଜଲକ୍ଷ୍ମୀ। ଗୋଧନମାନଙ୍କର ପ୍ରସୂତି ରୂପେ ସେ ସୁରଭି ଏବଂ କ୍ଷୀରସାଗରଙ୍କ କନ୍ୟା ରୂପେ ସେ ପଦ୍ମିନୀ। ଦେବୀ ଲକ୍ଷ୍ମୀ 'ଶ୍ରୀ'ରୂପିଣୀ। ସେ ଚନ୍ଦ୍ରମଣ୍ଡଳରେ, ଆଭୂଷଣରେ, ରତ୍ନରେ, ଫଳରେ, ସମସ୍ତ ଶସ୍ୟରେ, ବସ୍ତ୍ରରେ, ଦେବ ପ୍ରତିମାରେ, ମଙ୍ଗଳଘଟରେ, ହୀରକରେ, ଚନ୍ଦନରେ ଓ ନୂତନ ମେଘରେ ଶ୍ରୀ ବା ଶୋଭା ରୂପରେ ଅବସ୍ଥାନ କରନ୍ତି। ଏଣୁ ସେ ହିଁ ସକଳ 'ଶ୍ରୀ' ବା ଶୋଭାର ଆଧାର। ତେଣୁ ତାଙ୍କର ଅବର୍ତ୍ତମାନରେ ସବୁ 'ଶ୍ରୀହୀନ' ହୋଇଯାଏ। ସେଥିପାଇଁ କେବଳ କୁମାର ପୂର୍ଣ୍ଣିମାରେ ଗଜଲକ୍ଷ୍ମୀ ଭାବରେ ବା ମାର୍ଗଶିର ମାସରେ ଶସ୍ୟ (ଧାନ୍ୟ) ଲକ୍ଷ୍ମୀ ଭାବରେ ନୁହେଁଛ ସାରା ବର୍ଷ ସେ ସମସ୍ତଙ୍କ ଘରେ ନିତ୍ୟ ପୂଜିତା ହୋଇଥାଆନ୍ତି।

ପଦ୍ମ ଫୁଲସହ ତାଙ୍କର ନିକଟତା ନେଇ ତାଙ୍କର ଅନେକ ନାମ ଅଛି ଯଥା :-

ପଦ୍ମା: ପଦ୍ମରେ ଯେ ବାସ କରନ୍ତି

କମଳା: ପଦ୍ମରେ ଯେ ବାସ କରନ୍ତି

ପଦ୍ମପ୍ରିୟା: ଯେ ପଦ୍ମକୁ ପସନ୍ଦ କରନ୍ତି

ପଦ୍ମାକ୍ଷୀ: ଯାହାର ଆଖି ପଦ୍ମ ପରି ସୁନ୍ଦର

ପଦ୍ମହସ୍ତା: ଯେ ପଦ୍ମ ଧାରଣ କରିଥାନ୍ତି

ପଦ୍ମସୁନ୍ଦରୀ: ଯେ ପଦ୍ମ ପରି ସୁନ୍ଦର

ଅନ୍ୟ ନାମ ଗୁଡିକ ହେଲା :-

ବିଷ୍ଣୁପ୍ରିୟା: ଯେ ବିଷ୍ଣୁଙ୍କ ପ୍ରିୟା

ଉଲ୍ଲୁକବାହିନୀ: ଯେ ପେଚା ଉପରେ ବସି ଗମନ କରନ୍ତି

ଧନ, ଶାନ୍ତି ଓ ପ୍ରେମର ପ୍ରତୀକ ହେଉଛନ୍ତି ମାଆ ଲକ୍ଷ୍ମୀ। ଧନ ସମ୍ପତ୍ତି ଓ ବୈଭବର କାମନା ସମସ୍ତେ କରିଥାନ୍ତି । ଏହାକୁ ପାଇବା ଲାଗି ବ୍ୟକ୍ତିବିଶେଷ ଲଗାତାର ପ୍ରୟାସ ଜାରି ରଖିଥାନ୍ତି । ତଥାପି ବେଳେବେଳେ ସବୁ ପ୍ରଚେଷ୍ଟା ସତ୍ୱେ ମଧ୍ୟ ସଫଳତା ମିଳିପାରିନଥାଏ । କୁହାଯାଏ, ମା' ଲକ୍ଷ୍ମୀଙ୍କ କୃପା ରହିଲେ ଧନ, ଯଶ ଓ ବୈଭବ ଆଦି ମିଳିଥାଏ ।ଶାସ୍ତ୍ରମତେ ଧନର ଦେବୀ ମା' ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା କରିବାର ସ୍ୱତନ୍ତ୍ର ବିଧି ରହିଛି । ଏହି ବିଧିକୁ ରୀତିନୀତିରେ କରିବା ଦ୍ୱାରା ମା'ଙ୍କ କୃପା ଲାଭ ହୋଇଥାଏ ।

ମାତା ଲକ୍ଷ୍ମୀଙ୍କର ମୂର୍ତ୍ତି ବା ଫଟୋକୁ ଏକ ଖଟୁଲିରେ ରଖି ସାଲୁକନା ଦ୍ୱାରା ସୁସଜ୍ଜିତ କରନ୍ତୁ ପରେ ଖଟୁଲି ନିକଟରେ ଏକ ଧାନକେଣ୍ଡା ଏବଂ ମା'ଙ୍କ ପାଖରେ ରୂପା ଟଙ୍କା ରଖି ପୂଜା କରନ୍ତୁ, ଲୋକକଥାନୁ ଯାୟୀ ଏପରି କଲେ ଘରେ କେବେବି ଧନର ଅଭାବ ପଡିନଥାଏ ।

ମା'ଙ୍କ ଫଟୋକୁ ସବୁବେଳେ ପୋଷାକରେ ଆଚ୍ଛାଦିତ କରି ରଖନ୍ତୁ, ଯାହାଫଳରେ ଘରେ କୌଣସି ଦ୍ରବ୍ୟର ଅଭାବ ହୁଏ ନାହିଁ ।

ଏପରିକି ମାତା ଲକ୍ଷ୍ମୀଙ୍କ ସହ ବିଷ୍ଣୁ ଭଗବାନଙ୍କୁ ଏକାଠି ପୂଜା କଲେ ପରିବାରର ସମସ୍ତ ଦୁଃଖ କଷ୍ଟ ଦୂରେଇ ଯାଇଥାଏ ।

ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ସହ ମା' ଲକ୍ଷ୍ମୀଙ୍କ ପୂଜା କଲେ ଧନ ସହ ବୁଦ୍ଧି ମଧ୍ୟ ପ୍ରାପ୍ତି ହୋଇଥାଏ ।

ଧଳା ଓ ଗୋଲାପି ମିଶା କପଡା ପିନ୍ଧିକରି ମା'ଙ୍କ ପୂଜା କଲେ ଅଧିକ ସୁଫଳ ମିଳିଥାଏ ।

ସୁନିଲ କୁମାର ଜେନା,
ଭୁବନେଶ୍ୱର

# କୁମାର ପୂର୍ଣ୍ଣିମା

କୁଆଁର ପୁନେଇ ଜହ୍ନ ଗୋ ଫୁଲ ବଉଳ ବେଣୀ,
କୁଆଁରୀ ଝିଅଙ୍କ ଅପୂର୍ବ ଆନନ୍ଦ ପୁଚି ଖେଳିବାକୁ
ମନ ଗୋ ଫୁଲ ବଉଳ ବେଣୀ...

ଆଶ୍ୱିନ ପୂର୍ଣ୍ଣିମାକୁ ଓଡ଼ିଶାରେ କେବଳ କୁମାର ପୂର୍ଣ୍ଣିମା ହିସାବରେ ପାଳନ କରାଯାଏ । ଏହି ଦିବସଟି ଆଶ୍ୱିନର ଶେଷ ଦିନ ଓ କାର୍ତ୍ତିକ ମାସର ଆରମ୍ଭର ପୂର୍ବ ଦିନ । କାର୍ତ୍ତିକ କୃତ୍ତିକା ନକ୍ଷେତ୍ରର ମାସ । କୃତ୍ତିକାଙ୍କର ପୁତ୍ର ହେଉଛନ୍ତି କୁମାର ବା କାର୍ତ୍ତିକେୟ। କାର୍ତ୍ତିକ ନିଜେ ଚିର କୁମାର, ଶ୍ରେଷ୍ଠ ପୁରୁଷ ଏବଂ ଦେବତାମାନଙ୍କର ସେନାପତି ଥିବାରୁ ସମ୍ଭବତଃ ତାଙ୍କରି ପବିତ୍ର ପୌରାଣିକ ସ୍ମୃତିରେ ଉଦ୍‌ବୋଧନ ପାଇଁ ଏହି ପୂଜାର ସୃଷ୍ଟି ହୋଇଥିବା ସମ୍ଭବ । ଏହିଦିନ ଚନ୍ଦ୍ର ଅଶ୍ୱିନୀ ନକ୍ଷତ୍ରରେ ରୁହନ୍ତି। ବୈଦିକ କାଳରୁ ଅଶ୍ୱିନୀଙ୍କ ସଂଗେ କୁମାରଙ୍କର ନିତ୍ୟ ସମ୍ବୋଧ। ତେଣୁ ଏହି ଅଶ୍ୱିନୀ ଚନ୍ଦ୍ର ହେଲେ 'ଅଶ୍ୱିନୀ କୁମାର'। ଏହି ପୁର୍ଣ୍ଣିମା ହେଲେ 'କୁମାର'। ଏହି ପରି ହୁଏତ ଏ ଦିନଟିର ନାମ ହୋଇଛି କୁମାର ପୂର୍ଣ୍ଣିମା।' ମହର୍ଷି ସୁଶ୍ରୁତ ଲେଖିଛନ୍ତି 'କୁମାର' ବା 'ସ୍କନ୍ଦ' ଏକ ଗ୍ରହ। ମଙ୍ଗଳଙ୍କର ଅନ୍ୟନାମ ମଧ୍ୟ କୁମାର। ଏମାନଙ୍କର କୁମାର ବା' ବାଳୁତମାନଙ୍କ ଉପରେ ଖରାପ ପ୍ରଭାବ ପଡୁଥିବା ହେତୁ ଆୟୁର୍ବେଦୀୟ ମତରେ ଏହି ଦିନଟି ସେମାନଙ୍କର କୋପ ଦୃଷ୍ଟିରୁ ରକ୍ଷାନିମନ୍ତେ ଉପଚାର କରାଯାଏ ।




ଭିନ୍ନ ଏକ କାହାଣୀମତେ ଏକଦା ଆଶ୍ୱିନ ପୂର୍ଣ୍ଣିମା ଦିନ କୃଷ୍ଣ, ରୁକ୍ମଣୀ ଓ ସତ୍ୟଭାମା ରାତିରେ ପଶା ଖେଳୁଥିଲେ । ଠିକ୍ ଏତିକି ବେଳେ କଟ ନାମ ଏକ ରାକ୍ଷସ ସତ୍ରାଜିତ ମଣି ଲୋଭରେ ସତ୍ୟଭାମାଙ୍କୁ ଆକ୍ରମଣ କରନ୍ତେ ଗରୁଡ଼ ଦ୍ୱାରା ସେ ନିହତ ହେଲା ଅଥଚ ସେ ସକାଳକୁ ବଞ୍ଚି ଯାଇଥିଲା ।ଏକଥା ସତ୍ୟଭାମା କୃଷ୍ଣଙ୍କୁ ପୁଛନ୍ତେ ସେ କହିଲେ : କୁମାର ପୂର୍ଣ୍ଣିମା ରାତିରେ ଚନ୍ଦ୍ରାଲୋକରୁ ଅମୃତ ବର୍ଷିତ ହୁଏ । ଏହି ରାକ୍ଷସଟି ସେ ଅମୃତ ଭକ୍ଷଣକରି ସଂଜୀବୀତ ହୋଇଛି । ଏହାକୁ ଆଧାରକରି ଦେହର ପୁଷ୍ଟି ଓ ମନର ପ୍ରଫୁଲ୍ଲତା ବୃଦ୍ଧି ନିମନ୍ତେ ନାରୀମାନେ ସ୍ୱାମୀଙ୍କ ସହ ଉଜାଗର ରହି ଦାମ୍ପତ୍ୟ ଜୀବନର ସୁଖଲାଭ କରନ୍ତି। ଏହି ଦିବସଟି ପ୍ରତିଟି ମଣିଷ ପାଇଁ ପାପ ନାଶିନୀ ପୂର୍ଣ୍ଣିମା ରୂପେ ବିଚାର୍ଯ୍ୟ ।

କୁଆଁରୀ ଝିଅଙ୍କ ପର୍ବ କୁଆଁରପୁନେଇ । ଏହିଦିନ କୁଆଁରୀ ମାନେ ସଜବାଜ ହୋଇ ହାତରେ ପୂଜାଥାଳି ଧରି ଚାନ୍ଦ ବନ୍ଦେଇବାକୁ ଅଗଣାରେ ଏକାଠି ହୋଇଥାନ୍ତି। ଲୋକକଥା ଅନୁଯାୟୀ ଏହି ପୂଜା କୁଆଁରୀ ଝିଅମାନେ ନିଷ୍ଠାର ସହ କଲେ ତାଙ୍କୁ ଚାନ୍ଦପରି ସୁନ୍ଦର ଓ ଶୀତଳ (ସ୍ୱଭାବର ରାଗି ନୁହେଁ) ବର ମିଳିଥାଏ । ହିନ୍ଦୁଶାସ୍ତ୍ର ଅନୁସାରେ ଆଶ୍ୱିନ ମାସ ପୂର୍ଣ୍ଣିମାରେ ମହାଦେବଙ୍କ ପୁତ୍ର କୁମାର କାର୍ତ୍ତିକେୟଙ୍କ ଜନ୍ମ ହୋଇଥିବା କାରଣରୁ ଏହି ଦିନକୁ ତାଙ୍କର ଜନ୍ମ ଦିବସ ରୂପେ ପାଳନ କରାଯାଏ। କୁମାର, କୁମାରୀଙ୍କ ପୂଜା ପରମ୍ପରା ଏହି ପର୍ବର ମୂଳ ଲକ୍ଷ୍ୟ। କୁମାର ପୂର୍ଣ୍ଣିମାର ଅନ୍ୟନାମ 'କୌମୁଦି ପୂର୍ଣ୍ଣିମା' ରହିଥିବା ଅନେକ କହନ୍ତି । ଆଶ୍ୱିନ ମାସ ଏକ ପବିତ୍ର ମାସ ବର୍ଷାଋତୁ ଧରାପୃଷ୍ଠରୁ ବିଦାୟ ନେଇଛି। ଶରତଋତୁ ଆଗମନରେ ପୃଥିବୀ ମାତା ଉଲ୍ଲସିତା ହୋଇଛି। କବିଙ୍କ ଭାଷାରେ ''ଉପଗତ ହେଲା ଧାରାରେ ରମ୍ୟ ଶରଦ କାଳ, ବରଷାର ବଳ ହଟିଲା ନଭ ହେଲା ନିର୍ମଳ।''

ଆକାଶ ସ୍ୱଚ୍ଛ, ନିର୍ମଳ। ଲତାରେ ଜହ୍ନି ଫୁଲ ହସୁଛି। ରାତିରେ ଜହ୍ନର ଧବଳ ଜ୍ୟୋତ୍ସ୍ନା କୁମାରୀମାନଙ୍କର ଜହ୍ନି ଓଷା ଗୀତ 'ଜହ୍ନି ଫୁଲ ଠୋ ଠୋ, କାକୁଡି ଫୁଲ ଠୋ ଠୋ' , ଗ୍ରାମ୍ୟ ପରିବେଶକୁ ଆନନ୍ଦ ମୁଖରିତ କରିଥାଏ। ଦଶହରା ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ କୁମାର ଉତ୍ସବ ପାଳନ କରାଯାଏ। ଏହି ଦିନ ମାନଙ୍କରେ ତାସ ଖେଳ, ପଇସା ଖେଳ, କଉଡ଼ି ଖେଳ ଆଦି ଚାଲିଥାଏ । ପୂର୍ଣ୍ଣମୀ ଦିନ ତାସଖେଳ ବା ପଇସା ଖେଳରେ ହାରିଲେ ଆଗାମୀ ବର୍ଷ ଭଲରେ କଟିବ ବୋଲି ବିଶ୍ୱାସ ରହିଛି ।ଧାର୍ମିକ ସାମାଜିକ ଭାବଧାରା ପରିପୂର୍ଣ୍ଣ ଏ ପୂର୍ଣ୍ଣିମା। ଏହିଦିନ କୁମାରୀମାନେ ମାସବ୍ୟାପୀ କରିଆସୁଥିବା ଜହ୍ନିଓଷାର ଉଦଯାପନ କରନ୍ତି। ନାଚ,ଗୀତ, ମଉଜ, ମଜଲିସରେ ଏହି ଉତ୍ସବ ଅଧିକ ମନୋରମ ଓ ଆକର୍ଷଣୀୟ ହୋଇଉଠେ।

ଇତିହାସ କହେ- କନ୍ୟା କୁମାରୀ ଠାରୁ କାମକ୍ଷା ଯାଏଁ ଦକ୍ଷିଣ ଓ ପୂର୍ବ ଭାରତରେ କୁମାରୀ ପୂଜାର ପରମ୍ପରା ଅଷ୍ଟମ ଶତାବ୍ଦୀରୁ ରହି ଆସିଛି। 'କୁମାରୀ ତନ୍ତ୍ର' ଅନୁସାରେ ତନ୍ତ୍ରିକମାନେ ଅବିବାହିତ ବା କୁମାରୀ କନ୍ୟାମାନଙ୍କୁ ପୂଜା କରି ସିଦ୍ଧି ଲାଭ କରିଥିଲେ। କ୍ରମଶଃ ଦେଶରେ କୁମାରୀ ପୂଜା ପାଳନ ହେଉଥିବା ଜଣାଯାଏ। ପରବର୍ତ୍ତୀ କାଳରେ ଏହା ସାମାଜିକ ପରମ୍ପରାରେ ପରିଣତ ହୋଇଗଲା। ଏହି ଦିନ ଘରର କୁମାରୀମାନେ ଭୋର୍‌ରୁ ଉଠି ସ୍ନାନାଦି ନିତ୍ୟକର୍ମ ସାରି ନୂତନ ବସ୍ତ୍ର ପରିଧାନ କରିଥାନ୍ତି। ଏହାପରେ ସେମାନେ ଆଞ୍ଜୁଳାରେ ସାତ ପ୍ରକାରର ଫଳ ନେଇ ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଥାନ୍ତି। ଏହି ବିଧିକୁ ଆଞ୍ଜୁଳା ଟେକା ବିଧି କୁହାଯାଏ। ତେବେ ଓଡ଼ିଶାର କେତେକ ଅଞ୍ଚଳରେ ଏହି ଆଞ୍ଜୁଳା ଟେକା ବିଧି ପାଳନ କରାଯାଏ ନାହିଁ । ଏହି ପର୍ବରେ କୁମାରୀମାନେ ଦିନସାରା ଉପବାସ କରିଥାନ୍ତି। ଏହିଦିନ କୁମାରୀ ତଥା ବିବାହିତା ମହିଳାମାନେ ପାଦରେ ଅଳତା ଲଗାଇଥାନ୍ତି। ଅଳତା ହେଉଛି ଭାରତୀୟ ପରମ୍ପରାରେ ଅହିସୁଲକ୍ଷଣୀ ହେବାର ପ୍ରତୀକ । ପ୍ରତ୍ୟକ ପୂଜା ପର୍ବରେ ଭାରତୀୟ ନାରୀମାନେ ଅଳତା ଲଗାଇ ନିଜ ଜୀବନସାଥୀର ଦୀର୍ଘ ଜୀବନ କାମନା କରିଥାନ୍ତି। ସନ୍ଧ୍ୟା ସମୟରେ କୁମାରୀମାନେ ପୁଣି ନୂତନ ବସ୍ତ୍ର ପରିଧାନ କରି ଚନ୍ଦ୍ର ଓ ଚଉରାଙ୍କୁ ପୂଜା କରିଥାନ୍ତି । କୁମାର ପୂର୍ଣ୍ଣିମାର କିଛିଦିନ ପୂର୍ବରୁ ଚଉରାକୁ ଭଲ ଭାବରେ ସଫା କରି ରଙ୍ଗ କରାଯାଇଥାଏ। କୁମାର ପୂର୍ଣ୍ଣିମା ଦିନ ସନ୍ଧ୍ୟାରେ ଚଉରା ଆଗରେ ମୁରୂଜରେ ବିଭିନ୍ନ ପ୍ରକାର ଚିତ୍ର କରାଯାଇଥାଏ ଓ ଚଉରାକୁ ଫୁଲ ଓ ସିନ୍ଦୁରରେ ସଜାଯାଇଥାଏ । ଚଉରାକୁ ସଜାଇବାରେ ମୁଖ୍ୟତଃ କଇଁ ଫୁଲ ବ୍ୟବହାର କରାଯାଇଥାଏ । ଚନ୍ଦ୍ର ଉଦୟ ହେଲେ କଇଁ ଫୁଟିଥାଏ । ଏହି ପର୍ବରେ ଚନ୍ଦ୍ରଙ୍କ ପୂଜା କରାଯାଉଥିବାରୁ ଏଥିରେ କଇଁ ଫୁଲ ବିଶେଷ ଭାବରେ ବ୍ୟବହୃତ ହୋଇଥାଏ । ଏହି ଦିନ ତୁଳସୀ ଗଛରେ ନାଲି ଶଙ୍ଖା ଓ ସାଲୁ କନା ସହ ନୂଆ ବସ୍ତ୍ରଟିଏ ମଧ୍ୟ ଦିଆଯାଇଥାଏ। ଚଉରା ଆଗରେ ପିଢ଼ାରେ ଗୁଆ ରଖି ତା' ଉପରେ ଦୁବ ଘାସ, ଫୁଲ, ବରକୋଳି ପତ୍ର ଦେଇ ସଜାଯାଇଥାଏ। ଚଉରା ପାଖରେ ସ୍ଥାପନ କରାଯାଇଥିବା କଳସରେ ମଧ୍ୟ ଆମ୍ବଡାଳ, ଗୁଆ, ସିନ୍ଦୁର, ଚନ୍ଦନ ଇତ୍ୟାଦି ଦେଇ ଅନୁରୂପ ଭାବେ ସଜାଯାଇଥାଏ। ଭୋଗ ପାଇଁ ଖଇ, ନଡ଼ିଆ, କଦଳୀ, ଛେନା, ଦହି, କ୍ଷୀର, କାକୁଡ଼ି, ତାଳସଜ, ମହୁ, ଅଦା, ଘିଅ, ଆଖୁ, ଗଜା ମୁଗ, ସେଓ, ଚିନି ଇତ୍ୟାଦି ପଡ଼ି ଏକ ଚକଟା ପ୍ରସ୍ତୁତ କରାଯାଇଥାଏ। ଏହି ଚକଟାକୁ ଚାନ୍ଦ ଚକଟା କୁହାଯାଏ। ଏହି ପର୍ବରେ ତିଆରି କରାଯାଉଥିବା ମଣ୍ଡା ପିଠା ଓଡ଼ିଶାର ମୁଖ୍ୟ ଆକର୍ଷଣମାନଙ୍କ ମଧ୍ୟରୁ ଅନ୍ୟତମ। ପୂଜା ସମୟରେ ଚାନ୍ଦ ଚକଟା ଓ ମଣ୍ଡା ପିଠା ଭୋଗ ଚଉରା ଏବଂ ଚନ୍ଦ୍ରଙ୍କୁ ଅର୍ପଣ କରି ସେମାନଙ୍କୁ ଶଙ୍ଖ ଓ ହୁଳହୁଳି ସହ ଦୀପରେ ବନ୍ଦାଇ ଦିଆଯାଏ। ଯେଉଁ ଘରେ କୌଣସି କୁମାରୀ କନ୍ୟା ନଥାନ୍ତି, ସେ ଘରେ ବିବାହିତା ସ୍ତ୍ରୀମାନେ ନିଜ ସ୍ୱାମୀଙ୍କ ସୁଖ ସମୃଦ୍ଧି କାମନା କରି ଚଉରା ଓ ଚନ୍ଦ୍ର ପୂଜା କରିଥାନ୍ତି। ପୂଜା ସରିଲା ପରେ ଭୋଗ ଖାଇ କୁମାରୀ କନ୍ୟାମାନେ ନିଜର ସାରା ଦିନର ଉପବାସ ଭାଙ୍ଗିଥାନ୍ତି ।

ପୁରାଣ ଓ କିମ୍ବଦନ୍ତୀ ଅନୁସାରେ ତୁଳସୀ ଜଣେ ସତୀ ସାଧ୍ୱୀ ଏବଂ ପତିବ୍ରତା ପତ୍ନୀ । ତାଙ୍କର ସତୀତ୍ୱ ବଳରୁ ରାକ୍ଷସ ଜଳନ୍ଧର ବଳିୟାନ ଥିଲେ। ସେ ବର ପାଇଥିଲା ଯେ, ତୁଳସୀଙ୍କ ପତିବ୍ରତା ନଷ୍ଟ ନହେଲା ଯାଏଁ ତାକୁ କେହି ମାରିପାରିବେ ନାହିଁ । ଏପଟେ ଜଳଧରର ବିନାଶର ଆବଶ୍ୟକତା ଥିଲା। ଏଣୁ ବିଷ୍ଣୁ ନିଜେ ଜଳନ୍ଧର ବେଶରେ ଯାଇ ତୁଳସୀଙ୍କର ସତୀତ୍ୱ ଅପହରଣ କଲେ। ଫଳରେ ଜଳନ୍ଧର ବଧହେଲା ଅନ୍ୟପକ୍ଷରେ ଏଥିପାଇଁ ତୁଳସୀ ମର୍ତ୍ତ୍ୟଲୋକର ପ୍ରତିଘରେ ଏବଂ ଶୁଭରେ ପୂଜା ପାଇବା ନିମନ୍ତେ ସେ ତାଙ୍କୁ ବରଦେଲେ। ପୁନଶ୍ଚ ତୁଳସୀ ହେଉଛନ୍ତି ଭକ୍ତି ପ୍ରୀତି ଶାନ୍ତି ମୈତ୍ରୀର ନିଦର୍ଶନ। ସେ ସକଳ ବାଞ୍ଛା ପୁରାଣ କରନ୍ତି ବୋଲି ବିଶ୍ୱାସ ।ସେଥିପାଇଁ ଏହି ଦିନ ତୁଳସୀଙ୍କର ପୂଜା କରାଯାଏ ।

ତୁଳସୀ ମୂଳେ ଦେଲି ଜାଗର ।
ତୁଳସୀ ବୋଇଲେ ମାଗେ ବର ।।
କାନକୁ ସୁନାପେଡ଼ି କନ୍ୟା ।
ବାର ବରଷର ଧାନ ପୁରୁଣା ।।
କାଖେ ପୁଅ ପଣନ୍ତେ ପୁଅ ।
ଜୀବନ ଥିଲାଯାକ ଅହ୍ୟ ହୁଅ ।।
ମରିଗଲେ ବୈକୁଣ୍ଠ ଯାଅ ।

ତୁଳସୀଙ୍କୁ ପାଥେୟ କରି କୁମାରୀ କନ୍ୟାମାନେ ଯେଉଁ ଓଷା ଇନ୍ଦୁ ପୂର୍ଣ୍ଣିମା ଠାରୁ ଆଶ୍ୱିନ ପୂର୍ଣ୍ଣିମା ଯାଏଁ ପାଳନ କରନ୍ତି, ତାକୁ ଜହ୍ନି ଓଷା କହନ୍ତି। ଜହ୍ନି ଓଷା ଜହ୍ନି, ତା' ଫୁଲ ଓ ଫଳକୁ ଆଧାର କରି ଚାନ୍ଦ ପୂଜା କରାଯାଏ। କୁମାର ପୂର୍ଣ୍ଣିମା ଜହ୍ନି ଓଷାର ଉଦ୍‌ଯାପନ ଦିବସ । ଏହିଦିନ ଏହି କୁମାରୀ କନ୍ୟାମାନେ ମଧ୍ୟ ଉଜାଗରରେ ନାଚ, ଗୀତ ଓ ଖେଳ ଇତ୍ୟାଦିରେ ଚମକାନ୍ତି ରାତି ଓ ଛାତି ।

# ମାନବ ଜୀବନର ସର୍ବୋଚ୍ଚ ଧର୍ମ 'ମନୁର୍ଭବ'

ସନାତନ ଧର୍ମର ମୂଳପିଣ୍ଡ ହେଉଛନ୍ତି ପବିତ୍ର ବେଦ। ଯାହାଙ୍କ ମନ୍ତ୍ର ବା ବାଣୀ ଆଜି ବି ମାନବ ସମାଜ ପାଇଁ ମାର୍ଗ ଦର୍ଶକ ହୋଇ ରହିଛନ୍ତି ଏବଂ ଭବିଷ୍ୟତରେ ମଧ ରହିବେ। ସାଧରଣତଃ ଲୋକେ ଭାବନ୍ତି ବେଦ କେବଳ ଗୋଟିଏ ଧାର୍ମିକ ଗ୍ରନ୍ଥ, ଯାହା ପୂଜନ କର୍ମରେ ହିଁ ଏହାଙ୍କ ବାଣୀ ବ୍ୟବହାର କରାଯାଏ। ଏହା ଆଂଶିକ ମାତ୍ର, ପୂର୍ଣ୍ଣତଃ ବେଦ ହେଉଛନ୍ତି ବିଶ୍ୱର ଏକ ନିୟାମକ ସାରଣୀ। ଏଥିରେ ଜ୍ଞାନ ଓ ବିଜ୍ଞାନର ଗହନ କଥାଦି ଲୁଚି ରହିବା ସଙ୍ଗେ ସଙ୍ଗେ ମଣିଷକୁ ମଣିଷ ହେବାର ମଧ ଶିକ୍ଷା ଦେଇଛନ୍ତି:

ତନ୍ତୁ ତନ୍ତ୍ରବ୍ରଜସୋ ଭାନୁମନ୍‌ବିହି
ଜ୍ୟୋତିଷ୍ମତଃ ପଥୋ ରକ୍ଷ ଧିୟା କୃତାନ୍ ।
ଅନୁଲବଣ ବୟତ ଜୋଗୁବାମପୋ
ମନୁର୍ଭବ ଜନୟା ଦୈବ୍ୟଂ ଜନମ୍।।

ଏହି ମନ୍ତ୍ର ମାଧ୍ୟମରେ ବେଦ ଆମକୁ ଜୀବନ ଜୀଇଁବାର ଏକ ସୁନ୍ଦର କଳା ଶିଖାଇଛନ୍ତି। ଏଥିରେ କୁହାଯାଇଛି ଯେ, ହେ ମାନବ ! ତୁମେ ଏହି ସଂସାରରେ ଜ୍ଞାନର ଆଲୋକକୁ ଅନୁସରଣ କର। ନିଜର ବୁଦ୍ଧି ଓ ସଦ୍‌ବିବେକ ପ୍ରୟୋଗ କରି ନିଜ କର୍ତ୍ତବ୍ୟ ପଥକୁ ସୁରକ୍ଷିତ ଏବଂ ନିଖୁଣ ରଖ। ସବୁଠାରୁ ବଡ଼ କଥା ହେଲା, ମଣିଷ ଜନ୍ମ ପାଇବା ମାତ୍ରେ କେହିବି ଶ୍ରେଷ୍ଠ ହୋଇନଥାଏଛ ତେଣୁ ପ୍ରଥମେ ନିଜେ ଜଣେ ସଚ୍ଚୋଟ ଓ ବିବେକୀ 'ମନୁଷ୍ୟ' ହୁଅ ଏବଂ ତା'ପରେ ସମାଜରେ ଦିବ୍ୟ ଗୁଣର ପ୍ରସାର କରି ଅନ୍ୟମାନଙ୍କୁ ମଧ ଦେବତୁଲ୍ୟ ଗୁଣସମ୍ପନ୍ନ କରାଅ। କିନ୍ତୁ ଆଜିର ବସ୍ତୁବାଦୀ ଯୁଗରେ ଅନେକ ବ୍ୟକ୍ତି ବୈଷୟିକ ଜ୍ଞାନ ଆହରଣ କରିବା ସହ ବଡ଼ ବଡ଼ ଡିଗ୍ରୀ ଆଦି ହାସଲ କରିପାରିଛନ୍ତି ଏବଂ ପ୍ରଚୁର ଧନ-ସମ୍ପଦ ଅର୍ଜନ କରି ବୈଜ୍ଞାନିକ ସଫଳତା ବି ପାଇପାରିଛନ୍ତି, ତଥାପି ଏସବୁ ସତ୍ତ୍ୱେ କାହିଁକି ଆଜି ମଧ ସମାଜରେ ନୈତିକତାର ଅବକ୍ଷୟ, ହିଂସା ଓ ଅଶାନ୍ତି ଆଦି ଦେଖାଦେଉଛି ? ଏହାର କାରଣ ହେଉଛି ଆମେ 'ଡାକ୍ତର', 'ଇଞ୍ଜିନିୟର' ବା 'ବ୍ୟବସାୟୀ' ତ ହୋଇପାରିଛେ, କିନ୍ତୁ ଜଣେ ଭଲ 'ମଣିଷ' ହେବାକୁ ଭୁଲିଯାଇଛେ ! ତେଣୁ ବେଦ କହିଛନ୍ତି 'ମନୁର୍ଭବ'। ଅର୍ଥାତ୍ ମଣିଷ ହୁଅ। ତେବେ ଏଠାରେ ପ୍ରଶ୍ନ ଉଠେ ଯେ, ଆମେ କ'ଣ ଜଣେ ଜଣେ ମନୁଷ୍ୟ ରୂପଧାରୀ ଜୀବ ?

କେବଳ ମାନବ ଶରୀର ଧାରଣ କରିବା ଦ୍ୱାରା ଜଣେ ଏ ସଂସାରରେ ପ୍ରକୃତ ମନୁଷ୍ୟ ହୋଇପାରିବ ନାହିଁ। କାହିଁକି ନା ମନୁଷ୍ୟ ହୋଇମଧ ଯଦି ପାଶବିକ ଆଚରଣ କରିବା ତେବେ ଆମକୁ କେବେ ମଧ ସଭ୍ୟ ସମାଜ ମଣିଷରେ ଗଣତି କରିବେ ନାହିଁ। ତେଣୁ ହିତ ବାଣୀରେ କୁହାଯାଇଛି,'ପ୍ରତିଶୋଧ ଜାନ୍ତବ୍ୟ ବିଧାନ'। ଅର୍ଥାତ୍ ପ୍ରତିଶୋଧ, ହିଂସା, କ୍ରୋଧ, ଏବଂ ଦୁର୍ବଳ ଉପରେ ସବଳର ଅତ୍ୟାଚାର ଏହା ପାଶବିକ ପ୍ରବୃତ୍ତି। ପରନ୍ତୁ ଏହାର ବିପରୀତ ଯଥା: କ୍ଷମା, ଅହିଂସା, ଅକ୍ରୋଧ, ଭଲପାଇବା, ସଦାଚାର ଓ ଜୀବେ ଦୟା ଇତ୍ୟାଦି ମାନବର ଦୈବୀ ଗୁଣ। ଏହି ଦୈବୀ ଗୁଣ ବିଷୟରେ ମଧ ଗୀତାରେ ଦେଖିବାକୁ ମିଳେ:

ଅହିଂସା ସତ୍ୟମକ୍ରୋଧସ୍ତ୍ୟାଗଃ
ଶାନ୍ତିରପୈଶୁନମ୍।
ଦୟା ଭୂତେଷ୍ୱଲୋଲୁପ୍ତ୍ୱଂ
ମାର୍ଦବଂ ହ୍ରୀରଚାପଲମ୍।।
ତେଜଃ କ୍ଷମା ଧୃତିଃ
ଶୌଚମଦ୍ରୋହୋନାତିମାନିତା।
ଭବନ୍ତି ସମ୍ପଦଂ
ଦୈବୀମଭିଜାତସ୍ୟ ଭାରତ।।

ଏହି ଶ୍ଳୋକାଦିରେ ଶ୍ରୀ ଭଗବାନ କହିଛନ୍ତି, ହେ ଭରତ ଶ୍ରେଷ୍ଠ ! ନିର୍ଭୀକତା, ମନର ପବିତ୍ରତା, ଆଧାତ୍ମିକ ଜ୍ଞାନରେ ସ୍ଥିରତା, ଦାନ, ଇନ୍ଦ୍ରିୟ ବଶୀକରଣ, ଯଜ୍ଞ ସମ୍ପାଦନ, ପବିତ୍ର ପୁସ୍ତକ ପଠନ, ସଂଯମ, ସ୍ପଷ୍ଟବାଦୀ, ଅହିଂସା, ସତ୍ୟବାଦୀ, କ୍ରୋଧରହିତ, ତ୍ୟାଗ, ଶାନ୍ତିପ୍ରିୟ, ପରଦୋଷ ଦର୍ଶନ ନ କରିବା, ସମସ୍ତ ପ୍ରାଣୀଙ୍କ ପ୍ରତି ଦୟା, ଲୋଭହୀନ, ଭଦ୍ର, ଶାଳୀନ, ସ୍ଥିର ମତି, ସାହସୀ, କ୍ଷମାଶୀଳ, ସହନଶୀଳ, ପରିଷ୍କାର ପରିଚ୍ଛନ୍ନ, କାହା ପ୍ରତି ଶତ୍ରୁତା ଆଚରଣ ନ କରିବା ଏବଂ ଅହଂକାର ରହିତ ହେବା। ଏ'ପରି ଦୈବୀ ଗୁଣାଦିର ଅଧିକାରୀ ବ୍ୟକ୍ତିମାନେ ସାଧୁ ସ୍ୱଭାବର ଅଟନ୍ତି।

ଉପରୋକ୍ତ ଗୁଣ ଗୁଡ଼ିକର ପୂର୍ଣ୍ଣ ବିକାଶ ହେଲେ ଯାଇ ଜଣେ ମନୁଷ୍ୟ ପଦବାଚ୍ୟ ହୋଇପାରିବ। କାହିଁକି ନା ଧର୍ମକୁ ଧାରଣ କରିବା ଜୀବର ପରମ ଧର୍ମ। ତେଣୁ ଗୀତାରେ କୁହାଯାଇଛି ଯେ: 'ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ'। ଅର୍ଥାତ୍ ମନୁଷ୍ୟ କେବେ ମଧ୍ୟ ନିଜର ଗୁଣ ଧର୍ମକୁ ତ୍ୟାଗ କରିବା ଅନୁଚିତ୍। ଏଣୁ


ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ
ଖମ୍ବେଶ୍ୱରୀ ପାଟଣା, ଆସିକା ଗଞ୍ଜାମ
୯୮୬୧୩୩୪୮୬୮

ମନୁସ୍ମୃତିରେ ମନୁଷ୍ୟର ପ୍ରଧାନ ଲକ୍ଷଣ କରାଯାଉଛି 'ମନନଶୀଳତା', ଅର୍ଥାତ୍ ଚିନ୍ତା କରିବାର କ୍ଷମତା। ମନୁଷ୍ୟ ଶବ୍ଦଟି ମନନ୍' (ଚିନ୍ତା କରିବା) ଧାତୁରୁ ସୃଷ୍ଟି ହୋଇଛି। ଏହାର ଅର୍ଥ ଯିଏ ଭଲ-ମନ୍ଦ, ଉଚିତ-ଅନୁଚିତ ମଧରେ ଫରକ ବୁଝି ବିବେକ ଅନୁସାରେ କାର୍ଯ୍ୟ କରେ ଏବଂ ପ୍ରାଣୀଙ୍କ ସୁଖ-ଦୁଃଖକୁ ଅନୁଭବ କରିପାରେ ସେ ହିଁ ଶ୍ରେଷ୍ଠ ବା ପ୍ରକୃତ ମନୁଷ୍ୟ। ଯାହା ସାଧୁ-ସନ୍ଥଙ୍କ ହୃଦୟରେ ସମ୍ପୂର୍ଣ୍ଣ ଭାବରେ ବିକଶିତ ହୋଇଥାଏ। ଏହି ବ୍ୟକ୍ତିତ୍ୱମାନେ ଅହରହ ସଂସାରର ସୁଖରେ ସୁଖୀ ଏବଂ ସଂସାରର ଦୁଃଖରେ ଦୁଃଖି ହୋଇଥାନ୍ତି ଏବଂ ଜଗତର କଲ୍ୟାଣ ନିମନ୍ତେ ନିଜେ ନର୍କ ଯାତନାକୁ ଗ୍ରହଣ କରିବା ପାଇଁ ମଧ ପଛାନ୍ତି ନାହିଁ। ତେଣୁ କୁହାଯାଇଛି:

ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ
ଦେଖୁ ଦେଖୁ କେବା ସହୁ।
ମୋ ଜୀବନ ପଛେ ନର୍କେ
ପଡ଼ିଥାଉ ଜଗତ ଉଦ୍ଧାର ହେଉ।।

ଆମ ବେଦ ବିଦ୍ୟାର ଚିନ୍ତନ ବ୍ୟାପକ ଏବଂ ସର୍ବଜନ ହିତାୟ ଅଟେ। ଏହାଙ୍କ ବାଣୀ ତିନିକାଳରେ ଉପଯୋଗୀ। କେବେବି ଏହାଙ୍କ ବାର୍ତ୍ତା ପୁରାତନ ନୁହେଁ, ଯାହା ସଦା ସର୍ବଦା ନବ୍ୟ-ନବୀନ। ଯେପରି ସକଳ ଶକ୍ତିର ଆଧାର ସୂର୍ଯ୍ୟ ଓ କଲ୍ୟାଣ କାରକ ଚନ୍ଦ୍ରଙ୍କ ଆଭା ସବୁବେଳେ ଏକଭଳି ରହିଛି ଏବଂ ସଂସାରର ସମସ୍ତ ପ୍ରାଣୀଙ୍କୁ ଏକାପରି ପ୍ରକାଶିତ କରନ୍ତି। ସେଭଳି ବେଦଙ୍କ ମନ୍ତ୍ର ମଧ ସମସ୍ତଙ୍କୁ ଉଚିତ ଶିକ୍ଷା ଦେଇଥାଏ, ଯଥା:

ଓଁ ସଙ୍ଗଚ୍ଛଧ୍ୱଂ ସଂବଦଧ୍ୱଂ ସଂ
ବୋ ମନାଂସି ଜାନତାମ୍।
ଦେବା ଭାଗଂ ଯଥା ପୂର୍ବେ
ସଞ୍ଜାନାନା ଉପାସତେ ?

ଅର୍ଥାତ୍- ଆମେ ସମସ୍ତେ ମିଳିମିଶି ଏକାଠି ଆଗକୁ ବଢ଼ିବା ଏବଂ କର୍ତ୍ତବ୍ୟ ପଥରେ ଚାଲିବା। ତା' ସହିତ ଆମେ ପରସ୍ପର ସହ ଶାନ୍ତ ଓ ସ୍ନେହପୂର୍ଣ୍ଣ ଭାବରେ କଥା ହେବା, କୌଣସି ଭେଦଭାବ ନ ରଖି ଏକ ସ୍ୱରରେ ସମ୍ବାଦ କରିବା। ଆମର ମନ ଓ ଚିନ୍ତାଧାରା ଏକ ହେଉ, ଯେପରି ଜଣେ ଅନ୍ୟର ଦୁଃଖ-ସୁଖ ଏବଂ ଭାବନାକୁ ସହଜରେ ବୁଝିପାରିବ। ପୁରାକାଳରେ ଦେବତାମାନେ ଯେଭଳି ଏକମତ ହୋଇ ନିଜ ନିଜର ଭାଗ ବାଣ୍ଟି ନେଉଥିଲେ ଏବଂ ଶୃଙ୍ଖଳା ରକ୍ଷା କରୁଥିଲେ, ଆମେ ମଧ ସେହିପରି ଏକତା ଏବଂ ସମନ୍ୱୟ ସଦ୍ଭାବନା ରକ୍ଷା କରି ଚାଲିବା। ଏହା ଦ୍ୱାରା ଆମ ହୃଦୟରେ 'ଦୈବୀ ଗୁଣ' ବା ଦେବତୁଲ୍ୟ ସଂସ୍କାର ଜାଗ୍ରତ ହେବ। ଯାହାଫଳରେ ଭଗବାନ ମଧ ସନ୍ତୋଷ ଲାଭ କରିବେ। ଯାହାର ଦୃଷ୍ଟାନ୍ତ ଓଡ଼ିଆ ଭାଗବତରେ ମଧ୍ୟ ଦେଖିବାକୁ ମିଳେ:

ସତ୍ୟ ଶାନ୍ତି ଯେ ଦୟା କ୍ଷମା
ଏସବୁ ଧର୍ମର ମହିମା।।
ମଣିଷ ମଧ୍ୟେ ଦିବ୍ୟ ଜ୍ଞାନ
ଦେଖି ସନ୍ତୋଷ ଭଗବାନ।।

ବୈଦିକ ବାଂମୟଙ୍କ 'ମନୁର୍ଭବ' କେବଳ ଏକ ସୂକ୍ତ ବା ନୀତିବାଣୀ ନୁହେଁ, ଏହା ହେଉଛି ମାନବ ଜୀବନର ସର୍ବୋଚ୍ଚ ଧର୍ମ। ଏହା ଆମକୁ ପଶୁତ୍ୱରୁ ମନୁଷ୍ୟତ୍ୱ ଏବଂ ମନୁଷ୍ୟତ୍ୱରୁ ଦିବ୍ୟତା ଆଡ଼କୁ ଅଗ୍ରସର ହେବା ପାଇଁ ପ୍ରେରଣା ଦିଏ। ଯେଉଁଦିନ ପ୍ରତ୍ୟେକ ବ୍ୟକ୍ତିମାନେ ନିଜ ଭିତରେ ଥିବା କ୍ରୋଧ, ଈର୍ଷା ଓ ସ୍ୱାର୍ଥକୁ ତ୍ୟାଗ କରି ବିବେକ ସହକାରେ କାର୍ଯ୍ୟ କରିବେ, ସେହିଦିନ ଏହି ପୃଥିବୀରେ ସତ୍ୟ ଓ ଶାନ୍ତିର ରାଜତ୍ୱ ପ୍ରତିଷ୍ଠିତ ହୋଇପାରିବ। ତେଣୁ ଆସନ୍ତୁ, ବୈଦିକ ଋଷିମାନଙ୍କର ଏହି ମହାନ ବାର୍ତ୍ତାକୁ ଆମ ଜୀବନରେ ସ୍ଥାନ ଦେବା ଏବଂ ପ୍ରକୃତ 'ମନୁଷ୍ୟ' ହୋଇ ଏକ ସୁନ୍ଦର, ଦିବ୍ୟ ସମାଜ ଗଠନରେ ନିଜକୁ ନିୟୋଜିତ କରିବା। ତେବେ ଯାଇ ସାର୍ଥକ ବେଦ ବାଣୀ ମନୁର୍ଭବ ମହତ୍ତ୍ୱ ଆମ ନିମନ୍ତେ ସାର୍ଥକ ହୋଇପାରିବ।

# ବାତ୍ୟା 'ଅର୍ଣ୍ଣବ': ଆନ୍ଧ୍ରରେ ହେବ ମାଡ଼

ଭୁବନେଶ୍ୱର, ୨୫ ।୧୦: ବଙ୍ଗୋପସାଗରରେ ଦାନା ବାନ୍ଧୁଛି ବାତ୍ୟା । ଇତିମଧ୍ୟରେ ସୃଷ୍ଟି ହୋଇଥିବା ଲଘୁଚାପ ଶନିବାର ରାତିରେ ଅବପାତରେ ପରିଣତ ହୋଇଛି । ଏହା ଅଧିକ ଘନୀଭୂତ ହୋଇ ରବିବାର ଗଭୀର ଅବପାତ ଓ ୨୬ ତାରିଖ ସୋମବାର ସକାଳ ସୁଦ୍ଧା ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ବାତ୍ୟାର ରୂପ ନେବା ଆଶଙ୍କା ରହିଛି । ପରେ ବାତ୍ୟା ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରିବା ସହ ଆହୁରି ଶକ୍ତିଶାଳୀ ହେବ । ୨୮ ତାରିଖ ପୂର୍ବାହ୍ନରେ ଏହା ଆନ୍ଧ୍ରପ୍ରଦେଶର ବାପଟଲା ଓ ବିଶାଖାପାଟଣା ମଧ୍ୟରେ ୟାନମ ଉପକୂଳରେ ସ୍ଥଳଭାଗ ଅତିକ୍ରମ କରିବାର ସମ୍ଭାବନା ରହିଛି । ଏହି ସମୟରେ ପବନର ବେଗ ଘଣ୍ଟାପ୍ରତି ୧୧୫ରୁ ୧୨୫ କିମି ରହିବା ସହ ଝଟକା ପବନ ୧୪୦ କିମି ପର୍ଯ୍ୟନ୍ତ ପହଞ୍ଚିପାରେ ବୋଲି ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି । ଏଥିସହ ଆନ୍ଧ୍ରପ୍ରଦେଶ ଓ ସଂଲଗ୍ନ ଦକ୍ଷିଣ ଓଡ଼ିଶା ଉପକୂଳ ପାଇଁ ପ୍ରାକ୍-ବାତ୍ୟା ସତର୍କ ସୂଚନା ଜାରି କରିଛି । ତେବେ ବାତ୍ୟା ଓ ଅବପାତ ପ୍ରଭାବରେ ଓଡ଼ିଶାରେ ପବନ ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ୨୭ ତାରିଖରେ ଜଗତସିଂହପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ ଓ ପୁରୀ ଜିଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ରହିଛି । ଏହି ସମୟରେ ପବନର ବେଗ ୫୦ କି.ମି. ପର୍ଯ୍ୟନ୍ତ ରହିବ । ଏଥିସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ, ନବରଙ୍ଗପୁର, ଖୋର୍ଦ୍ଧା, ନୟାଗଡ଼ ଜିଲାରେ ପ୍ରବଳ ବର୍ଷା ହେବ । ବାତ୍ୟା ଆନ୍ଧ୍ର ଉପକୂଳ ଛୁଇଁବା ସମୟରେ ଅର୍ଥାତ୍ ୨୮ ତାରିଖରେ ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି ଓ ଗଞ୍ଜାମ ଜିଲାରେ ଅତ୍ୟଧିକ ପ୍ରବଳ ବର୍ଷା ହେବା ନେଇ ରେଡ୍ ୱାର୍ନିଂ ଦିଆଯାଇଛି । ଏହି ସମୟରେ ସର୍ବାଧିକ ୮୦ କି.ମି. ବେଗରେ ପବନ ବହିବ । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ମୟୂରଭଞ୍ଜ, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲାରେ ମଧ୍ୟ ବର୍ଷା ହେବ । ୨୯ରେ ବାଲେଶ୍ୱର, ସୁନ୍ଦରଗଡ଼, ଝାରସୁଗୁଡା, ସମ୍ବଲପୁର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାକୁ ବର୍ଷା ଓ ପବନ ନେଇ ସତର୍କ କରାଯାଇଛି । ସମୁଦ୍ର ଅଶାନ୍ତ ରହୁଥିବାରୁ ଏହି ସମୟରେ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି ।

ବାତ୍ୟା ଚର୍ଚ୍ଚାରେ ମୋହର ମାରିଛି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) । ପୂର୍ବ-କେନ୍ଦ୍ରୀୟ ଏବଂ ସଂଲଗ୍ନ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ବାତ୍ୟାର ରୂପ ନେବ ବୋଲି ଆଇଏମ୍‌ଡି ଡିଜି ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି । ଆସନ୍ତା ୨୬ ତାରିଖରେ ସମୁଦ୍ର ମଧ୍ୟରେ ଏହାର ବାତ୍ୟାର ରୂପ ନେବାକୁ ଥିବା ବେଳେ ୨୮ ତାରିଖରେ ଏହା ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ମଧ୍ୟରେ ଉପକୂଳ ଛୁଇଁବ । ଏହା ପ୍ରଭାବରେ ପ୍ରବଳ ବର୍ଷା ସାଙ୍ଗକୁ ପବନ ବହିବ । ତେବେ ଉପକୂଳ ଛୁଇଁବା ସମୟରେ ପବନର ବେଗ କେତେ ରହିବ, ସେ ସଂପର୍କରେ ଆଇଏମ୍‌ଡି ପକ୍ଷରୁ ଅଦ୍ୟାବଧି ଆକଳନ କରାଯାଇନାହିଁ । ଏହି ସମ୍ଭାବ୍ୟ ବାତ୍ୟାର ନାମ 'ଅର୍ଣ୍ଣବ' ରହିବ । ବାତ୍ୟା ପ୍ରଭାବରେ ରାଜ୍ୟରେ ୨୬ ତାରିଖରୁ ପାଗରେ ପରିବର୍ତ୍ତନ ଆସିବ । ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ ଓ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ କହିଛି । ଏହାକୁ ଦୃଷ୍ଟିରେ ରଖି ୨୯ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ବାରଣ କରାଯାଇଛି । ସେହିପରି, ଜାହାଜ ଚଳାଚଳ ଉପରେ ବନ୍ଦରଗୁଡ଼ିକୁ ସତର୍କ ସୂଚନା ଜାରି କରାଯାଇଛି । ଆଇଏମ୍‌ଡି ଡିଜି ଡକ୍ଟର ମହାପାତ୍ର କହିଛନ୍ତି, ଆଜି ସକାଳେ ସୃଷ୍ଟ ଲଘୁଚାପ କ୍ଷେତ୍ର ଧୀରେଧୀରେ ଘନୀଭୂତ ହୋଇ ଶନିବାର ଅବପାତରେ ପରିଣତ ହୋଇପାରେ । ପରବର୍ତ୍ତୀ ସମୟରେ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରିବ ଏବଂ ଅଧିକ ଘନୀଭୂତ ହୋଇ ଆସନ୍ତା ୨୫ ତାରିଖ ସୁଦ୍ଧା ଗଭୀର ଅବପାତ ରୂପ ନେବାର ସମ୍ଭାବନା ରହିଛି । ୨୬ ତାରିଖ ସକାଳେ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ସାମୁଦ୍ରିକ ଝଡ଼ରେ ପରିଣତ ହୋଇପାରେ । ଏହା ଆହୁରି ଅଧିକ ଘନୀଭୂତ ହୋଇ ସେହି ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରି ୨୮ତାରିଖ ସକାଳୁ ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶାର ଉପକୂଳରେ ପହଞ୍ଚିବାର ସମ୍ଭାବନା ରହିଛି । ଉପକୂଳ ଆଡ଼କୁ ବାତ୍ୟା ଗତି କରିବା ସମୟରେ ଏହା ଅଧିକରୁ ଅଧିକ ବଳ ଗୋଟାଇବ । ପବନର ବେଗ ବୃଦ୍ଧି ପାଇବ । ବର୍ତ୍ତମାନ ପରିସ୍ଥିତିରେ ପୂର୍ବ-କେନ୍ଦ୍ରୀୟ ଏବଂ ନିକଟସ୍ଥ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଘଣ୍ଟା ପ୍ରତି ୩୫ରୁ ୪୫ କି.ମି ବେଗରେ ପବନ ବହୁଛି । କେନ୍ଦ୍ରସ୍ଥଳରେ ଧୀରେଧୀରେ ପବନର ବେଗ ବୃଦ୍ଧି ପାଉଛି ।




## ସମ୍ଭାବ୍ୟ ବାତ୍ୟା ପୂର୍ବରୁ ସତର୍କତା, ୪ ଜିଲ୍ଲାକୁ ଗଲେ ଏନଡିଆରଏଫ୍ ଟିମ୍

କଟକ ୨୫ ।୧୦: ଆସନ୍ତା ୨୮ ତାରିଖରେ ସ୍ଥଳଭାଗ ଛୁଇଁବ ଅତି ଭୀଷଣ ସମ୍ଭାବ୍ୟ ବାତ୍ୟା । ଆନ୍ଧ୍ରର ବପାଟଲା ଓ ବିଶାଖାପଟନମ୍ ମଧ୍ୟରେ ସ୍ଥଳଭାଗ ଛୁଇଁବା ନେଇ ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ । ସ୍ଥଳଭାଗ ଛୁଇଁଲା ବେଳେ ଏହା ଅତି ଭୀଷଣ ବାତ୍ୟା ରୂପରେ ଅତିକ୍ରମ କରିବ । ସେ ସମୟରେ ପବନର ବେଗ ୧୧୫ରୁ ୧୨୫ କି.ମି. ଓ ଝଟକା ପବନ ୧୪୦ କି.ମି. ପ୍ରତି ଘଣ୍ଟା ବହିବା ଥିବା କହିଛି ପାଣିପାଗ ବିଭାଗ ।

ବର୍ତ୍ତମାନ ଏହା ପୂର୍ବକେନ୍ଦ୍ର ବଙ୍ଗୋପସାଗର ଓ ସଲଗ୍ନ ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଠାରେ ଅବପାତ ସ୍ଥିତିରେ ରହିଛି । ଏହା ରବିବାର ଗଭୀର ଅବପାତର ରୂପ ନେବ । ୨୬ ତାରିଖ ସକାଳ ସୁଦ୍ଧା ବାତ୍ୟାର ରୂପ ନେଇ ପଶ୍ଚିମ ଉତ୍ତର ପଶ୍ଚିମ ଦିଗ ଆଡ଼କୁ ଗତି କରିବ । ଏବେ ଏହା ଗତ ୬ ଘଣ୍ଟାରେ ଏହା ଘଣ୍ଟା ପ୍ରତି ୫ କିଲୋମିଟର ବେଗରେ ଗତି କରୁଛି । ସୋମବାର ସକାଳ ସୁଦ୍ଧା ଏହା ବାତ୍ୟାର ପରିଣତ ହେବ । ୨୭ ତାରିଖ ସକାଳ ସୁଦ୍ଧା ଭୀଷଣ ବତ୍ୟାର ରୂପ ନେବ । ୨୮ ତାରିଖ ମଧ୍ୟାହ୍ନ ସୁଦ୍ଧା ଆନ୍ଧ୍ରପ୍ରଦେଶ ୟାନମ୍ ଉପକୂଳ ଅତିକ୍ରମ କରିବା ସମ୍ଭାବନା ରହିଛି । ଏହି ସମୟରେ ପବନର ବେଗ ରହିବ ୧୧୫ରୁ ୧୨୫ କି.ମି. । ଝଟକା ପବନ ବେଗ ୧୪୦ କି.ମି. ଛୁଇଁପାରେ ।

ସୋଆ ପାଣିପାଗ କେନ୍ଦ୍ରର ମୁଖ୍ୟ ଶରତ ସାହୁଙ୍କ ଆକଳନ କହୁଛି, ବିଶାଖାପାଟଣା ଦକ୍ଷିଣରେ ବାତ୍ୟା ସ୍ଥଳଭାଗରେ ପ୍ରବେଶ କରିବ । କିନ୍ତୁ ପରେ ଗତିପଥ ବଦଳାଇ ଉତ୍ତର ଦିଗକୁ ଅର୍ଥାତ୍ କୋରାପୁଟ ଆଡ଼କୁ ମୁହାଁଇବ । ଦକ୍ଷିଣ ଓଡ଼ିଶା ଠାରୁ ଆରମ୍ଭ କରି ଉପକୂଳ ପଶ୍ଚିମ ଓଡ଼ିଶା ପର୍ଯ୍ୟନ୍ତ ଭୀଷଣ ପ୍ରଭାବ ପକାଇବ । ୭୫ରୁ ୧୦୦ କି.ମି. ବେଗର ପବନ ସାଙ୍ଗକୁ ଅତି ପ୍ରବଳ ବର୍ଷା ହେବ ।

ଓଡ଼ିଶାରେ ସମ୍ଭାବ୍ୟ ବାତ୍ୟାର ପ୍ରଭାବକୁ ଦୃଷ୍ଟିରେ ରଖି ପ୍ରସ୍ତୁତି ଏବଂ ପଦକ୍ଷେପ ଜୋର । କଟକ ମୁଣ୍ଡଳୀ ସ୍ଥିତ ଏନଡିଆରଏଫ ପକ୍ଷରୁ ୪ଟି ସ୍ୱତନ୍ତ୍ର ଟିମ୍ ରାଜ୍ୟର ବାତ୍ୟାପ୍ରବଣ ଅଞ୍ଚଳକୁ ଯାଇଛନ୍ତି । ଏହି ଟିମ୍ ଗୁଡ଼ିକୁ କୋରାପୁଟ, ମାଲକାନଗିରି, ଗଜପତି ଓ ରାୟଗଡ଼ା ଜିଲ୍ଲାକୁ ପଠାଯାଇଛି । ଗୋଟିଏ ଟିମ୍‌ରେ ୩୫ ଜଣ ଯବାନଙ୍କ ସହ ବିଭିନ୍ନ ଉଦ୍ଧାରକାରୀ ମେସିନ ମଧ୍ୟ ରହିଛି ।

ଏହି ଟିମ୍ ଚ୍ୟାଲେଞ୍ଜପୂର୍ଣ୍ଣ ବାତ୍ୟା, ବନ୍ୟା ଏବଂ ପ୍ରାକୃତିକ ବିପର୍ଯ୍ୟୟ ପରିସ୍ଥିତିରେ ଉଦ୍ଧାର ତଥା ସହାୟତା କାର୍ଯ୍ୟ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ।

# ଆହୁରି ୩ ଦିନ ବାକି, ବଦଳିପାରେ ବାତ୍ୟାର ଗତିପଥ ଓ ତୀବ୍ରତା !

ଭୁବନେଶ୍ୱର ୨୫ ।୧୦ : ଆସନ୍ତା ୨୮ତାରିଖରେ ସ୍ଥଳଭାଗ ଛୁଇଁବ ଅତି ଭୀଷଣ ବାତ୍ୟା ଅର୍ଣ୍ଣବ । ଆନ୍ଧ୍ରର ବପାଟଲା ଓ ବିଶାଖାପଟନମ ମଧ୍ୟରେ ସ୍ଥଳ ଭାଗ ଛୁଇଁବା ନେଇ ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ । ସ୍ଥଳ ଭାଗ ଛୁଇଁଲାବେଳେ ଏହା ଅତି ଭୀଷଣ ବାତ୍ୟା ରୂପରେ ଅତିକ୍ରମ କରିବ । ସେ ସମୟ ରେ ପବନର ବେଗ ୧୧୫ ରୁ ୧୨୫ କିଲୋମିଟର ଓ ଝଟକା ପବନ ୧୪୦ କିଲୋମିଟର ପ୍ରତି ଘଣ୍ଟା ବୋହିବା ଥିବା କହିଛି ପାଣିପାଗ ବିଭାଗ ।

ବର୍ତ୍ତମାନ ଏହା ପୂର୍ ?କେନ୍ଦ୍ର ବଙ୍ଗୋପସାଗର ଓ ସଲଗ୍ନ ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଠାରେ ଅ ?ପାତ ସ୍ଥିତିରେ ରହିଛି । ଏହା ଆଜି ଗଭୀର ଅବପାତର ରୂପ ନେବ । ୨୬ ତାରିଖ ସକାଳ ସୁଦ୍ଧା ବାତ୍ୟା ରୂପ ନେଇ ପଶ୍ଚିମ ଉତ୍ତର ପଶ୍ଚିମ ଦିଗ ଆଡ଼କୁ ଗତି କରିବ । ଏବେ ଏହା ଗତ ୬ ଘଣ୍ଟାରେ ଏହା ଘଣ୍ଟା ପ୍ରତି ୫ କିଲୋମିଟର ବେଗ ରେ ଗତି କରୁଛି । ଆସନ୍ତାକାଲି ସକାଳ ସୁଦ୍ଧା ଏହା ବାତ୍ୟାର ପରିଣତ ହେବ । ୨୭ତାରିଖ ସକାଳ ସୁଦ୍ଧା ଭୀଷଣ ବତ୍ୟାର ରୂପ ନେବ । ୨୮ତାରିଖ ମଧ୍ୟାହ୍ନ ସୁଦ୍ଧା ଆନ୍ଧ୍ରପ୍ରଦେଶ ୟାନମ୍ ଉପକୂଳ ଅତିକ୍ରମ କରିବା ସମ୍ଭାବନା ରହିଛି । ଏହି ସମୟରେ ପବନର ବେଗ ରହିବ ୧୧୫ରୁ ୧୨୫ କିଲୋମିଟର । ଝଟକା ପବନ ବେଗ ୧୪୦ କିମି ଛୁଇଁପାରେ ।

ସୋଆ ପାଣିପାଗ କେନ୍ଦ୍ରର ମୁଖ୍ୟ ଶରତ ସାହୁଙ୍କ ଆକଳନ କହୁଛି, ବିଶାଖପାଟଣା ଦକ୍ଷିଣରେ ବାତ୍ୟା ସ୍ଥଳଭାଗରେ ପ୍ରବେଶ କରିବ । କିନ୍ତୁ ପରେ ଗତିପଥ ବଦଳାଇ ଉତ୍ତର ଦିଗକୁ ଅର୍ଥାତ୍ କୋରାପୁଟ ଆଡ଼କୁ ମୁହାଁଇବ । ଦକ୍ଷିଣ ଓଡ଼ିଶାଠାରୁ ଆ ଆରମ୍ଭ କରି ଉପକୂଳ ପଶ୍ଚିମ ଓଡ଼ିଶା ପର୍ଯ୍ୟନ୍ତ ଭୀଷଣ ପ୍ରଭାବ ପକାଇବ । ୭୫ରୁ ୧୦୦ କିଲୋମିଟର ବେଗର ପବନ ସାଙ୍ଗକୁ ଅତି ପ୍ରବଳ ବର୍ଷା ହେବ । ତେବେ ଲ୍ୟାଣ୍ଡଫଲ ଦିନକୁ ଆହୁରି ତିନି ଦିନ ରହିଛି । ଏହି ସମୟରେ ସମ୍ଭାବ୍ୟ ବାତ୍ୟାର ଗତିପଥ ଏବଂ ଏବଂ ତୀବ୍ରତା ବଦଳିବାର ସମ୍ଭାବନା ଏଡ଼ାଇ ହେବ ନାହିଁ ବୋଲି ପାଣିପାଗ ବିଶେଷଜ୍ଞ କହିଛନ୍ତି ।

ସେହିପରି ଆଇଏମଡି ଆକଳନ ଅନୁସାରେ ଓଡ଼ିଶାରେ ବାତ୍ୟାର ସିଧା ପ୍ରକୋପ ପଡ଼ିନପାରେ । କିନ୍ତୁ, ବାତ୍ୟାର ବାହ୍ୟ ମଣ୍ଡଳର ପ୍ରଭାବରେ ୨୭ ତାରିଖ ସନ୍ଧ୍ୟାରୁ ୨୮ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ପବନ ହୋଇପାରେ । ପବନ ବେଗ ଦକ୍ଷିଣ ଉପକୂଳ ଏବଂ ଦକ୍ଷିଣ ଓଡ଼ିଶାରେ ଘଣ୍ଟା ପ୍ରତି ୪୦-୫୦ କିଲୋମିଟର ରହିପାରେ । ପବନ ଝଟକା ୬୦ କିମି ପର୍ଯ୍ୟନ୍ତ ଯାଇପାରେ । ୨୯ ତାରିଖରେ ବି ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ଅଛି ଓଡ଼ିଶାରେ । ୨୬ରୁ ଓଡ଼ିଶାରେ ପାଗ ବଦଳିପାରେ । ୨୮ ତାରିଖ ସକାଳ ସାଢ଼େ ୫ଟାବେଳକୁ କାକିନାଡ଼ାର ଦକ୍ଷିଣରେ ୟାନମ ଉପକୂଳରୁ କିଛି ଦୂରରେ ସମୁଦ୍ର ଭିତରେ ଅତି ଭୀଷଣ ବାତ୍ୟା ଥିବ । ସେ ସମୟରେ ବାତ୍ୟାର କେନ୍ଦ୍ରୀୟ ବଳୟରେ ୧୧୫ରୁ ୧୨୫ କିମି ପବନ ବହୁଥିବ । ଝଟକା ପବନ ୧୪୦ କିମି ଛୁଇଁପାରେ । ଏହି ତୀବ୍ରତାରେ ହିଁ ବାତ୍ୟା ସ୍ଥଳଭାଗକୁ ପ୍ରବେଶ କରିବା ସମ୍ଭାବନା ଅଛି । ଲ୍ୟାଣ୍ଡଫଲ୍ ପରେ ଏହାର ବଳ କ୍ରମଶଃ କମିବ । ତଥାପି ସନ୍ଧ୍ୟା ସାଢ଼େ ୫ଟା ବେଳକୁ କାଲିମେଳାର ଦକ୍ଷିଣରେ ଆନ୍ଧ୍ରର ଚିଣ୍ଟୁରରେ ୮୫ରୁ ୯୫ କିଲୋମିଟର ବେଗରେ ପବନ ବହୁଥିବ । ପବନ ଝଟକା ୧୦୫ କିମି ଛୁଇଁପାରେ । ସେତେବେଳେ ଭୀଷଣ ବାତ୍ୟା ଅବସ୍ଥା ସ୍ଥାରେ ଥିବ ।

ସୋଆ ପାଣିପାଗ କେନ୍ଦ୍ର ମୁଖ୍ୟ ଶରତ ସାହୁଙ୍କ ଆକଳନ କହୁଛି ୨୭ ତାରିଖ ବିଳମ୍ବିତ ରାତିରେ ବାତ୍ୟା ଆନ୍ଧ୍ର ଦେଇ ପ୍ରବେଶ କଲା ପରେ କୋରାପୁଟ ମୁହାଁ ହେବ । କିନ୍ତୁ ତା ପୂର୍ବରୁ ୨୬ ତାରିଖ ରାତିରୁ ଓଡ଼ିଶାରେ ପ୍ରବଳ ବର୍ଷା ଆରମ୍ଭ ହୋଇ ଯାଇଥିବ । ଗଜପତି, ଗଞ୍ଜାମ, ରାୟଗଡ଼ା, ମାଲକାନଗିରି, କେରାପୁଟ, ନବରର ରରଙ୍ଗପୁର କନ୍ଧମାଳ, କଳାହାଣ୍ଡି, ବଲାଙ୍ଗୀର, ସୋନପୁର, ଖୋର୍ଦ୍ଧା, ନୟାଗଡ଼, କଟକ ଓ ବୌଦ୍ଧ ଜିଲ୍ଲାରେ ୨୮ ତାରିଖ ସକାଳୁ ପ୍ରବଳ ବର୍ଷା ସାଙ୍ଗକୁ ୭୫ରୁ ୧୦୦ କିଲୋମିଟର ବେଗରେ ପବନ ବହିବ । ୨୯ ତାରିଖ ବେଳକୁ ପଶ୍ଚିମ ଓଡ଼ିଶାକୁ ବ୍ୟାପିବ । କେନ୍ଦ୍ରାପଡ଼ା, ଯାଜପୁର, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳରେ ବି ୬୦ରୁ ୮୦ କିମି ବେଗରେ ପବନ ଚାଲିବା ଆଶଙ୍କା ରହିଛି ବୋଲି ସେ ଅନୁମାନ କରିଛନ୍ତି । ୨୭ରୁ ୨୯ ତାରିଖ ଯାଏ ସମୁଦ୍ର ଅତ୍ୟନ୍ତ ଅଶାନ୍ତ ରହିବ । ତେଣୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ସମୁଦ୍ର ଭିତରକୁ ଯିବା ପାଇଁ ବାରଣ କରାଯାଇଛି ।

## ଆଜି କୁମାରୀ ଝିଅମାନଙ୍କର ପ୍ରମୁଖ ପର୍ବ ପବିତ୍ର କୁମାର ପୂର୍ଣ୍ଣିମା, ଚଳଚଞ୍ଚଳ ହୋଇଉଠିଛି ଗାଁଠୁ ସହର

ଭୁବନେଶ୍ୱର, ୨୫ ।୧୦ : ଆଜି ହେଉଛି ଆଶ୍ୱିନ ମାସର ଶେଷ ଦିନ ପୂର୍ଣ୍ଣମୀ ତିଥି । କାଲିଠାରୁ ଆରମ୍ଭ ହେବ ପବିତ୍ର ମାସ କାର୍ତ୍ତିକ । ଆଜିର ଦିନକୁ କୁଆଁରୀ ଝିଅମାନେ କୁମାର ପୂର୍ଣ୍ଣିମା ଭାବରେ ପାଳନ କରୁଛନ୍ତି । ଏହାକୁ ଓଡିଶାର କୁଆଁରୀ ଝିଅ ମାନଙ୍କ ଏକ ଗଣପର୍ବ କହିଲେ ଅତ୍ୟୁକ୍ତି ହେବ ନାହିଁ । କାରଣ ସାରା ଓଡିଶାରେ ଏହି ଦିନଟିକୁ କୁଆଁରୀ ଝିଅ ମାନେ ବହୁ ଆଡମ୍ବର ସହକାରେ ପାଳନ କରିଥାନ୍ତି । ଏହି ପର୍ବରେ ଯୁବତୀମାନେ ସୂର୍ଯ୍ୟୋଦୟ ପୂର୍ବରୁ ଉଠି ସ୍ନାନ କରି ନୂଆ ପୋଷାକ ପିନ୍ଧନ୍ତି । ଏହାପରେ ସୂର୍ଯ୍ୟଦେବଙ୍କୁ ଖଇ, ଫଳମୂଳ ଓ ବିଭିନ୍ନ ପୂଜା ସାମଗ୍ରୀ ଅର୍ପଣ କରିଥାନ୍ତି । ଏହି ପରମ୍ପରାକୁ ଅଞ୍ଜୁଳି ଟେକା ବୋଲି କୁହାଯାଏ । ସନ୍ଧ୍ୟା ହେଲେ ଆକାଶରେ ଜହ୍ନ ଉଇଁବାକୁ ସମସ୍ତଙ୍କ ଅପେକ୍ଷା । ପୂର୍ଣ୍ଣଚନ୍ଦ୍ରଙ୍କୁ ଦର୍ଶନ କରି ଯୁବତୀମାନେ ଚନ୍ଦ୍ର ପୂଜା କରନ୍ତି । ପୂଜାରେ ମୁଖ୍ୟତଃ 'ଚନ୍ଦ୍ର ଚକଟା' ଏବଂ 'ମୁଣ୍ଡ ପିଠା' (ଚନ୍ଦ୍ର ମୁଣ୍ଡ) ପ୍ରସ୍ତୁତ କରାଯାଇ ଭୋଗ ଲଗାଯାଏ । କିନ୍ତୁ ଏହାର ରହିଛି କିଛି ଭିନ୍ନତା । କିଛି ସ୍ଥାନରେ ଏହାକୁ କୁମାର ପୂର୍ଣ୍ଣିମା ଭାବେ ପାଳନ କରାଯାଉଥିବା ବେଳେ ଦକ୍ଷିଣ ଓଡିଶା ଓ ପଶ୍ଚିମ ଓଡିଶାର କିଛି ଅଂଶରେ ଆଜିର ଦିନକୁ ଜହ୍ନି ଓଷା ରୂପେ ପାଳନ କରାଯାଏ । ଉତ୍ତର ପୂର୍ବ ଓଡିଶାର କୁଆଁରୀ ଝିଅମାନେ ପୂର୍ଣ୍ଣମୀର ପାଞ୍ଚ ଦିନ ପୂର୍ବରୁ ଏହାର ପ୍ରସ୍ତୁତି ପୂର୍ବକ ସତ୍ତ୍ୱିକ ରହି ପାଳନ କରୁଥିବା ସ୍ଥଳେ ଦକ୍ଷିଣ ଓ ପଶ୍ଚିମ ଓଡିଶାର ଝିଅମାନେ ଦୀର୍ଘ ଏକ ମାସ ପୂର୍ବରୁ ସାତ୍ତ୍ ?କ ରହି ଆଜି ଦିନରେ ଏହାର ପୂର୍ଣ୍ଣାହୂତି ଦିଅନ୍ତି ।

## ୨.୬୦ କୋଟି ସରକାରୀ ଅର୍ଥ ହେରଫେର, ବନ ବିଭାଗର ସିନିୟର

ଭୁବନେଶ୍ୱର, ୨୫ ।୧୦: କୋରାପୁଟ ଜିଲ୍ଲା ସୁନାବେଡ଼ା ବନ୍ୟପ୍ରାଣୀ ବିଭାଗରେ ୨ କୋଟି ୬୦ ଲକ୍ଷରୁ ଅଧିକ ସରକାରୀ ଟଙ୍କା ହେରଫେର ଅଭିଯୋଗ ହୋଇଛି । ଭିଜିଲାନ୍ସ ସୁନାବେଡ଼ା ବନ୍ୟପ୍ରାଣୀ ବିଭାଗ ଡିଏଫଓ ଅଫିସରେ ସିନିୟର ଆସିଷ୍ଟାଣ୍ଟ ତଥା ଏଷ୍ଟାବ୍ଲିସମେଣ୍ଟ ସେକ୍ସନରେ ସିନିୟର ଆସିଷ୍ଟାଣ୍ଟ ବାବୁଲୁ ସୁନାଙ୍କୁ ଗିରଫ କରାଯାଇଛି ।

୨୦୨୩ ମସିହାରୁ ସେ ଗଇଉଚ ଏବଂ ଜଇଉଚ ସ୍କିମ୍ ଅଧିନରେ ଜାଲ୍ ଏରିୟର ବିଲ୍ ପ୍ରସ୍ତୁତ କରି ପ୍ରାୟ ୨ କୋଟି ୬୦ ଲକ୍ଷ ୨୧ ହଜାର ୩୦୬ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଛି । ସିନିୟର ଆସିଷ୍ଟାଣ୍ଟ ବାବୁଲୁ ସୁନା ନିଜ ପଦବୀର ଅପବ୍ୟବହାର କରି ପୂର୍ବତନ କର୍ମଚାରୀ, ଅବସରପ୍ରାପ୍ତ ଓ ମୃତ କର୍ମଚାରୀଙ୍କ ପରିଚୟ ପତ୍ରରେ ଜାଲ୍ ବିଲ୍ ପ୍ରସ୍ତୁତ କରି ଉକ୍ତ ଟଙ୍କାକୁ ନିଜ ହଡ଼ପ କରିଥିଲେ । ସେ ଏହି ଟଙ୍କାକୁ ନିଜ ପରିବାରର ଅନ୍ୟ ସଦସ୍ୟ ଏବଂ ଦୁଇ ଜଣ ସହଯୋଗୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଉଥିଲେ । ସେ



ନିଜର ଦରମା ମଧ୍ୟ ବେଆଇନ ଭାବେ ବଢ଼ାଇ ପ୍ରାୟ ୧୦.୫୮ ଲକ୍ଷ ଟଙ୍କା ଅଧିକ ନେଇଥିଲେ ।

ଏ ନେଇ ବନ ବିଭାଗ ଅବଗତ ହେବା ପରେ ତଦନ୍ତ ପାଇଁ କୋରାପୁଟ ଭିଜିଲାନ୍ସ ନିକଟରେ ଆବେଦନ କରିଥିଲା । କିନ୍ତୁ ବାବୁଲୁ ସୁନା ଗତ ୬ ମାସ ହେବ ଆତ୍ମ ଗୋପନ କରିଥିଲା । ଗତକାଲି ରାତିରେ ଭିଜିଲାନ୍ସ ତାଙ୍କୁ ବଲାଙ୍ଗୀରରୁ ଗିରଫ କରିଛି । ଆଜି ତାଙ୍କୁ ଭବାନୀପାଟଣା ଭିଜିଲାନ୍ସ କୋର୍ଟରେ ହାଜର କରାଯିବ ।

## ଏକାମ୍ର କ୍ଷେତ୍ରରୁ ମୁହଁ ଫେରାଉଛନ୍ତି ହବିଷ୍ୟାଳି

ଭୁବନେଶ୍ୱର, ୨୫ ।୧୦ : ଶ୍ରୀକ୍ଷେତ୍ରରେ ହବିଷ୍ୟାଳିଙ୍କ ରହିବାଠୁ ଖାଇବା ଯାଏଁ ସରକାର ହାତ ଖୋଲା କରି ଦେଇଛନ୍ତି । ତେଣୁ ସେଠାରେ କାର୍ତ୍ତିକ ବ୍ରତ ପାଳନ ନିମନ୍ତେ ହବିଷ୍ୟାଳିଙ୍କ ଭିଡ଼ ହେଉଛି । ଏଣେ ଏକାମ୍ରରେ ହବିଷ୍ୟାଳିଙ୍କ ପ୍ରତି ସାମାନ୍ୟତମ ଦୃଷ୍ଟି ନାହିଁ । ଫଳରେ ଶନିବାର ସନ୍ଧ୍ୟା ସୁଦ୍ଧା କେହି ଜଣେ ବି ହବିଷ୍ୟାଳି ଆସିନାହାନ୍ତି କି ଧର୍ମଶାଳାରେ ଅଗ୍ରୀମ ବୁକିଂ କରାଯାଇନି । ତେଣୁ ଏଥର ଏକାମ୍ରରେ ହବିଷ୍ୟାଳିଙ୍କ ପାଦ ନ ପଡ଼ିବା ଭଳି ସ୍ଥିତି ଉପୁଜିଛି । ନିୟମିତ ଭାବେ ବିଗତ ୧୦ ବର୍ଷ ହେଲା ହବିଷ୍ୟାଳିଙ୍କ ସଂଖ୍ୟା କମିବାରେ ଲାଗିଛି । କାଁ ଭାଁ ଲୋକଙ୍କୁ ବାଦ୍ ଦେଲେ ସମସ୍ତେ ଶ୍ରୀକ୍ଷେତ୍ର ମୁହାଁ । କିନ୍ତୁ ଏକାମ୍ରର ଗୁରୁତ୍ୱ ଓ ଗରିମାକୁ ବଢ଼ାଇବା ସହ ଶ୍ରୀକ୍ଷେତ୍ରରେ ହବିଷ୍ୟାଳିଙ୍କ ଚାପ କମାଇବାକୁ ହେଲେ ଏହି ପବିତ୍ର ସ୍ଥଳୀକୁ ସରକାର ବିକଳ୍ପ ଭାବେ ବିଚାର କରି ଦେୟମୁକ୍ତ ହବିଷ୍ୟାଳି ସେବା ଉପଲବ୍ଧ କରିବାକୁ ସାଧାରଣରେ ଦାବି କରାଯାଉଛି ।

ସୂଚନା ଅନୁଯାୟୀ, ଏବେ ଏକାମ୍ରକୁ ଆସୁଥିବା ପ୍ରତି ହବିଷ୍ୟାଳି ମିଳିତ ଭାବେ ଧର୍ମଶାଳାର ଗୋଟିଏ କୋଠରୀରେ ରହିଲେ ମାସକ ପାଇଁ ପ୍ରାୟ ୩ ହଜାର ଟଙ୍କା ଦେବାକୁ ପଡୁଛି । ଖାଇବା ବାବଦକୁ ଏଥର ଅବଢ଼ା ଦର ବଢ଼ିଥିବାରୁ ଏ ବାବଦରେ ଦୈନିକ ୧୫୦ ଟଙ୍କା ହିସାବରେ ଏକ ମାସରେ ୪ ହଜାର ୫୦୦ ଟଙ୍କା ଖର୍ଚ୍ଚ ହେବ । ଏତଦ୍ ବ୍ୟତୀତ ପୂଜା ସାମଗ୍ରୀ ଖର୍ଚ୍ଚ, ଦକ୍ଷିଣା ଓ ଯାତାୟାତ ପରି ଆହୁରି ଅନେକ ଖର୍ଚ୍ଚ ଅଛି । ଯାହା ବୃଦ୍ଧ ବୟସରେ ପିଲାଙ୍କୁ ମାଗିଲେ ମିଳୁନାହିଁ । ଏଣେ ପୁରୀ ଭିଡ଼ ଦେଖି ମନରେ ଭୟ ଥିବାରୁ ଏକାମ୍ରକୁ ଆସିବାକୁ ଆଗ୍ରହ ଥିଲେ ବି ଅର୍ଥ ବାଧକ ବୋଲି ଭୁବନେଶ୍ୱର ଆଖପାଖର କିଛି ବୃଦ୍ଧା କହିଛନ୍ତି । ତେଣୁ ନୂଆ ସରକାର ଆମ ପାଇଁ ବିଶେଷ କରି ଏକାମ୍ରରେ କାର୍ତ୍ତିକ ବ୍ରତ ପାଳନ କରିବାକୁ ଦେୟମୁକ୍ତ ସେବା ଦେଲେ ଆମେ ଉପକୃତ ହୋଇ ପାରନ୍ତୁ ବୋଲି ସେମାନେ ମତ ଦେଇଛନ୍ତି ।

## କୋଟିଆ ପ୍ରସଙ୍ଗରେ ସରକାରଙ୍କୁ ଘେରିଲେ ବିରୋଧୀ

ଭୁବନେଶ୍ୱର ୨୫ ।୧୦ : କୋଟିଆ ପ୍ରସଙ୍ଗ ନେଇ ସରକାରଙ୍କୁ ଘେରିଲେ ବିରୋଧୀ । ପିସିସି ସଭାପତି ଭକ୍ତ ଦାସ କଡ଼ା ଭାଷାରେ ସରକାରଙ୍କୁ ଟାର୍ଗେଟ କରିଥିବା ବେଳେ ବିଜେଡି ପ୍ରେସମିଟ ଜରିଆରେ ରଖିଛି ତଥ୍ୟ । ଉଭୟ ଦଳ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗ ନେଇ ଘେରିଛନ୍ତି ।

ପିସିସି ସଭାପତି କହିଛନ୍ତି ଯେ, କୋଟିଆରେ ଲୋକଙ୍କୁ ଅବହେଳା କରାଯାଇଛି । ଯେହେତୁ ସୀମା, ଆନ୍ଧ୍ରର ବିକାଶ କାମ କୋଟିଆରେ ଚାଲିଛି । ଓଡ଼ିଆ ସ୍କୁଲ କମ ଅଛି, ହିତାଧିକାରୀ ଓ ସୁବିଧା କମ ଦେଇଛି ଓଡ଼ିଶା । କୋଟିଆକୁ ଓଡ଼ିଶାରେ ରଖିବାକୁ ହେଲେ କୋଟିଆ ସ୍ୱତନ୍ତ୍ର ପ୍ରକଳ୍ପ ହେବା ଦରକାର । ଶିକ୍ଷା, ନିଯୁକ୍ତି, ଚାଷ, ଜଙ୍ଗଲ ଜମି ଅଧିକାର ଦେବାକୁ ପଡ଼ିବ । ସ୍ୱତନ୍ତ୍ର ବଜେଟ ହେବା କଥା । ଅଧିକ ଚାଉଳ ଦେବା କଥା । କୋଟିଆକୁ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଦୃଷ୍ଟି ଦରକାର । କାହିଁକି ଏହି ବିଚାର ହେଉନି, ତାହା ଆଶ୍ଚର୍ଯ୍ୟଜନକ । ସୀମାନ୍ତ ରାଜ୍ୟର ପ୍ରଭାବ ପଡ଼ିବ । କୋଟିଆରେ ନ୍ୟାୟ ପାଇଁ ବହୁତ ବାଟ ଅଛି । ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିରୁ ସୀମା ସଶକ୍ତ ହେବା ଦରକାର । ସର୍ବଦଳୀୟ ବୈଠକ ଡକାଯାଉ । ସରକାର ବହୁତ ଦିନରୁ ଏହା କରିବାର ଥିଲା । ଅକ୍ଟୋବର ୨୭ରେ କଂଗ୍ରେସ ଟିମ କୋଟିଆ ଯିବ । ଓଡ଼ିଆ ଅସ୍ମିତା କହି ଦେଲେ ହେବନି । ଏହାର ସୁରକ୍ଷା ପାଇଁ କାମ କରିବା ଦରକାର । ରାଜସ୍ୱ ମନ୍ତ୍ରୀଙ୍କ ହାତରେ କିଛି ନାହିଁ ।

# କେତୁ ଗୋଚର ୨୦୨୬: ଦୀପାବଳି ପରେ କେତୁଙ୍କ ରାଶି ପରିବର୍ତ୍ତନ, ୬ଟି ରାଶିକୁ ହେବ ଧନଲାଭ

ଜ୍ୟୋତିଷ ଶାସ୍ତ୍ରରେ ରାହୁ ଏବଂ କେତୁଙ୍କୁ ଛାୟା ଗ୍ରହ ଭାବରେ ବିବେଚନା କରାଯାଏ । ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ କେତୁ ରହସ୍ୟ, ଆଧ୍ୟାତ୍ମିକତା, ବୈରାଗ୍ୟ ଏବଂ ଆତ୍ମଚିନ୍ତନ ସହିତ ଜଡ଼ିତ । କେତୁଙ୍କର ରାଶି ପରିବର୍ତ୍ତନ ଜୀବନରେ ଅପ୍ରତ୍ୟାଶିତ ପରିବର୍ତ୍ତନର ସଙ୍କେତ ବୋଲି ବିଶ୍ୱାସ କରାଯାଏ । ୨୦୨୬ରେ ଦୀପାବଳି ପରେ କେତୁଙ୍କ ଚଳନରେ ପରିବର୍ତ୍ତନ ହେବାକୁ ଯାଉଛି, ଯାହାର ପ୍ରଭାବ ୬ଟି ରାଶି ଉପରେ ପଡ଼ିପାରେ ।

କେତୁ ଡିସେମ୍ବର ୫ରେ ସିଂହ ରାଶିରୁ ବାହାରି କର୍କଟ ରାଶିରେ ପ୍ରବେଶ କରିବେ । କେତୁଙ୍କର ଏହି ରାଶି ପରିବର୍ତ୍ତନ ଯୋଗୁଁ ବୃଷ, ମିଥୁନ, କନ୍ୟା, ତୁଳା, ମକର ଏବଂ କୁମ୍ଭ ରାଶିର ବ୍ୟକ୍ତିବିଶେଷଙ୍କ ପାଇଁ ଶୁଭ ଫଳାଫଳର ସମ୍ଭାବନା ରହିଛି ।

ବୃଷ : ବୃଷ ରାଶିର ବ୍ୟକ୍ତିବିଶେଷଙ୍କ ପାଇଁ କେତୁଙ୍କ ଗୋଚର ଆର୍ଥିକ ମାମଲାରେ ସକରାତ୍ମକ ପରିବର୍ତ୍ତନ ଆଣିପାରେ । ଆୟ ବୃଦ୍ଧି ପାଇଁ ନୂତନ ସୁଯୋଗ ମିଳିପାରେ ଏବଂ ଦୀର୍ଘ ଦିନରୁ ଅଟକି ରହିଥିବା ଟଙ୍କା ଫେରି ପାଇବାର ସମ୍ଭାବନା ରହିଛି ।

ମିଥୁନ : ମିଥୁନ ରାଶିର ଲୋକଙ୍କ ପାଇଁ ଏହି ଗୋଚର କ୍ୟାରିୟର ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି ।



ଚାକିରି ସନ୍ଧାନରେ ଥିବା ବ୍ୟକ୍ତିମାନେ ନୂତନ ସୁଯୋଗ ପାଇପାରନ୍ତି । ପୂର୍ବରୁ ଚାକିରି କରୁଥିବା ବ୍ୟକ୍ତିମାନଙ୍କୁ ନିଜର ପ୍ରତିଭା ପ୍ରଦର୍ଶନ କରିବା ଏବଂ ନୂତନ ଦାୟିତ୍ୱ ଗ୍ରହଣ କରିବାର ସୁଯୋଗ ମିଳିପାରେ ।

କନ୍ୟା : କନ୍ୟା ରାଶିର ବ୍ୟକ୍ତିବିଶେଷଙ୍କ ପାଇଁ କେତୁଙ୍କ ରାଶି ପରିବର୍ତ୍ତନ ଆର୍ଥିକ ସ୍ଥିତିରେ ସୁଧାରର ସଙ୍କେତ ଦେଇଥାଏ । ଆୟ ବୃଦ୍ଧିର ନୂତନ ରାସ୍ତା ମିଳିପାରିବ ଏବଂ ଦୀର୍ଘ ଦିନରୁ ବନ୍ଦ ଥିବା କାର୍ଯ୍ୟଗୁଡ଼ିକ ଆଗକୁ ବଢ଼ିବ । ବ୍ୟବସାୟ କରୁଥିବା ଲୋକଙ୍କୁ ନୂତନ ଯୋଜନାଗୁଡ଼ିକରୁ ଲାଭ ମିଳିବାର ସମ୍ଭାବନା ରହିଛି ।

ତୁଳା : ତୁଳା ରାଶିର ବ୍ୟକ୍ତିମାନଙ୍କ ପାଇଁ ଏହି ଗୋଚର କାର୍ଯ୍ୟକ୍ଷେତ୍ର ଏବଂ ପାରିବାରିକ ଜୀବନରେ ସକରାତ୍ମକ ପରିବର୍ତ୍ତନ ଆଣିପାରେ । କର୍ମଜୀବୀମାନେ ନୂତନ ଦାୟିତ୍ୱ ପାଇପାରନ୍ତି । ବ୍ୟବସାୟୀମାନଙ୍କୁ ନିଜ କାମକୁ ଆଗକୁ ବଢ଼ାଇବାର ସୁଯୋଗ ମିଳିପାରେ ।

ମକର: ମକର ରାଶିର ବ୍ୟକ୍ତିବିଶେଷଙ୍କ ପାଇଁ କେତୁଙ୍କ ଗୋଚର ଅନେକ ମାମଲାରେ ଆଶ୍ୱସ୍ତିଦାୟକ ସାବ୍ୟସ୍ତ ହୋଇପାରେ । ଚାକିରି ଏବଂ ବ୍ୟବସାୟରେ ଆସୁଥିବା ବାଧାବିଘ୍ନଗୁଡ଼ିକୁ ଦୂର କରିବାର ସୁଯୋଗ ମିଳିପାରିବ ।

କୁମ୍ଭ : କୁମ୍ଭ ରାଶିର ଲୋକଙ୍କ ପାଇଁ କେତୁଙ୍କ ଗୋଚର ନୂତନ ସୁଯୋଗର ପଥ ଖୋଲିପାରେ । ଚାକିରି ଏବଂ ବ୍ୟବସାୟରେ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ସହିତ ସମ୍ପର୍କ ସ୍ଥାପନ ହୋଇପାରେ । ରୋଜଗାର ଖୋଜୁଥିବା ଲୋକମାନେ କୌଣସି ଭଲ ଖବର ପାଇପାରନ୍ତି ।

# ପୁଣି ଭାରତ-ଚାଇନା ମୁହାଁମୁହିଁ: ସୀମା ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ



ନୂଆଦିଲ୍ଲୀ, ୨୫।୧୦: ଅରୁଣାଚଳ ପ୍ରଦେଶର କେତେକ ଅଞ୍ଚଳକୁ ଚାଇନା ନିଜର ବୋଲି ଦାବି କରିଆସୁଛି। କେବଳ ସେତିକି ନୁହେଁ, କିଛି ଅଞ୍ଚଳକୁ ମାଡ଼ିବସିଛି। ସୀମା ସଂକ୍ରାନ୍ତ ଯେତେ ବୈଠକ ହେଲେ ମଧ୍ୟ ସମାଧାନର ସୂତ୍ର ବାହାରିପାରୁ ନାହିଁ। ଏଭଳି ସ୍ଥଳେ ଅରୁଣାଚଳ ପ୍ରଦେଶର ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି) ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଜାରି ରହିଥିବା ଭାରତ-ତିବ୍ବତ ସୀମା ପୋଲିସ (ଆଇଟିବିପି) ମହାନିର୍ଦ୍ଦେଶକ ଶତ୍ରୁଜିତ କପୁର ସ୍ବୀକାର କରିବା ପରେ ସରକାର ଅଡୁଆରେ ପଡ଼ିଛନ୍ତି। ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ଭାରତ ଗସ୍ତରେ ଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୀମା ପ୍ରସଙ୍ଗକୁ ଗୁରୁତ୍ୱ ଦେଇ ନ ଥିବାରୁ ଏଭଳି ଅସ୍ବାଭାବିକ ସ୍ଥିତି ଜାରି ରହିଛି ବୋଲି ବିରୋଧୀ କଂଗ୍ରେସ ଅଭିଯୋଗ କରିଛି। ଚାଇନାକୁ ବାରମ୍ବାର ଭାରତ କ୍ଲିନ୍‌ଚିଟ୍ ଦେଉଥିବା ବେଳେ ମହାନିର୍ଦ୍ଦେଶକଙ୍କ ସ୍ବୀକାରୋକ୍ତି ସରକାରଙ୍କ ସୀମା ସୁରକ୍ଷାକୁ ନେଇ ପ୍ରଶ୍ନବାଚୀରେ ରଖିଦେଇଛି ବୋଲି କୁହାଗଲାଣି।

ଅରୁଣାଚଳପ୍ରଦେଶ ଅନ୍ତର୍ଗତ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି) ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଜାରି ରହିଥିବା ଭାରତ-ତିବ୍ବତ ସୀମାନ୍ତ ପୋଲିସ (ଆଇଟିବିପି) ମହାନିର୍ଦ୍ଦେଶକ ଶତ୍ରୁଜିତ କପୁର କହିଛନ୍ତି। ପୂର୍ବ ସୀମାନ୍ତରେ ମୁହାଁମୁହିଁ ସ୍ଥିତି ଲାଗିରହିଥିବା ନେଇ ପ୍ରଥମ ଥର ସରକାରୀ ଭାବେ ସ୍ବୀକାର କରାଯାଇଛି। ଆଇଟିବିପିର ବାର୍ଷିକ ସମ୍ବର୍ଦ୍ଧନା ସମାରୋହକୁ ସମ୍ବୋଧିତ କରି କପୁର କହିଥିଲେ, ଜୁଲାଇରୁ ଅପର ସୁବନସିରିର ଟାକ୍ସିଙ୍ଗ ସେକ୍ଟରରେ ଆରମ୍ଭ ହୋଇଥିବା ମୁହାଁମୁହିଁ ସ୍ଥିତି ଏବେ ମଧ୍ୟ ଜାରି ରହିଛି। ଆଇଟିବିପିର ନବଗଠିତ ଶୌର୍ଯ୍ୟ କମାଣ୍ଡୋମାନେ ଉଚ୍ଚ ପାର୍ବତ୍ୟାଞ୍ଚଳରେ ଯୁଦ୍ଧ ପାଇଁ ପ୍ରଶିକ୍ଷଣ ନେଇଥିବାବେଳେ ମୁହାଁମୁହିଁ ସ୍ଥିତି ବେଳେ ସେମାନେ ମୁଖ୍ୟ ଭୂମିକା ନେଇଛନ୍ତି। ଅରୁଣାଚଳ ପ୍ରଦେଶରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଲାଗିରହିଥିବା ସମ୍ପର୍କରେ ଆଇଟିବିପି ମହାନିର୍ଦ୍ଦେଶକଙ୍କ ସ୍ବୀକାରୋକ୍ତି ଆସିବା ପରେ କଂଗ୍ରେସ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ବର୍ଷିଛି। ପ୍ରଧାନମନ୍ତ୍ରୀ ରାଷ୍ଟ୍ର ଏବଂ ପାର୍ଲାମେଣ୍ଟକୁ ବିଶ୍ୱାସକୁ ନେଇ ସୀମାନ୍ତ ସ୍ଥିତି ସମ୍ପର୍କରେ ବିସ୍ତୃତ ବିବୃତି ଜାରି କରିବାକୁ ବିରୋଧୀ ଦଳ ଆହ୍ବାନ ଦେଇଛି। ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ସହ ବୈଠକରେ ସୀମା ପ୍ରସଙ୍ଗ ଉଠାଇ ନ ଥିବା ମୋଦିଙ୍କୁ କଂଗ୍ରେସ ଭୀରୁ ବୋଲି କହିବା ସହ ଭାରତର ସ୍ବାର୍ଥକୁ ଜଳାଞ୍ଜଳି ଦେବାକୁ ଅନୁମତି ଦିଆଯାଇପାରିବ ନାହିଁ ବୋଲି କହିଛି। ଆଇଟିବିପି ମହାନିର୍ଦ୍ଦେଶକ କପୁରଙ୍କ ସ୍ବୀକାର ପରେ ଚାଇନା ସମ୍ପର୍କିତ ସତ ପଦାକୁ ଆସିଥିବା କଂଗ୍ରେସ କହିଛି। ବିରୋଧୀ ଦଳ ଦାବି କରିଛି ଯେ ପୂର୍ବ ଲଦାଖରେ ହିଂସା ପରେ ୨୦୨୦ରେ ପ୍ରଧାନମନ୍ତ୍ରୀଙ୍କ କ୍ଲିନ୍‌ଚିଟ୍ ଯୋଗୁ ଅରୁଣାଚଳପ୍ରଦେଶରେ ଚାଇନାର ସାହସ ବଢ଼ିଗଲା। କଂଗ୍ରେସର ଅଭିଯୋଗ ଏବଂ ଦାବି ଉପରେ କେନ୍ଦ୍ର ସରକାର କିମ୍ବା ଭାଜପା ପକ୍ଷରୁ ତୁରନ୍ତ କୌଣସି ପ୍ରତିକ୍ରିୟା ମିଳିନାହିଁ।

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ 'ଘ'ରେ ଏକ ପୋଷ୍ଟ କରି କହିଛନ୍ତି, ଚାଇନାକୁ ଯଥେଷ୍ଟ କ୍ଲିନ୍‌ଚିଟ୍ ଦିଆଯାଇଛି। ଭାରତର ଜନସାଧାରଣଙ୍କ ସମ୍ମୁଖରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସତ୍ୟ ଓ ସ୍ୱଷ୍ଟତା ରଖିବାକୁ ପଡ଼ିବ। ଭାରତର ସଶସ୍ତ୍ର ବଳଗୁଡ଼ିକ ଉପରେ ଜନସାଧାରଣଙ୍କର ସମ୍ପୂର୍ଣ୍ଣ ବିଶ୍ୱାସ ରହିଛି। କିନ୍ତୁ ଜାତୀୟ ସୁରକ୍ଷା ଉତ୍ତରଦାୟିତ୍ୱ ଦାବି କରେ, କୂଟନୈତିକ ଫଟୋ ଉଠାଇବା ଏବଂ କୋଳାକୋଳି କୂଟନୀତି ନୁହେଁ ବୋଲି ଖାର୍ଗେ କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ବିରୋଧୀଙ୍କୁ ସମାଲୋଚନା କରିବା ପରିବର୍ତ୍ତେ ପାର୍ଲାମେଣ୍ଟ ଓ ରାଷ୍ଟ୍ରକୁ ବିଶ୍ୱାସକୁ ନିଅନ୍ତୁ। ଜାତୀୟ ସୁରକ୍ଷା, ଆର୍ଥିକ ନୀତି ଓ କୂଟନୈତିକ ଉତ୍ତରଦାୟିତ୍ୱକୁ ନେଇ ଖାର୍ଗେ ପ୍ରଶ୍ନ ଉଠାଇଛନ୍ତି। ସୀମାରେ ମୁହାଁମୁହିଁ ସ୍ଥିତି ଜାରି ରଖିବା ଅତ୍ୟନ୍ତ ଚିନ୍ତାଜନକ। ଡୋକ୍ଲାମ୍ ଓ ଗଲଓ୍ବାନ୍ ହିଂସା ପରେ ପୁଣି ଏକ ଗମ୍ଭୀର ମୁହାଁମୁହିଁ ସ୍ଥିତି ଜାରି ରହିଛି କି ବୋଲି ଖାର୍ଗେ ଜାଣିବାକୁ ଚାହିଁଛନ୍ତି। ଗତ ଅଗଷ୍ଟରେ ଚାଇନା ଟାକ୍ସିଙ୍ଗ୍ ନିକଟରେ ଅନୁପ୍ରବେଶ କରିଥିବା ଖବର ପ୍ରକାଶ ପାଇଥିଲା। ଏହାର ୧୮୦ କି.ମି. ଦୂର ଓ୍ବାଚା ଦାମାଇଠାରେ କର୍ପସ କମାଣ୍ଡରସ୍ତରୀୟ ଆଲୋଚନାର ୪୭ ଦିନ ପରେ ମଧ୍ୟ ମୁହାଁମୁହିଁ ସ୍ଥିତି ଜାରି ରହିଛି। ଭାରତର ପାଟ୍ରୋଲିଂ ଅଧିକାର କ୍ଷୁଣ୍ଣ ହୋଇଛି କି? ଅରୁଣାଚଳପ୍ରଦେଶ ଭାରତର ଅବିଚ୍ଛେଦ୍ୟ ଅଙ୍ଗ। ତେବେ ଦେଶକୁ ଅନ୍ଧକାରରେ ରଖାଯାଇଛି କାହିଁକି ବୋଲି ଖାର୍ଗେ ପ୍ରଶ୍ନ କରିଛନ୍ତି।

ଚାଇନା ସୈନ୍ୟ ସ୍ଥିରୀକୃତ ପାଟ୍ରୋଲିଂ ଧାରାରୁ ବିଚ୍ୟୁତ ହେଲେ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି) ସ୍ଥିତି ଅଶାନ୍ତ ହୋଇଥାଏ ବୋଲି ଭାରତ ଶୁକ୍ରବାର କହିଛି। ଅତୀତରେ ବିଭିନ୍ନ ସମୟରେ ଏଭଳି ସ୍ଥିତି ଉପୁଜିଥିବା ଦେଖାଯାଇଛି। ମୋଟାମୋଟି ଦ୍ୱିପାକ୍ଷିକ ସମ୍ପର୍କରେ ଉନ୍ନତି ପାଇଁ ସୀମାନ୍ତ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରହିବା ଜରୁରୀ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ବାଲ କହିଛନ୍ତି। ଅରୁଣାଚଳପ୍ରଦେଶ ଅନ୍ତର୍ଗତ ସୀମାନ୍ତ ଅଞ୍ଚଳରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଲାଗି ରହିଥିବା ନେଇ ଆଇଟିବିପି ମହାନିର୍ଦ୍ଦେଶକ ଶତ୍ରୁଜିତ କପୁର କହିଥିଲେ। ତାଙ୍କ ମନ୍ତବ୍ୟକୁ ନେଇ ପ୍ରଶ୍ନ ହେବାରୁ ଜୟସ୍ବାଲ ଗଣମାଧ୍ୟମକୁ ଏଭଳି ସୂଚନା ଦେଇଛନ୍ତି।

# ମଝି ଆକାଶରେ ୨ ବିମାନ ମୁହାଁମୁହିଁ: ୪ ପାଇଲଟ୍ ମୃତ

ମାନିଲା,୨୫।୧୦: ଫିଲିପାଇନ୍‌ସରେ ଘଟିଯାଇଛି ଏକ ଅତ୍ୟନ୍ତ ଦୁଃଖଦ ଓ ଭୟାବହ ବିମାନ ଦୁର୍ଘଟଣା। ମଝି ଆକାଶରେ ବାୟୁସେନାର ଦୁଇଟି ତାଲିମ ବିମାନ ମୁହାଁମୁହିଁ ଧକ୍କା ହେବା ଫଳରେ ୪ ଜଣ ପାଇଲଟ୍‌ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଦେଶର ରାଜଧାନୀ ମାନିଲା ନିକଟସ୍ଥ ବାଟାଙ୍ଗାସ ପ୍ରଦେଶରେ ଥିବା ଫର୍ଣ୍ଣାଣ୍ଡୋ ଏୟାର ବେସ୍ ପରିସର ମଧ୍ୟରେ ଏହି ଦୁର୍ଘଟଣା ଘଟିଥିବା ଫିଲିପାଇନ୍‌ସ ବାୟୁସେନା ପକ୍ଷରୁ ସୂଚନା ଦିଆଯାଇଛି।

ମିଳିଥିବା ସୂଚନାନୁଯାୟୀ, ଫିଲିପାଇନ୍‌ସ ବାୟୁସେନାର ଦୁଇଟି 'ଝର-୨୬୦' ମଡେଲର ଟ୍ରେନର ଏୟାରକ୍ରାଫ୍ଟ ନିଜର ନିୟମିତ ଉଡ଼ାଣ ତାଲିମ ପାଇଁ ଆକାଶକୁ ଉଡ଼ାଣ ଭରିଥିଲେ। ଉଭୟ ବିମାନରେ ଦୁଇ ଦୁଇ ଜଣ କରି ମୋଟ୍ ୪ ଜଣ ପାଇଲଟ୍ ଉପସ୍ଥିତ ଥିଲେ। ତେବେ ଉଡ଼ାଣ ଭରିବାର କିଛି ସମୟ ପରେ, ଏୟାର ବେସ ନିକଟସ୍ଥ ଆକାଶମାର୍ଗରେ କୌଣସି କାରଣରୁ ଉଭୟ ବିମାନ ନିୟନ୍ତ୍ରଣ ହରାଇ ପରସ୍ପର ସହ ସାମ୍ନାସାମ୍ନି ଧକ୍କା ହୋଇଥିଲେ। ଏୟାର ବେସ୍ ଭିତରେ ଖସିପଡ଼ିଲା ବିମାନଧକ୍କା ହେବା ମାତ୍ରକେ ଉଭୟ ବିମାନ ନିଆଁର ପିଣ୍ଡୁଳାରେ ପରିଣତ ହୋଇ ଫର୍ଣ୍ଣାଣ୍ଡୋ ଏୟାର ବେସ୍ ପରିସରରେ ହିଁ ଖସିପଡ଼ିଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ବିମାନ ଦ୍ୱୟ ସମ୍ପୂର୍ଣ୍ଣ ଭାବେ ଚୂରମାର୍ ହୋଇଯାଇଥିଲା। ଦୁର୍ଘଟଣାର ତୁରନ୍ତ ପରେ ସେନା ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ସେତେବେଳକୁ ବିମାନରେ ଥିବା ସମସ୍ତ ୪ ଜଣ ପାଇଲଟଙ୍କର ମୃତ୍ୟୁ ହୋଇସାରିଥିଲା। ବାୟୁସେନା ଏହି ଦୁର୍ଘଟଣାକୁ ନେଇ ଗଭୀର ଶୋକ ପ୍ରକାଶ କରିବା ସହ ମୃତ ପାଇଲଟ୍‌ମାନଙ୍କ ପରିବାର ପ୍ରତି ସମବେଦନା ଜଣାଇଛି। କେଉଁ କାରଣରୁ ମଝି ଆକାଶରେ ଏହି ଭୟଙ୍କର ଧକ୍କା ହେଲା ତାହା ଜାଣିବା ପାଇଁ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରାଯାଇଛି। ଯାନ୍ତ୍ରିକ ତ୍ରୁଟି ନା ପାଇଲଟଙ୍କ ଭୁଲ ଯୋଗୁ ଏହି ଅଘଟଣ ଘଟିଲା, ତାହା ବ୍ଲାକ୍‌ବକ୍ସ ଓ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଆଧାରରେ ସ୍ପଷ୍ଟ ହେବ ବୋଲି ବାୟୁସେନା ଅଧିକାରୀମାନେ ପ୍ରକାଶ କରିଛନ୍ତି।



# ମଧ୍ୟବିତ୍ତଙ୍କୁ ବଡ଼ ଝଟ୍‌କା: ପହିଲାରୁ ବଦଳିଯିବ ଡ୍ରାଇଭିଂ ଲାଇସେନ୍‌ସ, ମୋବାଇଲ କଲିଂ ଓ ଗ୍ୟାସ୍ ସିଲିଣ୍ଡର ଦର

ନୂଆଦିଲ୍ଲୀ,୨୫।୧୦: ଦେଶ ଏବଂ ଜାତୀୟ ରାଜଧାନୀ କ୍ଷେତ୍ର (NCR)ରେ ଆସନ୍ତା ୧ ନଭେମ୍ବର ୨୦୨୬ରୁ ସାଧାରଣ ଜନତାଙ୍କ ଜୀବନ ସହିତ ଜଡ଼ିତ ଅନେକ ବଡ଼ ପରିବର୍ତ୍ତନ ଲାଗୁ ହେବାକୁ ଯାଉଛି। ଫେକ ଏବଂ ସ୍ପାମ କଲ ଉପରେ ରୋକ ଲଗାଇବା ପାଇଁ ବିନା କୌଣସି ଥାର୍ଡ ପାର୍ଟି ଆପ ସାହାଯ୍ୟରେ ସରକାରୀ କଲର୍ ଆଇଡି (ଉବକ୍ଷକ୍ଷରକ୍ସ ଓଉ) ନିୟମ ଆରମ୍ଭ ହେବାକୁ ଯାଉଛି। ଏହା ବ୍ୟତୀତ, ଦିଲ୍ଲୀରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ନନ-BS୬ ଯାନବାହନ ପ୍ରବେଶ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲାଗୁ ହେବ ଏବଂ ପ୍ରତି ମାସ ଭଳି ଏଲ୍‌ପିଜି ସିଲିଣ୍ଡର ତଥା ଇନ୍ଧନର ନୂତନ ଦର ମଧ୍ୟ ପ୍ରକାଶ ପାଇବ।

ପ୍ରତି ମାସ ଆରମ୍ଭ ସହିତ ଦେଶରେ ଅନେକ ଆର୍ଥିକ, ପ୍ରଶାସନିକ ତଥା ଯାତାୟାତ ସମ୍ପର୍କିତ ନିୟମ ବଦଳିଥାଏ। ଏଥର ମଧ୍ୟ ୧ ନଭେମ୍ବର ୨୦୨୬ରୁ ଲାଗୁ ହେବାକୁ ଥିବା ପରିବର୍ତ୍ତନଗୁଡ଼ିକ ବେଶ ଗୁରୁତ୍ୱପୂର୍ଣ୍ଣ। ସ୍ପାମ କଲ୍ରୁ ମୁକ୍ତି ଦେଉଥିବା ନୂଆ କଲର୍ ଆଇଡି ସିଷ୍ଟମରୁ ଆରମ୍ଭ କରି ଦିଲ୍ଲୀର ରାସ୍ତାରେ ପୁରୁଣା ଯାନବାହନ ଚଳାଚଳ ଉପରେ କଟକଣା ପର୍ଯ୍ୟନ୍ତ, ଅନେକ ନିଷ୍ପତ୍ତି ଲାଗୁ ହେବାକୁ ଯାଉଛି ଯାହା ସିଧାସଳଖ ସାଧାରଣ ଲୋକଙ୍କୁ ପ୍ରଭାବିତ କରିବ। ଆସନ୍ତୁ ଏହି ସମସ୍ତ ପରିବର୍ତ୍ତନ ବିଷୟରେ ବିସ୍ତୃତ ଭାବରେ ଜାଣିବା।

ଜାତୀୟ ରାଜଧାନୀ ଦିଲ୍ଲୀରେ ଶୀତଦିନେ ବଢୁଥିବା ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ 'ଗ୍ରିଷ୍ଟର ଆକ୍ସନ ପ୍ଲାନ' ଅଧୀନରେ କଡ଼ା କଟକଣା ଲାଗୁ କରାଯାଉଛି। ଏହି କ୍ରମରେ ଦିଲ୍ଲୀରେ ୧ ନଭେମ୍ବର ୨୦୨୬ରୁ ୩୧ ଜାନୁଆରୀ ୨୦୨୭ ପର୍ଯ୍ୟନ୍ତ ନନ-BS୬ ଯାନବାହନ ପ୍ରବେଶ ତଥା ଚଳାଚଳ ଉପରେ ସମ୍ପୂର୍ଣ୍ଣ ରୋକ ଲଗାଯିବ। ଏହି ସମୟ ମଧ୍ୟରେ ରାଜଧାନୀର ରାସ୍ତାରେ କେବଳ BS୬ ମାନକ ବିଶିଷ୍ଟ, ଇଲେକ୍ଟ୍ରିକ କିମ୍ବା ସିଏନ୍‌ଜି ଯାନ ଚଳାଚଳ ପାଇଁ ଅନୁମତି ମିଳିବ। ଏହି ନିୟମ ଉଲ୍ଲଂଘନ କଲେ ମୋଟା ଅଙ୍କର ଜରିମାନା ଆଦାୟ କରାଯାଇପାରେ।

ବର୍ତ୍ତମାନ ସମୟରେ ସ୍ପାମ ଏବଂ ଫେକ କଲ ଏକ ବଡ଼ ସମସ୍ୟା ପାଲଟିଛି, ଯାହାର ସମାଧାନ ପାଇଁ ସରକାର କଡ଼ା ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ନଭେମ୍ବର ୧ରୁ ୪ଏ ଏବଂ ୫ଏ ନେଟୱାର୍କରେ ସରକାରୀ କଲର୍ ଆଇଡି ସେବା ଆରମ୍ଭ କରାଯିବ। ଏହା ପରେ ଯେତେବେଳେ ମଧ୍ୟ କୌଣସି ଅଜଣା ନମ୍ବରରୁ ଆପଣଙ୍କୁ ଫୋନ ଆସିବ, ସେତେବେଳେ ଟେଲିକମ ଡାଟାବେସ ଅର୍ଥାତ କଣଉ ଆଧାରରେ ପଞ୍ଜୀକୃତ କଲର୍ଙ୍କ ପ୍ରକୃତ ନାମ ଫୋନ ସ୍କ୍ରିନରେ ଦେଖାଯିବ। ଏଥିପାଇଁ ଆପଣଙ୍କୁ 'ଟ୍ରୁକଲର୍' ଭଳି କୌଣସି ଥାର୍ଡ ପାର୍ଟି ଆପ ବ୍ୟବହାର କରିବାକୁ ପଡ଼ିବ ନାହିଁ।

ପ୍ରତି ମାସର ପହିଲା ତାରିଖ ଭଳି ଏଥର ମଧ୍ୟ ଶକ୍ତି ଏବଂ ଇନ୍ଧନ ମୂଲ୍ୟରେ ସଂଶୋଧନ କରାଯିବ। ବାସ୍ତବରେ, ନଭେମ୍ବର ୧ ତାରିଖରେ ସରକାରୀ ତୈଳ କମ୍ପାନୀଗୁଡ଼ିକ ଘରୋଇ ତଥା ବାଣିଜ୍ୟିକ ଖଚଏ ଗ୍ୟାସ ସିଲିଣ୍ଡରର ନୂତନ ମୂଲ୍ୟ ଘୋଷଣା କରିବେ। ଏହା ସହିତ ବିମାନ ଇନ୍ଧନ ଏବଂ ଉଘଏ-ଚଘଏ ଦରରେ ମଧ୍ୟ ପରିବର୍ତ୍ତନ ଦେଖିବାକୁ ମିଳିପାରେ, ଯାହାର ସିଧାସଳଖ ପ୍ରଭାବ ପରିବହନ ଏବଂ ଯାତ୍ରା ଖର୍ଚ୍ଚ ଉପରେ ପଡ଼ିବ।

# ବାଂଲାଦେଶ ଜେଲ୍‌ରେ ୨୩୮ ଭାରତୀୟ

ଢାକା: ବାଂଲାଦେଶର ଜେଲ୍‌ଗୁଡ଼ିକରେ ୨୩୮ ଜଣ ଭାରତୀୟ କଏଦୀ ଅଛନ୍ତି। ଏମାନଙ୍କ ମଧ୍ୟରୁ ୧୬୮ ଜଣ ଜେଲ୍ ଦଣ୍ଡ ଭୋଗି ସାରିଛନ୍ତି। ଏହା ସତ୍ତ୍ୱେ ବି ସେମାନେ ଭାରତ ଫେରିପାରୁ ନାହାନ୍ତି। କାରଣ, ଏହି କଏଦୀମାନଙ୍କ ମଧ୍ୟରୁ ଅନେକଙ୍କ ଭାରତୀୟ ନାଗରିକତା ପ୍ରମାଣିତ ହୋଇପାରି ନାହିଁ। ବାଂଲାଦେଶ ସରକାର ପ୍ରାୟ ୧୨୦ ଜଣ କଏଦୀଙ୍କ ତାଲିକା ଭାରତକୁ ପଠାଇ ସେମାନେ ଭାରତୀୟ ବୋଲି ଜଣାଇ ଥିଲେ। ମାତ୍ର ଏହି ତାଲିକାରେ ଅଧିକାଂଶ କଏଦୀଙ୍କ ସମ୍ପର୍କିତ ତଥ୍ୟ ଅସମ୍ପୂର୍ଣ୍ଣ ରହିଛି ବୋଲି ଭାରତୀୟ ଉଚ୍ଚାୟୁକ୍ତଙ୍କ ପକ୍ଷରୁ କୁହାଯାଇଥିଲା। ବାଂଲାଦେଶ ଖବରକାଗଜ 'ଦ ଡେଲି ଷ୍ଟାର୍'ର ରିପୋର୍ଟ ଅନୁଯାୟୀ, ଦେଶର ଜେଲ୍‌ଗୁଡ଼ିକରେ ୧୫ ଦେଶର ୪୦୭ ଜଣ କଏଦୀ ଅଛନ୍ତି। ଏମାନଙ୍କ ମଧ୍ୟରେ ଭାରତୀୟ କଏଦୀଙ୍କ ସଂଖ୍ୟା ସର୍ବାଧିକ ରହିଛି। ତେବେ ଢାକାସ୍ଥିତ ଭାରତୀୟ ଉଚ୍ଚାୟୁକ୍ତର ଜଣେ ଅଧିକାରୀ କହିଛନ୍ତି ଯେ ଏ ପର୍ଯ୍ୟନ୍ତ ଦଣ୍ଡ ଭୋଗି ସାରି ଜେଲରେ ଥିବା କେବଳ ୨୫ ଜଣ ଭାରତୀୟ କଏଦୀଙ୍କ ପରିଚୟ ମିଳିପାରିଛି। ଯେଉଁ କଏଦୀମାନଙ୍କ ସମ୍ପର୍କରେ ତଥ୍ୟ ମିଳିପାରି ନାହିଁ, ସେମାନଙ୍କୁ ଭେଟିବା ପାଇଁ ଭାରତୀୟ ଉଚ୍ଚାୟୁକ୍ତ ଅନୁମତି ମାଗିଛନ୍ତି। ଏବେ ବାଂଲାଦେଶର ବୈଦେଶିକ ମନ୍ତ୍ରଣାଳୟର ଉତ୍ତରକୁ ଅପେକ୍ଷା କରାଯାଇଛି। ଏହା ପୂର୍ବରୁ ଜୁନରେ ବାଂଲାଦେଶ ଜେଲରେ ବନ୍ଦୀ ଥିବା କଏଦୀଙ୍କ ତଥ୍ୟ ସାମନାକୁ ଆସିଥିଲା। ସେତେବେଳେ ୧୫୨ ବିଦେଶୀ କଏଦୀ ଦଣ୍ଡ ଭୋଗି ସାରିଥିଲେ। ପରିଚୟ ମିଳିପାରି ନଥିବାରୁ ଏହି କଏଦୀଙ୍କ ମୁକ୍ତି ଅଟକିଛି ବୋଲି ଅଧିକାରୀମାନେ କହିଥିଲେ।

# କେନ୍ଦ୍ର ସରକାରଙ୍କୁ ସୋନମ ଓ୍ବାଙ୍ଗଚୁକଙ୍କ ଚେତାବନୀ !



ନୂଆଦିଲ୍ଲୀ, ୨୫।୧୦: ଭାରତର ପ୍ରସିଦ୍ଧ ପରିବେଶବିତ୍ ସୋନମ ଓ୍ବାଙ୍ଗଚୁକ ଆନ୍ଦୋଳନ ଏବଂ ଆନ୍ଦୋଳନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ନେଇ କେନ୍ଦ୍ର ସରକାରଙ୍କୁ ବଡ଼ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ରୋକିବା ଉଚିତ ନୁହେଁ। ଆନ୍ଦୋଳନକାରୀଙ୍କ ସ୍ବରକୁ ଦବାଇବା ପରିବର୍ତ୍ତେ କେନ୍ଦ୍ର ସରକାର ସେମାନଙ୍କ କଥା ଶୁଣିବା ଆବଶ୍ୟକ। କାରଣ ଆନ୍ଦୋଳନ ସରକାରଙ୍କ ପାଇଁ ଫିଡ୍‌ବ୍ୟାକ ବା ମତାମତ ଭଳି କାମ କରିଥାଏ ଏବଂ ଉନ୍ନତ ଢଙ୍ଗରେ କାର୍ଯ୍ୟ କରିବାକୁ ସରକାରଙ୍କୁ ପ୍ରେରଣା ଦେଇଥାଏ। କିନ୍ତୁ ଯଦି ଆନ୍ଦୋଳନକୁ ଦମନ କରାଯାଏ, ତେବେ ଭାରତରେ ମଧ୍ୟ ନେପାଳ, ଶ୍ରୀଲଙ୍କା ଓ ବାଂଲାଦେଶ ଭଳି ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି।

ମୁମ୍ବାଇରେ ଆୟୋଜିତ ଆଇପିଏଫ ଫେଷ୍ଟିଭାଲ୍ରେ ଉଦ୍ବୋଧନ ଦେଇ ଓ୍ବାଙ୍ଗଚୁକ କହିଛନ୍ତି, ଗଣତାନ୍ତ୍ରିକ ଦେଶରେ ଲୋକଙ୍କୁ ନିଜ ମତ ରଖିବାର ସୁଯୋଗ ନମିଳିଲେ କିମ୍ବା ସେମାନଙ୍କ କଥା ଶୁଣା ନଗଲେ, ଲୋକେ ଉତ୍ତ୍ୟକ୍ତ ହୋଇପାରନ୍ତି। ଏହାର ପରିଣାମ କେନ୍ଦ୍ର ସରକାରଙ୍କୁ ଭୋଗିବାକୁ ପଡ଼ିପାରେ।

ବ୍ରିଟେନ, ନରଓ୍ବେ ଓ ସ୍ୱିଡେନ ଭଳି ଦେଶରେ ଲୋକଙ୍କୁ ସଂସଦ ବାହାରେ ବିରୋଧ ପ୍ରଦର୍ଶନ କରିବାକୁ ଅନୁମତି ଦିଆଯାଏ। ସରକାରଙ୍କ କାର୍ଯ୍ୟାଳୟ ନିକଟରେ ଆନ୍ଦୋଳନ ହେଲେ ସରକାରଙ୍କ ଉପରେ ଚାପ ସୃଷ୍ଟି ହୁଏ ଏବଂ ଏହା ସରକାରଙ୍କ କାର୍ଯ୍ୟଦକ୍ଷତା ବଢ଼ାଇଥାଏ। କିନ୍ତୁ ଭାରତରେ ଆନ୍ଦୋଳନ ପାଇଁ ସ୍ଥାନ ଏତେ ଦୂରରେ ରଖାଯାଇଛି ଯେ ଲୋକଙ୍କ ସ୍ୱର ସରକାରଙ୍କ ପାଖରେ ପହଞ୍ଚିପାରୁ ନାହିଁ ବୋଲି ସେ ମତ ଦେଇଛନ୍ତି।

ଓ୍ବାଙ୍ଗଚୁକ କହିଛନ୍ତି, ଦିଲ୍ଲୀରେ ସଂସଦଠାରୁ ଜନ୍ତର ମନ୍ତର ଯଦି ଏତେ ଦୂରରେ ରହିଛି, ତେବେ ରାମଲୀଳା ମୈଦାନ ଓ ବୁରାଡ଼ି ମୈଦାନ କେତେ ଦୂରରେ ଥିବ, ତାହା ସହଜରେ ଅନୁମାନ କରାଯାଇପାରିବ। ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ହେବା ଉଚିତ, କିନ୍ତୁ ଏହା ସରକାରଙ୍କ ଉପରେ ଚାପ ସୃଷ୍ଟି କରିବାର ଏକ ମାଧ୍ୟମ। ଏହା ସରକାରଙ୍କ କାର୍ଯ୍ୟର ମୂଲ୍ୟାଙ୍କନ ପାଇଁ ମଧ୍ୟ ଏକ ଫିଡ୍‌ବ୍ୟାକ ଭଳି କାମ କରେ।

ଆନ୍ଦୋଳନ ମାଧ୍ୟମରେ ଦେଶର ଲୋକେ କେଉଁ ସମସ୍ୟାକୁ ନେଇ ଚିନ୍ତିତ ଅଛନ୍ତି, ତାହା ସରକାର ଜାଣିପାରିବେ। ଜନସାଧାରଣଙ୍କ ସମସ୍ୟା ସମ୍ପର୍କରେ ସରକାର ଅବଗତ ହେଲେ ହିଁ ସେମାନଙ୍କ ପାଇଁ କାମ କରିବାର ପ୍ରକୃତ ଅର୍ଥ ରହିଛି। ଲୋକେ ସମସ୍ୟାରେ ଥିଲେ ଏବଂ ସରକାର ସେମାନଙ୍କ କଥା ଶୁଣୁ ନଥିଲେ। ଏହି କାରଣରୁ ନେପାଳ ଓ ବାଂଲାଦେଶରେ ସରକାରଙ୍କୁ ଏତେ ବଡ଼ ଧରଣର କ୍ଷମତାଚ୍ୟୁତ ହେବାକୁ ପଡ଼ିଥିଲା ବୋଲି ସେ କହିଛନ୍ତି।

ସୋନମ ଓ୍ବାଙ୍ଗଚୁକ ଆହୁରି କହିଛନ୍ତି, ଆନ୍ଦୋଳନ କରିବା ପାଇଁ ଅନୁମତି ନେବାର ଆବଶ୍ୟକତା ରହିବା ଉଚିତ ନୁହେଁ। ବରଂ ସହରରେ କେଉଁ କାର୍ଯ୍ୟକ୍ରମ କେଉଁଠାରେ ହେଉଛି, ସେ ସମ୍ପର୍କରେ ସରକାର ଓ ପୋଲିସ ଅବଗତ ରହିବା ଯଥେଷ୍ଟ। ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବା ଭାରତୀୟ ନାଗରିକଙ୍କ ସାମ୍ବିଧାନିକ ଅଧିକାର। ଯଦି ସରକାର ନିଜେ ଲୋକଙ୍କ ସାମ୍ବିଧାନିକ ଅଧିକାର ଛଡ଼ାଇ ନିଅନ୍ତି, ତେବେ ଏହାର କ୍ଷତି ସରକାରଙ୍କୁ ହିଁ ସହିବାକୁ ପଡ଼ିବ। ଆନ୍ଦୋଳନକୁ ରୋକିବା ପାଇଁ ପୋଲିସ ଓ ଅର୍ଦ୍ଧସାମରିକ ବଳକୁ ନିୟୋଜିତ କରିବା ପରିବର୍ତ୍ତେ ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ମୁତୟନ କରାଯିବା ଉଚିତ ବୋଲି ସେ ମତ ଦେଇଛନ୍ତି। ସୁରକ୍ଷା ବଳର ସବୁଠାରୁ ଅଧିକ ଆବଶ୍ୟକତା ସୀମାରେ ରହିଛି।

# ୨୦୨୮ ଲସ୍ ଆଞ୍ଜେଲ୍‌ସ ଅଲିମ୍ପିକ୍ସ, ମହିଳା କ୍ରିକେଟ ଯୋଗ୍ୟତା ନିୟମରେ ପରିବର୍ତ୍ତନ କଲା ଆଇସିସି




ନୂଆଦିଲ୍ଲୀ : କ୍ରୀଡ଼ା ମହାକୁମ୍ଭ ଲସ୍ ଆଞ୍ଜେଲ୍‌ସ ଅଲିମ୍ପିକ୍ସ -୨୦୨୮ରେ କ୍ରିକେଟକୁ ସ୍ଥାନ ମିଳିଛି। ଟି୨୦ ଫର୍ମାଟରେ ଉଭୟ ପୁରୁଷ ଓ ମହିଳା ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ।ଉଭୟ ବର୍ଗରେ ୬ଟି ଲେଖାଏଁ ଦଳ ଅଂଶଗ୍ରହଣ କରିବେ। ମହିଳା ବର୍ଗରେ ଦଳ ଯୋଗ୍ୟତା ନେଇ ପୂର୍ବରୁ ରହିଥିବା ନିୟମରେ ଆଇସିସି ସାମାନ୍ୟ ପରିବର୍ତ୍ତନ କରିଛି। ଆୟୋଜକ ଭାବେ ଆମେରିକା ସିଧାସଳଖ ଯୋଗ୍ୟତା ହାସଲ କରିବାର ନିୟମ ରହିଥିଲା। କିନ୍ତୁ ଆଇସିସି ପକ୍ଷରୁ ପ୍ରଣୟନ କରାଯାଇଥିବା ନୂତନ ନିୟମ ଅନୁଯାୟୀ ଆଇସିସି ମାନ୍ୟତା ଆଧାରରେ ଶୀର୍ଷ ୪ଟି ସ୍ଥାନରେ ଥିବା ଦଳଙ୍କୁ ୨୦୨୮ ଲସ୍ ଆଞ୍ଜେଲ୍‌ସ ଅଲିମ୍ପିକ୍ସ ଲାଗି ସିଧାସଳଖ ଯୋଗ୍ୟତା ସୁଯୋଗ ମିଳିଛି। ମହିଳାରେ ଭାରତ, ଗ୍ରେଟ୍ ବ୍ରିଟେନ, ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ସିଧାସଳଖ ଯୋଗ୍ୟତା ହାସଲ କରିସାରିଛନ୍ତି। ଅନ୍ୟ ଦୁଇଟି ଦଳ ଲାଗି ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ ଖେଳିବାକୁ ପଡ଼ିବ। ଆମେରିକାକୁ ଯୋଗ୍ୟତାପର୍ଯ୍ୟାୟ ମ୍ୟାଚ ଖେଳିବାକୁ ପଡ଼ିବ। ପୁରୁଷରେ ଆମେରିକା ସହ ଭାରତ, ଗ୍ରେଟ୍ ବ୍ରିଟେନ,ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଯୋଗ୍ୟତା ହାସଲ କରିଥିବାବେଳେ ଅନ୍ୟ ଏକ ଦଳ ଯୋଗ୍ୟତାପର୍ଯ୍ୟାୟରୁ ଯୋଗ୍ୟତା ହାସଲ କରିବେ।ସେହିପରି ୨୦୨୭ ଫେବୃଆରୀରେ ପ୍ରଥମ ଆଇସିସି ମହିଳା ଚମ୍ପିଆନ୍‌ସ ଟ୍ରଫି ଖେଳାଯିବାକୁ ନିଷ୍ପତ୍ତି ହୋଇଛି। ୨୦୨୮ ମହିଳା ଟି୨୦ ବିଶ୍ୱକପରେ ୧୨ଟି ଦଳ ଅଂଶଗ୍ରହଣ କରିବେ। ପ୍ରତିଯୋଗିତା ସେପ୍ଟେମ୍ବର ୭ରୁ ଅକ୍ଟୋବର ୧ ପର୍ଯ୍ୟନ୍ତ ପାକିସ୍ତାନରେ ଆୟୋଜିତ ହେବ। ପୁରୁଷ ଟି୨୦ ବିଶ୍ୱକପ -୨୦୨୮ ଅକ୍ଟୋବର ୧୨ରୁ ନଭେମ୍ବର ୧୨ ପଯ୍ୟନ୍ତ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆରେ ଆୟୋଜିତ ହେବ।ଏଥିରେ ୨୦ଟି ଦଳ ଅଂଶଗ୍ରହଣ କରିବେ। ୨୦୨୯ ବିଶ୍ୱ ଟେଷ୍ଟ ଚମ୍ପିଆନସିପ ଫାଇନାଲ ଜୁନ୍ ୮ରୁ ୧୨ ପର୍ଯ୍ୟନ୍ତ ଇଂଲଣ୍ଡରେ ଆୟୋଜିତ ହେବ। ୨୦୩୦ ପୁରୁଷ ଟି୨୦ ବିଶ୍ୱକପ ଜୁଲାଇ -ଅଗଷ୍ଟକୁ ସ୍ଥାନାନ୍ତରିତ କରାଯାଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟ ଇଂଲଣ୍ଡ, ଆର୍ୟରଲାଣ୍ଡ ଓ ସ୍କଟଲାଣ୍ଡରେ ଖେଳାଯିବ।

ଅକ୍ଷର
AKHYARA ODISHA ଓଡ଼ିଶା

## ହତ୍ୟା ପରେ ହାତଗୋଡ଼ ବାନ୍ଧି ଫିଙ୍ଗିଦେଲେ ନଦୀରୁ ମହିଳାଙ୍କ ଗଳିତ ଶବ ଉଦ୍ଧାର, ପୁଲିସ୍‌ର ତନାଘନା



ମାଲକାନଗିରି- ୨୫/୧୦/(ପ୍ରଦୀପ ରାଉଳ): କାଲିମେଳା ଥାନା ପୋଟେରୁ ଫାଣ୍ଡି ଅଞ୍ଚଳରେ ଘଟିଛି ଅଭାବନୀୟ ଘଟଣା। ଜଣେ ମହିଳାଙ୍କୁ ହତ୍ୟା କରାଯାଇଛି। ପରେ ଗୋଡ଼ହାତ ବାନ୍ଧି ଏକ ଜରିବସ୍ତାରେ ଫିଙ୍ଗି ଦିଆଯାଇଛି ନଦୀକୁ। ଏମ୍‌ପିଭି-୧୦ ଗାଁ ନିକଟ ପୋଟେରୁ ନଦୀକୂଳରୁ ମହିଳାଙ୍କ ଗଳିତ ଶବ ଉଦ୍ଧାର କରିଛି ପୁଲିସ୍। ଘଟଣାର ତନାଘନା ଆରମ୍ଭ କରିଛି। ମୃତ ମହିଳାଙ୍କ ପରିଚୟ ମିଳିନାହିଁ। ଚର୍ଚ୍ଚା ହେଉଛି ଯେ, ମହିଳା ଜଣଙ୍କୁହତ୍ୟା କରଯାଇଥିଲା। ପରେ ତାଙ୍କ ହାତଗୋଡ଼କୁ ଏକ ରଶିରେ ବନ୍ଧାଯାଇଥିଲା। ଜରିବସ୍ତାରେ ପୂରାଇ ନଦୀକୁ ଫିଙ୍ଗି ଦିଆଯାଇଥିଲା। ମୃତାଙ୍କ ପରିଚୟ ମିଳିପାରିନାହିଁ। ଆଜି ନଈରେ ବସ୍ତା ଭାସୁଥିବା ଦେଖି ଗ୍ରାମବାସୀ କାଲିମେଳା ଥାନାକୁ ଖବର ଦେଇଥିଲେ। ପୁଲିସ୍ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ବ୍ୟବଚ୍ଛେଦ ପାଇଁ ମୃତଦେହ ମେଡିକାଲ୍‌କୁ ପଠାଯାଇଛି। ତଦନ୍ତ ପରେ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ ହେବ ବୋଲି ପୁଲିସ୍ କହିଛି।

## ଆସିକାର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ



ଆସିକା, ୨୫/୧୦/(ଅକ୍ଷର ଓଡିଶା ): ଧନ, ଐଶ୍ୱର୍ଯ୍ୟ ଓ ସମୃଦ୍ଧିର ଦେବୀ ମା' ଗଜଲକ୍ଷ୍ମୀଙ୍କ ପୂଜା ଅବସରରେ ଆସିକା ସହରର ବିଭିନ୍ନ ସ୍ଥାନରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ସହରର ତାଲୁକା ଛକ ଓ ନୂଆଗାଁ ଅଞ୍ଚଳରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା କରାଯାଇଛି।ପୂଜାର ପୂର୍ବଦିନ ଋଷିକୁଲ୍ୟା ନଦୀର ସଙ୍ଗମସ୍ଥଳ ଓ ତ୍ରିବିଧେଶ୍ୱର ନଦୀଘାଟରୁ ଗଙ୍ଗାଦେବୀଙ୍କୁ ନିମନ୍ତ୍ରଣ କରାଯାଇଥିଲା। ପବିତ୍ର ଆଶ୍ୱିନ ପୂର୍ଣ୍ଣିମା ଅବସରରେ ପୂଜାମଣ୍ଡପରେ ପଣ୍ଡିତମାନଙ୍କ ମନ୍ତ୍ରୋଚ୍ଚାରଣ ମଧ୍ୟରେ ଯଜମାନମାନେ ସଂକଳ୍ପ, ରକ୍ଷାସୂତ୍ର ବନ୍ଧନ, ମାତୃପୂଜା, ଗ୍ରହପୂଜା, ଦୀପପୂଜା ଓ ସୂର୍ଯ୍ୟପୂଜା ଆଦି ବିଧି ସମ୍ପନ୍ନ କରିଥିଲେ।ଏହାପରେ ମୃଣ୍ମୟୀ ପ୍ରତିମାରେ ଜୀବନ୍ୟାସ, ମା' ଗଜଲକ୍ଷ୍ମୀଙ୍କ ପୀଠପୂଜା, ଷୋଡ଼ଶ ଉପଚାର ପୂଜା, ହୋମ, ଆଳତି ଓ ପୁଷ୍ପାଞ୍ଜଳି ଆଦି ଧାର୍ମିକ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପୂଜାମଣ୍ଡପରେ ମା'ଙ୍କ ଦର୍ଶନ ପାଇଁ ଭକ୍ତମାନଙ୍କ ଭିଡ଼ ଜମିଥିବା ବେଳେ ପ୍ରସାଦ ସେବନର ମଧ୍ୟ ଆୟୋଜନ କରାଯାଇଥିଲା।ଏହି ପୂଜା କାର୍ଯ୍ୟକ୍ରମରେ ଅନିମା ପରିଡ଼ା, ଜଗତ ଜୀବନ ବେହେରା, ରାମ ସାହୁ ଓ ସୁନୀଲ ଗୌଡ଼ଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ। ମା' ଗଜଲକ୍ଷ୍ମୀଙ୍କ ଆଶୀର୍ବାଦରେ ଅଞ୍ଚଳରେ ସୁଖ, ଶାନ୍ତି, ସମୃଦ୍ଧି ଓ ମଙ୍ଗଳ କାମନା କରି ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିଥିଲେ।

## ଅଜଣା ଗାଡ଼ି ଧକ୍କାରେ ନର୍ସିଂ କଲେଜ ଛାତ୍ରଙ୍କ ମୃତ

ବିଷମ କଟକ୨୫/୧୦ (ଅକ୍ଷର ଓଡିଶା )ରାୟଗଡା ଜିଲ୍ଲା ବିଷମକଟକ ଥାନା ଅନ୍ତର୍ଗତ ଚାଟିକଣା ନିକଟସ୍ଥ ୩୨୬ ନମ୍ବର ରାଜ୍ୟ ରାଜପଥରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣା ରେ ଜଣେ ନର୍ସିଂ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଛି।ମୃତକ ଜଣକ ବିଷମକଟକସ୍ଥିତ ଖ୍ରୀଷ୍ଟିୟାନ ମେଡିକାଲ ର ନର୍ସିଂ କଲେଜ ର ଛାତ୍ର ହୋଇଥିବା ପୁଲିସ ସୂତ୍ର ରୁ ଜଣାପଡିଛି। ସୂଚନା ମୁତାବକ, ଚାଟିକଣା ଡିକେଡିଏ ଅଫିସ୍ ପାଣି ଟାଙ୍କି ସମ୍ମୁଖରେ ବିଷମକଟକ ଠାରୁ ନିଜ ଗାଁ କଲ୍ୟାଣସିଂଙ୍ଗପୁର ସେରିଗୁମା ଯାଉଥିବା ବେଳେ ଅଜଣା ଗାଡ଼ି ନର୍ସିଙ୍ଗ ଛାତ୍ରଙ୍କୁ ଧକ୍କା ଦେଇଥିଲା ଓ ଫଳରେ ଘଟଣାସ୍ଥଳରେ ହିଁ ଛାତ୍ର ଜଣକ ମୃତ୍ୟୁ ହୋଇଥିବା ଜଣାପଡିଛି । ମୃତ୍ୟୁ ଯୁବକ ଜଣକ ହେଲେ କଲ୍ୟାଣ ସିଂଙ୍ଗପୁର ବ୍ଲକ ସେରିଗୁମା ପଞ୍ଚାୟତ ପରିପାଇ ଗ୍ରାମର ଅଜୟ ବେନିଆ ବୋଲି ଜଣାପଡ଼ିଛି। ସେ ବିଷମକଟକ ସ୍ଥିତ ଖ୍ରୀଷ୍ଟିଆନ ମେଡ଼ିକାଲରେ ବି.ଏସ୍.ସି ନର୍ସିଙ୍ଗ ପ୍ରଥମ ବର୍ଷ ଛାତ୍ର । ଘଟଣା ସ୍ଥଳରେ ବିଷମକଟକ ପୁଲିସ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି । ଘଟଣାସ୍ଥଳ ରୁ ପୁଲିସ୍ ମୃତଦେହ ଏବଂ ଦୁର୍ଘଟଣାଗ୍ରସ୍ତ ବାଇକଟିକୁ ଜବତ କରିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ୭୦ ପ୍ରତିଶତ ଦିବ୍ୟାଙ୍ଗଙ୍କ ପାଇଁ ପକ୍କାଘର ସାତ ସପନ

ଖୋର୍ଦ୍ଧା, ୨୫/୧୦( ଅକ୍ଷର ଓଡିଶା ): ଗରିବ, ଅସହାୟ ଓ ଆର୍ଥିକ ଦୁର୍ବଳ ଲୋକଙ୍କ ଜୀବନଧାରଣର ମାନ ବୃଦ୍ଧି ତଥା ସେମାନଙ୍କୁ ମୌଳିକ ସୁବିଧା ଯୋଗାଇଦେବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ପ୍ରଣୟନ କରାଯାଉଛି । ଏହି ଯୋଜନାଗୁଡ଼ିକର ସୁଫଳ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଁଚୁଛି କି ନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିଛି । ଖୋର୍ଦ୍ଧାବ୍ଲକ ଅନ୍ତର୍ଗତ କଁପୁର ଗ୍ରାମ ପଂଚାୟତର ଦଳେଇ ସାହିର ୭୦ପ୍ରତିଶତ ଦିବ୍ୟାଙ୍ଗ ରବୀନ୍ଦ୍ର ପ୍ରଧାନଙ୍କ ପାଇଁ ପକ୍କାଘର ଏବେ ବି ସାତ ସପନ ହୋଇ ରହିଛି। ଅନ୍ତ୍ୟୋଦୟ ଗୃହ ଯୋଜନାରେ ଘର ଖଣ୍ଡିଏ ପାଇବା ପାଇଁ ସେ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଏଯାଏଁ ତାଙ୍କୁ ଘର ମିଳିନଥିବା ଅଭିଯୋଗ ହୋଇଛି । ସ୍ୱର୍ଗତ ଗୋପୀନାଥ ପ୍ରଧାନଙ୍କ ପୁଅ ରବୀନ୍ଦ୍ର ଜଣେ ୭୦ପ୍ରତିଶତ ଦିବ୍ୟାଙ୍ଗ। ତାଙ୍କ କହିବା ଅନୁଯାୟୀ, ଅନ୍ତ୍ୟୋଦୟ ଗୃହ ଯୋଜନାରେ ପକ୍କାଘର ଖଣ୍ଡିଏ ପାଇବା ଆଶାରେ ସେ ବାରମ୍ବାର ଖୋର୍ଦ୍ଧା ବ୍ଲକ କାର୍ଯ୍ୟାଳୟ ସମେତ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ହେଲେ ତାଙ୍କ ଆବେଦନର କୌଣସି ସୁଫଳ ମିଳିନଥିବା ସେ ଅଭିଯୋଗ କରିଛନ୍ତି । ଏଭଳି ସ୍ଥିତିରେ ଜଣେ ଦିବ୍ୟାଙ୍ଗ ଓ ଅସହାୟ ବ୍ୟକ୍ତିଙ୍କୁ ଆବାସ ଯୋଜନାରେ ସାମିଲ କରିବା ଦିଗରେ ପ୍ରଶାସନର ଭୂମିକାକୁ ନେଇ ପ୍ରଶ୍ନ ଉଠୁଛି । ଅନ୍ୟପକ୍ଷରେ ରବୀନ୍ଦ୍ରଙ୍କ ପରିବାର ଘୋର ଆର୍ଥିକ ଅନଟନ ମଧ୍ୟରେ ଦିନ କାଟୁଛି । ମାସିକ ମାତ୍ର ୧୨୦୦ ଟଙ୍କାର ଦିବ୍ୟାଙ୍ଗ ଭତା ଓ ରାସନ କାର୍ଡ ମାଧ୍ୟମରେ ମିଳୁଥିବା ଚାଉଳ ହିଁ ତାଙ୍କ ପରିବାରର ମୁଖ୍ୟ ସମ୍ବଳ । ପରିବାରର ଗୁଜୁରାଣ ମେଂଟାଇବା ସହ ପୁଅର ଲାଳନପାଳନ ପାଇଁ ତାଙ୍କ ମାଆ ପର ଘରେ ବାସନ ମାଜିବା କାମ କରୁଥିବା ଗ୍ରାମବାସୀଙ୍କଠାରୁ ଜଣାପଡ଼ିଛି । ସୀମିତ ଆୟରେ ପରିବାର ଚଳାଇବା ସହ ଦିବ୍ୟାଙ୍ଗ ପୁଅର ଆବଶ୍ୟକତା ପୂରଣ କରିବା ତାଙ୍କ ପାଇଁ ଏକ ବଡ଼ ଆହ୍ୱାନ ପାଲଟିଛି । ଏଭଳି ପରିସ୍ଥିତିରେ ରବୀନ୍ଦ୍ରଙ୍କୁ ୩୫ କିଲୋ ଚାଉଳ, ପକ୍କାଘର ଖଣ୍ଡିଏ ଏବଂ ଅଧିକ ଆର୍ଥିକ ସହାୟତା ଯୋଗାଇଦେବାକୁ ତାଙ୍କ ମାଆ ଗଣମାଧ୍ୟମ ଜରିଆରେ ସରକାର ଓ ପ୍ରଶାସନଙ୍କୁ ଆକୁଳ ନିବେଦନ କରିଛନ୍ତି ।

## କଣ୍ଟାବାଞ୍ଜି ପ୍ରେସ କ୍ଲବ ପକ୍ଷରୁ ନିଶୁଳ୍କ ଆୟୁଷ୍ମାନ ବୟୋ ବନ୍ଦନା କାର୍ଡ ଶିବିର

# ୫୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଉପକୃତ

ବଲାଙ୍ଗିର ୨୫/୧୦ (ଦେବେନ୍ଦ୍ର ପୋଡ଼)କଣ୍ଟାବାଞ୍ଜି ପ୍ରେସ କ୍ଲବ ପକ୍ଷରୁ ସ୍ଥାନୀୟ ହରିଭବନଠାରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ନିଶୁଳ୍କ ଆୟୁଷ୍ମାନ ବୟୋ ବନ୍ଦନା କାର୍ଡ ପ୍ରସ୍ତୁତି ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ କଣ୍ଟାବାଞ୍ଜି ସହରର ବିଭିନ୍ନ ୱାର୍ଡର ୭୦ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବୟସର ୫୦ରୁ ଅଧିକ ବରିଷ୍ଠ ନାଗରିକଙ୍କ ଆୟୁଷ୍ମାନ ବୟୋ ବନ୍ଦନା କାର୍ଡ ପ୍ରସ୍ତୁତ କରାଯାଇଥିଲା। ବରିଷ୍ଠ ନାଗରିକମାନେ ଯେପରି ସରକାରଙ୍କ ସ୍ୱାସ୍ଥ୍ୟସେବା ଯୋଜନାର ସୁବିଧା ପାଇପାରିବେ, ସେହି ଉଦ୍ଦେଶ୍ୟରେ ପ୍ରେସ କ୍ଲବ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିଲା। ଅନେକ ଯୋଗ୍ୟ ହିତାଧିକାରୀ କାର୍ଡ ସମ୍ପର୍କରେ ଅବଗତ ଥିଲେ ମଧ୍ୟ ସମୟ ଓ ଅନ୍ୟାନ୍ୟ ଅସୁବିଧା ଯୋଗୁଁ କାର୍ଡ ପ୍ରସ୍ତୁତ କରିପାରିନଥିଲେ। ଏହାକୁ ଦୃଷ୍ଟିରେ ରଖି ପ୍ରେସ କ୍ଲବ ପକ୍ଷରୁ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ଏହି ସୁବିଧା ପହଞ୍ଚାଇବାକୁ ଶିବିରର ଆୟୋଜନ କରାଯାଇଥିଲା। ଆୟୁଷ୍ମାନ ବୟୋ ବନ୍ଦନା କାର୍ଡ ଯୋଜନାରେ ୭୦ ବର୍ଷ ଓ ତଦୂର୍ଦ୍ଧ୍ୱ ବୟସର ଯୋଗ୍ୟ ବରିଷ୍ଠ ନାଗରିକମାନେ ଆୟୁଷ୍ମାନ ଭାରତ ଯୋଜନା ଅଧୀନରେ ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ କଭରେଜ୍ ସୁବିଧା ପାଇପାରିବେ। ଏହି କାର୍ଡ ଜରିଆରେ ଯୋଗ୍ୟ ହିତାଧିକାରୀମାନେ ତାଲିକାଭୁକ୍ତ ହସ୍ପିଟାଲରେ ଚିକିତ୍ସା ସୁବିଧା ପାଇ ଉପକୃତ ହୋଇପାରିବେ। ଏହି ଶିବିରରେ କଣ୍ଟାବାଞ୍ଜି ପ୍ରେସ କ୍ଲବର ସଭାପତି ସୁରଦାସ ବାଗ, ସମ୍ପାଦକ ସୁଶାନ୍ତ ବେହେରା, କୋଷାଧ୍ୟକ୍ଷ ହନି ସିଂହ, ଉପସଭାପତି ମନୋଜ ଶର୍ମା, ପୂର୍ବତନ ସଭାପତି ପ୍ରଭଜିତ ସିଂହ ସାଲୁଜା, ପରାମର୍ଶଦାତା ଆଶିଷ ଖଇତାନ, ସଦସ୍ୟ ଦେବେଶ ସିଂଘଲ ଓ କମଲ ଅଗ୍ରୱାଲଙ୍କ ସମେତ ପ୍ରେସ କ୍ଲବର ଅନ୍ୟ ସଦସ୍ୟ ଏବଂ ସିଏସସି କେନ୍ଦ୍ରର ଅଶୋକ ରାଏ ଓ ଦୀପକ ପୁଟେଲ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଆଗାମୀ ଦିନରେ ମଧ୍ୟ ଏହି ଶିବିର ଜାରି ରହିବା ସହ ଆବଶ୍ୟକତା ଅନୁଯାୟୀ ବରିଷ୍ଠ ନାଗରିକଙ୍କୁ ନିଶୁଳ୍କ ଘରୋଇ ସେବା ଯୋଗାଇ ଦିଆଯିବ ବୋଲି ପ୍ରେସ କ୍ଲବ ସଭାପତି ସୁରଦାସ ବାଗ ସୂଚନା ଦେଇଛନ୍ତି।



## ବାତ୍ୟା 'ଅର୍ଣ୍ଣବ'ଆସିକାରେ ସତର୍କ ଘଣ୍ଟି

ଆସିକା, ୨୫/୧୦/:(ଅକ୍ଷର ଓଡିଶା ) ଅକ୍ଟୋବର ମାସର ଶେଷ ଭାଗରେ ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'କୁ ନେଇ ଆସିକା ସମେତ ଗଞ୍ଜାମ, ଗଜପତି ଓ ଆନ୍ଧ୍ରପ୍ରଦେଶ ଅଞ୍ଚଳରେ ଚିନ୍ତା ବଢ଼ିଛି। ଏହାର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ଓଡ଼ିଶାରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଲାଗି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପ୍ରସ୍ତୁତି ବୈଠକ ହୋଇଥିବା ଜଣାପଡ଼ିଛି। ଆସିକାବାସୀଙ୍କ ପାଇଁ ବାତ୍ୟା କିଛି ନୂଆ ନୁହେଁ। ୧୯୯୯ର ମହାବାତ୍ୟାଠାରୁ ଆରମ୍ଭ କରି ୨୦୧୩ର ଫାଇଲିନ, ୨୦୧୪ର ହୁଡ୍‌ହୁଡ୍, ୨୦୧୮ର ତିତଲି ଓ ୨୦୧୯ର ଫନି ଭଳି ବାତ୍ୟାର ପ୍ରଭାବ ଜନଜୀବନ, ଚାଷବାସ ଓ ବ୍ୟବସାୟ ଉପରେ ଗଭୀର କ୍ଷତ ଛାଡ଼ିଛି। ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଚାଷୀ ଓ ବ୍ୟବସାୟୀଙ୍କ ଆର୍ଥିକ ମେରୁଦଣ୍ଡ ଦୁର୍ବଳ ହୋଇପଡ଼ିଛି କ୍ଷ ଆସିକା ବ୍ଲକର ୨୭ଟି ଗ୍ରାମ ପଞ୍ଚାୟତ ଓ ଆସିକା ପୌର ପରିଷଦର ୨୩ଟି ୱାର୍ଡରେ ବସବାସ କରୁଥିବା ଲୋକଙ୍କ ମଧ୍ୟରେ ସମ୍ଭାବ୍ୟ ବାତ୍ୟାକୁ ନେଇ ଆଶଙ୍କା ଦେଖାଦେଇଛି। ବିଶେଷକରି ଚାଷୀମାନେ ବର୍ଷସାରା କଠିନ ପରିଶ୍ରମ କରି ଅମଳ ଆଶାରେ ରଖିଥିବା ଫସଲ ନଷ୍ଟ ହେବାର ଭୟରେ ରହିଛନ୍ତି। ପ୍ରବଳ ବର୍ଷା ଓ ଜଳବନ୍ଦୀ ସ୍ଥିତି ସୃଷ୍ଟି ହେଲେ ଚାଷବାସ ସହ ଦୈନନ୍ଦିନ ଜୀବନ ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି । ସମ୍ଭାବ୍ୟ ବିପର୍ଯ୍ୟୟ ସମୟରେ ଗର୍ଭବତୀ ଓ ପ୍ରସୂତି ମହିଳା, ବୃଦ୍ଧବୃଦ୍ଧା ଏବଂ ଦିବ୍ୟାଙ୍ଗଙ୍କ ସୁରକ୍ଷା ସହ ଗୋରୁ, ଗାଈ, ମଇଁଷି ଓ ଛେଳି ଭଳି ଗୃହପାଳିତ ପଶୁଙ୍କ ଜୀବନ ରକ୍ଷା ମଧ୍ୟ ଏକ ବଡ଼ ଆହ୍ୱାନ। ଏଥିପାଇଁ ବ୍ଲକ ଓ ପୌର ପ୍ରଶାସନ ପକ୍ଷରୁ ଜଳବନ୍ଦୀ ରୋକିବା, ଜଳ ନିଷ୍କାସନ ଏବଂ ଆବଶ୍ୟକ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଉଛି।ସମ୍ଭାବ୍ୟ ବାତ୍ୟାକୁ ନେଇ ଚାଷୀ, ବ୍ୟବସାୟୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଥିବା ବେଳେ ଲୋକଙ୍କୁ ଭୟଭୀତ ନହୋଇ ଧୈର୍ଯ୍ୟ ଓ ସାହସର ସହ ପରିସ୍ଥିତିର ମୁକାବିଲା କରିବାକୁ ପରାମର୍ଶ ଦିଆଯାଉଛି। ଅଯଥା ଗୁଜବ ପ୍ରଚାର ନକରିବା ସହ ପାଣିପାଗ ବିଭାଗ ଓ ପ୍ରଶାସନର ସରକାରୀ ସୂଚନାକୁ ଅନୁସରଣ କରିବା ଜରୁରୀ।ବାତ୍ୟାର ପ୍ରକୃତ ଗତିପଥ ଓ ପ୍ରଭାବ ସମ୍ପର୍କରେ ସରକାରୀ ସୂଚନାକୁ ଅପେକ୍ଷା କରିବା ସହ ଆଗୁଆ ସତର୍କତା ଓ ସମୟୋଚିତ ପ୍ରସ୍ତୁତି ହିଁ ଆସିକାକୁ ସମ୍ଭାବ୍ୟ କ୍ଷୟକ୍ଷତିରୁ ରକ୍ଷା କରିବାରେ ସହାୟକ ହେବ।

## ପ୍ରଗତି କ୍ଲବ ପକ୍ଷରୁ ସ୍ୱଚ୍ଛତା ଅଭିଯାନ



କଟକସଦର୨୫/୧୦ (ଅକ୍ଷର ଓଡିଶା ):ସ୍ଥାନୀୟ ଅଞ୍ଚଳକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ପାଇଁ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକର ଜଣାଶୁଣା ସାମାଜିକ ସଂଗଠନ 'ପ୍ରଗତି କ୍ଲବ' ପକ୍ଷରୁ ଏକ ବ୍ୟାପକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯାନ ଅଧୀନରେ ନୟକାଣୀଡିହି ଦୁର୍ଗାପଡ଼ିଆ ଏବଂ ବଜାର ଅଞ୍ଚଳରେ ସଫେଇ କରାଯାଇଥିଲା।କ୍ଲବର ସଭାପତି ଜୟନ୍ତ ନାଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପସଭାପତି ରମେଶ ମହାଳିକ ଏବଂ ସହ ସମ୍ପାଦକ ବିଜୟ କୁମାର ଦାସ ପ୍ରମୁଖ ସାମିଲ ରହି କାର୍ଯ୍ୟର ପରିଚାଳନା କରିଥିଲେ ।ସଂଗଠନର ଏହି ସଚେତନତା ମୂଳକ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା କରାଯାଇଛି। ଏହି ସଫେଇ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯୁବ ସାମ୍ବାଦିକ ରଶ୍ମିରଞ୍ଜନ ରାଉତ,ଭାରତ ଚନ୍ଦ୍ର ରାଉତ,ସୂର୍ଯ୍ୟମଣି ସେଠୀ,ଧର୍ମେନ୍ଦ୍ର ପରିଡ଼ା,ନିର୍ମଳେନ୍ଦୁ ମହାପାତ୍ର ଏବଂ ମାନସ କୁମାର ସାହୁ ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ସଫେଇ କାର୍ଯ୍ୟ କରିଥିଲେ ।

## ବ୍ଲକସ୍ତରୀୟ ସାଂସ୍କୃତିକ ମହୋତ୍ସବ

ଝାରସୁଗୁଡ଼ା : ୨୫/୧୦(ଅକ୍ଷର ଓଡ଼ିଶା) ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ ଅନ୍ତର୍ଗତ ଠିଠେଇମାଲ ଠାରେ ବ୍ଲକସ୍ତରୀୟ ସାଂସ୍କୃତିକ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହୋତ୍ସବର ଶୁଭାରମ୍ଭ କରିଥିଲେ। ଏହି ମହୋତ୍ସବରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସିଡିଓ ତଥା ଇଓ ବିଶ୍ୱରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ଏସଡିସି ଅଧ୍ୟକ୍ଷ ସାମଲ ନାଏକ, ଏସଡିସି ଉପାଧ୍ୟକ୍ଷ ଶ୍ରୀମତୀ ସଂଯୁକ୍ତା ଓରାମ ଏବଂ ଲଇକେରା ବିଡ଼ିଓ ଜର୍ଜ ଡୁଙ୍ଗଡୁଙ୍ଗ ପ୍ରମୁଖ ଉପସ୍ଥିତ ରହିଥିଲେ।

## ବେଲଗୁଣ୍ଠାରେ କଂଗ୍ରେସର 'ଭୋଟ ବଞ୍ଚାଅ, ଦେଶ ବଞ୍ଚାଅ' ଅଭିଯାନ

ବେଲଗୁଣ୍ଠା:୨୫/୧୦(ଅକ୍ଷର ଓଡିଶା ), ନିର୍ବାଚନ କମିଶନଙ୍କ ପକ୍ଷରୁ କରାଯାଉଥିବା ଏସଆଇଆର ପ୍ରକ୍ରିୟା ଏବଂ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବିରୋଧରେ କଂଗ୍ରେସ ପକ୍ଷରୁ ଏକ ଦୀର୍ଘକାଳୀନ ଦେଶବ୍ୟାପୀ ଆନ୍ଦୋଳନ ଘୋଷଣା କରାଯାଇଛି। ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ପ୍ରାୟ ୧୩.୩ କୋଟି ନାଗରିକଙ୍କ ଅଧିକାର ପାଇଁ ତୃଣମୂଳ ସ୍ତରରୁ ଏହି ପ୍ରଚେଷ୍ଟା ଆରମ୍ଭ କରାଯାଇଛି। ଏହି କ୍ରମରେ ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠାସ୍ଥିତ 'ରେଡ୍ ହଟ୍ ରେଷ୍ଟୁରାଣ୍ଟ'ଠାରେ କଂଗ୍ରେସ ର 'ଭୋଟ ବଞ୍ଚାଅ, ଦେଶ ବଞ୍ଚାଅ' କାର୍ଯ୍ୟକ୍ରମ ଏବଂ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଗଞ୍ଜାମ ଜିଲ୍ଲା (ପଶ୍ଚିମ) କଂଗ୍ରେସ କମିଟି ସଭାପତି ଦଣ୍ଡପାଣି ପାତ୍ର ଅଧ୍ୟକ୍ଷତା କରିଥିଲେ।ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟକ୍ରମ ରାଜ୍ୟର ବିଭିନ୍ନ ଜିଲ୍ଲା ତଥା ବ୍ଲକ ସ୍ତରରେ ଆରମ୍ଭ ହୋଇଛି, ଯାହାକି ଅକ୍ଟୋବର ୧ ରୁ ନଭେମ୍ବର ୨୬ ପର୍ଯ୍ୟନ୍ତ କ୍ରମାଗତ ଭାବେ ଲାଗି ରହିବ। ଏହି କାର୍ଯ୍ୟକ୍ରମ ଜରିଆରେ କଂଗ୍ରେସ କର୍ମୀମାନେ ଅଧିକାରରୁ ବଞ୍ଚିତ ହୋଇଥିବା ଭୋଟରଙ୍କ ନିକଟରେ ପହଞ୍ଚିବା ସହ ଜନସାଧାରଣଙ୍କୁ ସଚେତନ କରିବେ ବୋଲି ସୂଚନା ଦିଆଯାଇଛି।ମୁଖ୍ୟ ଅତିଥି ତଥା ସ୍ୱତନ୍ତ୍ର ପ୍ରଭାରୀ ଭାବେ ଯୋଗଦେଇ ରାଜ୍ୟ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସତ୍ୟବ୍ରତ ନାୟକ ପ୍ରେସ ବିବୃତିରେ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସିଇସିଙ୍କୁ ଅପବ୍ୟବହାର କରି ଭାରତୀୟ ଜନତା ପାର୍ଟି (ବିଜେପି) କ୍ଷମତାସୀନ ହୋଇଛି, ଯାହାକୁ ସେ 'ଭୋଟ ଚୋରୀ' ର ଆଖ୍ୟା ଦେଇଛନ୍ତି। ଏହି ବେଆଇନ କାମକୁ ସିଇସି ଜ୍ଞାନେଶ କୁମାର ସବୁ ଜାଣିଶୁଣି ବିଜେପିକୁ ସହଯୋଗ କରୁଛନ୍ତି ବୋଲି ଶ୍ରୀ ନାୟକ ଅଭିଯୋଗ କରିଥିଲେ। ସାଧାରଣ ଲୋକେ ଦର ବୃଦ୍ଧି, ମହଙ୍ଗା ମାଡ଼ ଓ ଟଙ୍କା ଦୁର୍ବଳ ହେବା ଭଳି ସମସ୍ୟାରେ ଘାଣ୍ଟି ହେଉଥିବା ବେଳେ ଏବଂ ଜନମତ ବିଜେପି ବିରୋଧରେ ଥିଲେ ମଧ୍ୟ ବେଆଇନ ଭାବେ ବିଜେପି ବାରମ୍ବାର ନିର୍ବାଚନ ଜିତୁଛି ବୋଲି ସେ ପ୍ରକାଶ କରିଛନ୍ତି।ସିଇସି ନିଯୁକ୍ତି ଆଇନକୁ ବଦଳାଇ ସିଇସିଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରିବ ନାହିଁ ଭଳି ନିୟମ ଆଣି ବିଜେପି କଳେବଳେ କୌଶଳରେ ନିର୍ବାଚନ ଜିତିବା ପାଇଁ ଚାଲ୍ କରୁଛି ବୋଲି ଶ୍ରୀ ନାୟକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ସିଇସି ନିଜ ପଦବୀରୁ ଇସ୍ତଫା ନ ଦେବା ପର୍ଯ୍ୟନ୍ତ କଂଗ୍ରେସ ଦଳ ପକ୍ଷରୁ ଏହି ପ୍ରତିବାଦ ଓ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ନିରନ୍ତର ଭାବେ ଜାରି ରହିବ ବୋଲି ସେ ଦୃଢ଼ ଚେତାବନୀ ଦେଇଛନ୍ତି।




## କଣ୍ଟାବାଞ୍ଜିରେ ଗୁଞ୍ଜିବ ବେରୀୱାଲୀ ମାତାଙ୍କ ଜୟକାର, ଭବ୍ୟ ମଙ୍ଗଳ ପାଠ ପାଇଁ ସଜବାଜ

ବଲାଙ୍ଗିର ୨୫/୧୦ (ଦେବେନ୍ଦ୍ର ପୋଡ଼)କଣ୍ଟାବାଞ୍ଜି:ମା'ଙ୍କ ଭକ୍ତି, ଶ୍ରଦ୍ଧା ଓ ଜୟକାରରେ ଭକ୍ତିମୟ ହେବ କଣ୍ଟାବାଞ୍ଜି ସହର। ବେରୀୱାଲୀ ମାତାଙ୍କ ଭବ୍ୟ ମଙ୍ଗଳ ପାଠକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଛି। ସ୍ଥାନୀୟ ରାମ ମନ୍ଦିରରୁ ବାହାରିଥିବା ଭବ୍ୟ ଧ୍ୱଜ ଶୋଭାଯାତ୍ରାରୁ ହୋଇଥିଲା। ଆୟୋଜନ କମିଟିର ଅଧ୍ୟକ୍ଷ ମୁରାରୀଲାଲ ଅଗ୍ରୱାଲଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ସହରର ପ୍ରମୁଖ ରାସ୍ତା ଦେଇ ଗତି କରି ଓଁକାର ମଲ ଭବନରେ ପହଞ୍ଚିଥିଲା। ଧ୍ୱଜ ଶୋଭାଯାତ୍ରାରେ ମାତାଙ୍କ ଜୟକାର ଓ ଭକ୍ତିମୟ ପରିବେଶ ସହରବାସୀଙ୍କ ମନରେ ଧାର୍ମିକ ଉତ୍ସାହ ଦେଖିବାକୁ ମିଳିଥିଲା । ଓଁକାର ମଲ ଭବନରେ ମାତାଙ୍କ ଭବ୍ୟ ଦରବାର ସଜ୍ଜିତ ହୋଇ ସହ ଅପରାହ୍ନ ୩ଟାରୁ ମଙ୍ଗଳ ପାଠ ଆରମ୍ଭ ହୋଇଯାଇଛି । ମୁମ୍ବାଇରୁ ଆସୁଥିବା ମୁଖ୍ୟ ପାଠବାଚିକା ଡିମ୍ପଲ ଅଗ୍ରୱାଲ ଓ ତାଙ୍କ ଟିମ୍ ଭକ୍ତିମୟ ପରିବେଷଣ ମାଧ୍ୟମରେ ବେରୀୱାଲୀ ମାତାଙ୍କ ମହିମା ଗାନ କରିଛନ୍ତି ।ଏହି ଧାର୍ମିକ ଆୟୋଜନରେ ମେହେନ୍ଦି, ଚୁନରୀ, ଗଜରା ଓ ମାତାଙ୍କ ଭବ୍ୟ ଶୃଙ୍ଗାର ସମେତ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ହୋଇଛି। ମଙ୍ଗଳ ପାଠ ଶେଷରେ ଶ୍ରଦ୍ଧାଳୁଙ୍କ ପାଇଁ ମହାଭୋଗର ବ୍ୟବସ୍ଥା ମଧ୍ୟ ରହିଛି ।ଏହି ଆୟୋଜନରେ ନର୍ଲା, ସମ୍ବଲପୁର, ରାୟପୁର, ଜଗଦଲପୁର ଓ କଳାହାଣ୍ଡି ସମେତ ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁ ଯୋଗଦେଇଛନ୍ତି ।

### ସ୍ଲୁଇଚ ଗେଟ ପଟେ ପସୁଥିଲା କୁମ୍ଭୀର ଶୁଣିଲାନି ବିଭାଗ

## କାଦୁଅ ଚେକେଟା ଦେଇ ସ୍ଲୁଇଚ ଗେଟ ବନ୍ଦ କରିଥିଲେ ଗ୍ରାମବାସୀ



ରାଜନଗର,୨୫/୧୦(ଅକ୍ଷର ଓଡ଼ିଶା)ରାଜନଗର ବ୍ଲକ ଈଶ୍ୱରପୁର ପଞ୍ଚାୟତ କୁନୁସନଗର ନଦୀ ପାଖ ରାସ୍ତା ଉପରେ ଥିବା ଭଙ୍ଗା ଦଦରା ସ୍ଲୁଇଚ ଗେଟ ଚାଷୀ ଓ ଗ୍ରାମବାସୀ ଙ୍କ ପାଇଁ କାଳ ହୋଇଛି। ଲୋକଙ୍କ ଅଭିଯୋଗ ଅନୁଯାଇ ଏହି ସ୍ଲୁଇଚ ଗେଟ ଚାଷୀ ମାନଙ୍କ ଚାଷ ଜମିକୁ ଭିତରକନିକା ନଦୀରୁ ଜଳ ନିଷ୍କାସନ ପାଇଁ କରାଯାଇଥିଲା, ଚାଷୀ ମାନେ ଅନେକ ଉପକୃତ ମଧ୍ୟ ହେଉଥିଲେ। ଚାଷୀ ସ୍ଲୁଇଚ ଗେଟର ଉପରି ଭାଗରେ ଲାଗିଥିବା ଲୁହା ଗେଟର ତାଲା ଖୋଲି ଆବଶ୍ୟକୀୟ ନଦୀ ପାଣି ଆଣି ଚାଷ ଜମିକୁ ଛାଡୁଥିଲେ, ଆବଶ୍ୟକୀୟ ପାଣି ଜମିକୁ ଆସି ସାରିବା ପରେ ପୁନର୍ବାର ସେହି ଗେଟର ତାଲା ପକେଇ ଦେଉଥିଲେ କିନ୍ତୁ ଉକ୍ତ ସ୍ଲୁଇଚ ଗେଟ ଟି ଦୀର୍ଘ ଦିନ ହେବ ସଜଡା ନ ଯିବାରୁ ସେହି ଲୁହା ଗେଟରେ କଳଙ୍କି ଲାଗି ଗେଟ ଭାଙ୍ଗି ଯିବାରୁ ଖୋଲା ହୋଇ ପଡି ରହିଥିଲା ସ୍ଲୁଇଚ ଗେଟ, ଫଳରେ ପାଣି ଜୁଆର ହେଲେ ଭିତରକନିକା ନଦୀରୁ ଲୁଣା ପାଣି ଯାଇ ଚାଷୀ ଙ୍କ ଚାଷ ଜମିରେ ପସିବା ସହିତ କୁମ୍ଭୀର ମଧ୍ୟ ପଶିଥିଲା,କୁମ୍ଭୀର ଭୟରେ ଚାଷୀ ଚାଷ ଜମିକୁ ଯିବାକୁ ଡରିବା ସହିତ ଲୁଣା ପାଣି ଦାଉରୁ ନିଜ ଚାଷ ଜମିକୁ ସୁରକ୍ଷା ଦେଇ ପାରୁ ନଥିଲେ। ନୂଆ ଗେଟ ଲଗାଇବା ପାଇଁ ଗ୍ରାମବାସୀ ବାରମ୍ବାର ପୂର୍ତ୍ତ ବିଭାଗକୁ ଖବର ଦେବା ପରେ ବିଭାଗର ଅଧିକାରୀ ମାନେ ଏହାକୁ କର୍ଣ୍ଣପାତ କରି ନଥିଲେ ଫଳରେ ବାଧ୍ୟ ହୋଇ ଗ୍ରାମବାସ କାଦୁଅ ଚେକେଟା ଦେଇ ଉକ୍ତ ସ୍ଲୁଇଚ ଗେଟକୁ ସଂପୂର୍ଣ୍ଣ ବନ୍ଦ କରିଦେବା ପରେ ଖବର ପାଇଁ ରାଜନଗର ପୂର୍ତ୍ତ ବିଭାଗର ଏସଡିଓ କୃପାସିନ୍ଧୁ ଧଳ ଉକ୍ତ ସ୍ଲୁଇଚ ଗେଟ ପାଖରେ ପହଂଚି ସ୍ଥିତି ଅନୁଧ୍ୟାନ କରିଥିଲେ। ବର୍ତ୍ତମାନ ସୁଦ୍ଧା ସେହିଭଳି ଅବସ୍ଥାରେ ସ୍ଲୁଇଚ ଗେଟ ପଡି ରହିଛି, ଏନେଇ ପୂର୍ତ୍ତ ବିଭାଗର ଏସଡିଓ କୃପାସିନ୍ଧୁ ଧଳଙ୍କୁ ପଚାରିବାରୁ ସେ କହିଛନ୍ତି ଯେଉଁ ରାସ୍ତା ଉପରେ ସ୍ଲୁଇଚ ଗେଟ ହୋଇଛି ତାହା ହେଉଛି ପୂର୍ତ୍ତ ବିଭାଗର କିନ୍ତୁ ସ୍ଲୁଇଚ ଗେଟ ହେଉଛି ଜଳ ସମ୍ପଦ ବିଭାଗର, ତେଣୁ ଏହାକୁ ନୂଆ କରିବା ପାଇଁ ଏଥିରେ ଯେଉଁ ଉପକରଣ ଲାଗିବ ତାହା ଜଳ ସମ୍ପଦ ବିଭାଗ କରିବ ତେଣୁ ଆମ ବିଭାଗ ଏଥିରେ କୌଣସି କାର୍ଯ୍ୟ କରି ପରିବା ନାହିଁ। ଅନ୍ୟ ପଟେ ଗ୍ରାମବାସୀ ଙ୍କ ମନରେ ଏହି ସ୍ଲୁଇଚ ଗେଟ କୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି ହେଲାନି, ଗ୍ରାମବାସୀ ମଧ୍ୟ ଦ୍ୱନ୍ଦରେ ପଡିଗଲେଣି ଯେ ଏହି ସ୍ଲୁଇଚ ଗେଟ କେଉଁ ବିଭାଗ ଅଧୀନରେ ଯାଉଛି ପୂର୍ତ୍ତ ବିଭାଗ ନା ଜଳ ସମ୍ପଦ ବିଭାଗ ! ତେବେ ସେ ଯାହା ହେଉ ନା କାହିଁକି ଲୋକ ଏହି ସ୍ଲୁଇଚ ଗେଟକୁ ନେଇ ଅନେକ ଚିନ୍ତାରେ ପଡିଛନ୍ତି।

## ରୋଗୀଣା ଶିଶୁ କନ୍ୟା ଓ ତାଙ୍କ ପିତାଙ୍କୁ ଡାକ୍ତରଙ୍କ ଦୁର୍ବ୍ୟବହାର ଅଭିଯୋଗ

ନିଶ୍ଚିନ୍ତକୋଇଲି ୨୫/୧୦(ଅକ୍ଷର ଓଡ଼ିଶା)- ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେବାକୁ ଆସିଥିବା ଜଣେ ରୋଗୀଣା ଶିଶୁ କନ୍ୟା ଓ ତାଙ୍କର ପିତାଙ୍କୁ ଡାକ୍ତର ଏବଂ କର୍ମଚାରୀମାନେ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ନିର୍ଯ୍ୟାତନା ଦେଇଥିବାର ଅଭିଯୋଗ ହୋଇଛି। ଏହାର ତଦନ୍ତ ଦାବି ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକ କଟରପଡା ଗ୍ରାମପଂଚାୟତ ସରପଂଚ ରାକେଶ କୁମାର ସାମଲଙ୍କ ଶିଶୁ କନ୍ୟା ଶ୍ରଷ୍ଟି ଆରୋମିକା ସାମଲ(୮)ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହୋଇପଡିଥିଲା। ସେ ଭୀଷଣ ଜ୍ୱର ଓ ପେଟ କାମୁଡା ଓ ବାନ୍ତି ଜନିତ ରୋଗରେ ଗୁରୁତର ହୋଇପଡିଥିଲେ। ଶ୍ରୀ ସାମଲ ତାଙ୍କୁ ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ତେବେ ସୁରକ୍ଷା କର୍ମୀ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବାର ଶ୍ରୀ ସାମଲ ଅଭିଯୋଗ କରିଛନ୍ତି। ଏପରିକି ସୁରକ୍ଷା କର୍ମୀ ଡାକ୍ତରଙ୍କ ନିକଟରେ ଶ୍ରୀ ସାମଲ ତାଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ କରିବାରୁ ଡାକ୍ତର ତାଙ୍କ ଝିଅର ଚିକିତ୍ସା କରାଇ ନଥିବାର ଶ୍ରୀ ସାମଲ ଅଭିଯୋଗ କରିଛନ୍ତି। ଅବସ୍ଥା ଗୁରୁତର ହେବାରୁ ଶ୍ରୀ ସାମଲ ତାଙ୍କର କନ୍ୟାକୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଥିଲେ। ତେବେ ଡାକ୍ତର ତାଙ୍କୁ ଓ ତାଙ୍କର ରୋଗୀଣା ଝିଅକୁ ଦୁର୍ବ୍ୟବହାର କରିବା ସହ ମାନସିକ ନିର୍ଯ୍ୟାତନା ଦେଇଥିବାର ଶ୍ରୀ ସାମଲ ରାଜ୍ୟ ମାନବାଧିକାର କମିସନର ,ରାଜ୍ୟ ମହିଳା ଓ ଶିଶୁ ବିଭାଗ ମନ୍ତ୍ରୀ,ଆଇନମନ୍ତ୍ରୀ,ସ୍ୱାସ୍ଥ୍ୟମନ୍ତ୍ରୀ .ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ,ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ କଟକ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ କର୍ତ୍ତବ୍ୟରେ ଚରମ ଅବହେଳା କରିଥିବା ଡାକ୍ତରଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଦାବି କରିଛନ୍ତି।

## ଫିଫା ୧୫ ବର୍ଷରୁ କମ୍ ବିଶ୍ୱକପ୍: ଭାରତର ବିଜୟ ଜାରି



ବକୁ, ୨୫/୧୦ : ପ୍ରଥମ ଥର ଆୟୋଜିତ ଫିଫା ୧୫ ବର୍ଷରୁ କମ୍ ବିଶ୍ୱକପ୍‌ରେ ଭାରତର ବିଜୟ ଧାରା ଜାରି ରହିଛି। ଲାଓସ୍‌କୁ ହରାଇ ଅଭିଯାନ ଆରମ୍ଭ କରିଥିବା ଭାରତ ରବିବାର କାମେରୁନ୍‌କୁ ୨-୧ ଗୋଲ୍‌ରେ ମାତ୍ ଦେଇଛି। ମ୍ୟାଚ୍‌ର ପ୍ରଥମ ମିନିଟ୍‌ରେ ଦୀପକ ସିଂହ ଆରମ୍ବାମଙ୍କ କର୍ଣ୍ଣରକୁ କାମେରୁନ୍ ଫାରେଇଲ ଏନ୍‌ଗୋବୋଙ୍କ ହେଡ୍‌ରେ ବଲ୍ ଅଟକାଉଥିଲା ବେଳେ ଏହା ତାଙ୍କ ଗୋଲ୍ ପୋଷ୍ଟରେ ପଶିଥିଲା। ଏହି କାମେରୁନର ଏହି ଆତ୍ମଘାତୀ ଗୋଲ୍ ବଳରେ ଭାରତ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା। ତେବେ ୨୦ତମ ମିନିଟ୍‌ରେ ଭାରତର ମହମ୍ମଦ ସୋହିଲ ଖାନ୍‌ଙ୍କ ଆତ୍ମଘାତୀ ଗୋଲ୍ ସ୍ଥିତି ବରାବର କରିଥିଲା। ଦ୍ୱିତୀୟାର୍ଦ୍ଧରେ ଆର୍ ଲାରେମ୍‌ରୁଆତଫେଲା (୨୭ ମିନିଟ୍) ଗୋଲ୍ ଦେଇ ଭାରତକୁ ୨-୧ରେ ଆଗୁଆ ରଖିଥିଲେ। ଏହାପରେ କାମେରୁନ୍ ଘନଘନ ଆକ୍ରମଣ କରିଥିଲେ ମଧ୍ୟ ଭାରତୀୟ ଗୋଲି ଜେନିତ ନିଙ୍ଗଥୈଜାମ୍ ଚମତ୍କାର ଭାବେ ପେନାଲଟି ସହ ସବୁ ଆକ୍ରମଣକୁ ନିଷ୍ଫଳ କରି ଦଳର ବିଜୟ ନିଶ୍ଚିତ କରିଥିଲେ। ଏଥିସହ ଗ୍ରୁପ୍-କେ'ରେ ଭାରତ ସମସ୍ତ ମ୍ୟାଚ୍ ଜିତି ଶୀର୍ଷରେ ରହିଛି। ଭାରତ ପରବର୍ତ୍ତୀ ମ୍ୟାଚ୍ ରବିବାର ଗ୍ରେନାଡା ବିପକ୍ଷରେ ଖେଳିବ।

## ପୁଣି ପଡ଼ିଆରେ ଦେଖିବାକୁ ମିଳିବ କି 'ମାହି'ଙ୍କ ଜଲୱା



ନୂଆଦିଲ୍ଲୀ, ୨୫/୧୦ : ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ତଥା ଚେନ୍ନାଇ ସୁପର କିଙ୍ଗସର ମହାନ ଖେଳାଳି ମହେନ୍ଦ୍ର ସିଂହ ଧୋନୀଆଇପିଏଲ୍ ୨୦୨୭ରେ ଖେଳିବା ନେଇ ଏକ ବଡ଼ ସୂଚନା ଦେଇଛନ୍ତି। ତାଙ୍କର ପରବର୍ତ୍ତୀ କ୍ୟାରିୟର୍ ଏବଂ ଆଗାମୀ ସିଜିନରେ ଖେଳିବା ନେଇ ପ୍ରଶଂସକଙ୍କ ମନରେ ଥିବା ଦ୍ୱନ୍ଦ୍ୱ ସମ୍ପର୍କରେ ଖୋଦ୍ 'ମାହି' ନିଜର ମତ ରଖିଛନ୍ତି। ଧୋନୀ ସ୍ୱଷ୍ଟ କରିଛନ୍ତି ଯେ ଆଗାମୀ ଆଇପିଏଲ୍ ସିଜିନରେ ତାଙ୍କର ଅଂଶଗ୍ରହଣ ସମ୍ପୂର୍ଣ୍ଣ ଭାବେ ତାଙ୍କର ଶାରୀରିକ ଫିଟନେସ୍ ଉପରେ ନିର୍ଭର କରେ। ଏକ କାର୍ଯ୍ୟକ୍ରମରେ ମଜାଳିଆ ଭଙ୍ଗୀରେ ଧୋନୀ କହିଛନ୍ତି, 'ମତେ ଫିଟନେସ୍ ଟେଷ୍ଟ ଦେବାକୁ ପଡ଼ିବ। ଡାକ୍ତରମାନେ ରିପୋର୍ଟ ଦେବା ପରେ, ଡିସେମ୍ବର ମାସ ପୂର୍ବରୁ ମତେ ଆକଳନ କରିବାକୁ ପଡ଼ିବ ଯେ ମୁଁ ଆଉ ଏକ ସିଜିନ୍ ଖେଳିବା ପାଇଁ କେତେ ମାତ୍ରାରେ ଫିଟ୍ ଅଛି। ଧୋନୀ ଡାକ୍ତର ଓ ଫିଟନେସ୍ ଟିମ୍ ଉପରେ ସମସ୍ତ ଦାୟିତ୍ୱ ନ୍ୟସ୍ତ କରି କହିଛନ୍ତି, 'ଯଦି ମୁଁ ଫିଟ୍ ନଥାଏ, ତେବେ ଏହି ପୁରୁଣା ଭିଣ୍ଟେଜ୍ ଗାଡ଼ିକୁରାସ୍ତାରେ ସୁରକ୍ଷିତ

### ଫିଟନେସ୍ ଉପରେ ରହିବ ଭବିଷ୍ୟତର ନିଷ୍ପତ୍ତି

ଓ ସଠିକ୍ ଭାବେ ଚାଲୁ ରଖିବା ପାଇଁ ସେମାନଙ୍କୁ ସବୁପ୍ରକାର ପ୍ରୟାସ କରିବାକୁ ପଡ଼ିବ। ତେଣୁ ସମସ୍ତ ଚାପ ଏବେ ସେମାନଙ୍କ ଉପରେ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଗୋଡ଼ର ମାଂସପେଶୀ ଏବଂ ଫିଟନେସ୍ ସମସ୍ୟା କାରଣରୁ ଧୋନୀ ଆଇପିଏଲ୍ ୨୦୨୬ର ସମସ୍ତ ମ୍ୟାଚ୍‌ରୁ ବାହାରେ ରହିଥିଲେ। ତାଙ୍କ ଅନୁପସ୍ଥିତିରେ ଚେନ୍ନାଇ ସୁପର କିଙ୍ଗସର ପ୍ରଦର୍ଶନ ମଧ୍ୟ ନୈରାଶ୍ୟଜନକ ହୋଇଥିଲା ଏବଂ ଦଳ ପ୍ଲେ-ଅଫ୍‌କୁ ଯୋଗ୍ୟତା ଅର୍ଜନ କରିପାରି ନଥିଲା। ଡିସେମ୍ବର ମାସ ପୂର୍ବରୁ ଧୋନୀଙ୍କ ଫିଟନେସ୍ ରିପୋର୍ଟ ଏବଂ ଚୂଡ଼ାନ୍ତ ନିଷ୍ପତ୍ତି ଆସିବାକୁ ଥିବାରୁ, ଆଗାମୀ ଆଇପିଏଲ୍‌ରେ ପୁଣି ଥରେ ଧୋନୀଙ୍କୁ ହଳଦିଆ ଜର୍ସିରେ ଦେଖିବାକୁ ମିଳିବ କି ନାହିଁ, ସେନେଇ କ୍ରିକେଟ୍ ପ୍ରଶଂସକଙ୍କ ମଧ୍ୟରେ ଆଗ୍ରହ ପୁଣି ଥରେ ବୃଦ୍ଧି ପାଇଛି।

## ପୁରୁଷ କ୍ରିକେଟର୍‌ଙ୍କ ସହ ଖେଳି ଇତିହାସ ରଚିଲେ ଦିୟା, ଭଦ୍ରା



ମାଲାପୁରମ୍, ୨୫/୧୦ : କ୍ରିକେଟ୍ ପଡ଼ିଆରେ ଲିଙ୍ଗଗତ ପ୍ରତିବନ୍ଧକ ଭାଙ୍ଗି ଇତିହାସ ରଚିଛନ୍ତି କେରଳର ଦୁଇ ଝିଅ ଦିୟା ଓ ଭଦ୍ରା। ମାଲାପୁରମ୍ ଜିଲ୍ଲାରେ ଆୟୋଜିତ ନଡୁଭାଥ ପ୍ରିମିୟର ଲିଗ୍ (ଏନ୍‌ପିଏଲ୍)ର ଷଷ୍ଠ ସଂସ୍କରଣରେ ସେମାନେ ପୁରୁଷ କ୍ରିକେଟରଙ୍କ ସହ ପଡ଼ିଆକୁ ଓହ୍ଲାଇଛନ୍ତି। ଏହି ପ୍ରତିଯୋଗିତାରେ ପଦାର୍ପଣ କରିଥିବା ଦିୟା ଓ ଭଦ୍ରା ଉଭୟ ବ୍ୟାଟିଂ ଓ ବୋଲିଂରେ ନିଜର ପରାକ୍ରମ ଦେଖାଇ ସମସ୍ତଙ୍କୁ ଚକିତ କରି ଦେଇଛନ୍ତି। ବିଶେଷ କରି ଦିୟାଙ୍କ ବୋଲିଂ ଦର୍ଶକଙ୍କୁ ବେଶି ଆକର୍ଷିତ କରିଛି। ସେ ନିଜର ପ୍ରଥମ ବଲ୍‌ରେ ବିପକ୍ଷ ଦଳର ଜଣେ ମୁଖ୍ୟ ବ୍ୟାଟର୍‌ଙ୍କୁ ପ୍ୟାଭିଲିୟନ୍ ପଠାଇଥିଲେ। ଏମାନଙ୍କ ଏହି ପ୍ରଦର୍ଶନ ଏବେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ମ୍ୟାଚ୍ ପରେ ଭଦ୍ରା କହିଛନ୍ତି, ''ମାଗଣା ଗ୍ରୀଷ୍ମକାଳୀନ ଶିବିରରୁ ମୁଁ ଖେଳିବା ଆରମ୍ଭ କରିଥିଲି। ଏହାପରେ ଏକାଡେମିରେ ଯୋଗ ଦେଲି। ଏକାଡେମିରେ ଦିୟାଙ୍କ ସହ ମୋର ବନ୍ଧୁତା ହୋଇଥିଲା। ମୋତେ ଏନ୍‌ପିଏଲ୍‌ରେ ଖେଳିବାର ସୁଯୋଗ ମିଳିବାରୁ ଦିୟାଙ୍କୁ ଏହି ପ୍ରତିଯୋଗିତାରେ ଖେଳିବାକୁ କହିଲି। ଉଭୟ ଏଠାରେ ଖେଳୁଛୁ''।

## ମୁମ୍ବାଇରେ ବେସ୍‌ବଲ୍ ଖେଳିଲେ ସୂର୍ଯ୍ୟକୁମାର



ମୁମ୍ବାଇ, ୨୫/୧୦ : ଭାରତୀୟ କ୍ରିକେଟ୍ ଦଳରୁ ସଂପ୍ରତି ବାଦ୍ ପଡ଼ିଥିବା ଟ୍ୱେଣ୍ଟି-୨୦ ବିଶ୍ୱକପ୍ ବିଜେତା ଅଧିନାୟକ ସୂର୍ଯ୍ୟକୁମାର ଯାଦବ ବେସ୍‌ବଲ୍‌ରେ ନିଜ କମାଲ ଦେଖାଇଛନ୍ତି। ମୁମ୍ବାଇରେ ଆୟୋଜିତ ପ୍ରଥମ ଏମ୍‌ଏଲ୍‌ବିଏକ୍ସ ୩ ଅନ୍ ୩ ବେସ୍‌ବଲ୍ ପ୍ରତିଯୋଗିତାରେ ତାଙ୍କ ଦଳ ୟାଙ୍କିସ୍ ବିଜେତା ହୋଇଛି। ମୁମ୍ବାଇର ଅନ୍ଧେରୀ ସ୍ପୋର୍ଟସ କମ୍ପ୍ଲେକ୍ସରେ ଆୟୋଜିତ ଏହି ପ୍ରତିଯୋଗିତାରେ ଭାରତୀୟ ବେସ୍‌ବଲ୍‌ଆମ୍ବାସଡର୍ ସୂର୍ଯ୍ୟକୁମାରଙ୍କ ସହ ଶାର୍ଦ୍ଦୁଲ ଠାକୁର, ଜିତେଶ ଶର୍ମା, କାଶ୍ୱୀ ଗୌତମ, ଦୀପକ ଚହର ଓ ରାଧା ଯାଦବ ଭାଗ ନେଇଥିଲେ। ଏମାନଙ୍କ ସହ ମେଜର ଲିଗ୍ ବେସ୍‌ବଲ୍ (ଏମ୍‌ଏଲ୍‌ବି)ର ପୂର୍ବତନ ଖେଳାଳି ନିକ୍ ସ୍ୱିସର, ଜ୍ୟାକ୍ ଆରିଏଟା ଓ ଆଡ୍ରିଆନ୍ ଗୋଞ୍ଜାଲେଜ୍ ମଧ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ଖେଳାଳିମାନଙ୍କୁ ନେଇ ଏମ୍‌ଏଲ୍‌ବିର କିଛି ନାମି ଫ୍ରାଞ୍ଚାଇଜି କବ୍‌ସ, ଡଜର୍ସ, ରେଡ୍ ସକ୍ସ ଓ ୟାଙ୍କିଜ୍ ନାଁରେ ୪ଟି ଦଳ ଗଠନ ହୋଇଥିଲା। ବିଜେତା ହୋଇଥିବା ୟାକିଜ୍ ଦଳରେ ସୂର୍ଯ୍ୟକୁମାରଙ୍କ ସହ ୨୦୦୯ ବିଶ୍ୱ ସିରିଜ୍ ବିଜେତା ନିକ୍ ସ୍ୱିସର ଓ ରାଚିଲ ଗାର୍ସିଆ ରହିଥିଲେ। ସେହିଭଳି ଶାର୍ଦ୍ଦୁଲ, ରାଧା ଯାଦବଙ୍କ ସହ କବ୍ସ ଦଳରେ ୨୦୧୬ ବିଶ୍ୱ ସିରିଜ୍ ବିଜେତା ଆରିଏଟା ଥିଲେ। ରେଡସକ୍ସରେ ୨୦୨୩ ବିଜେତା ଜନି ଗୋମ୍ସେଙ୍କ ସହ କାଶଭୀ ଓ ଦୀପକ ଏବଂ ଡଜର୍ସରେ ୫ ଥର ଅଲ୍‌ଷ୍ଟାର୍ ଓ ୪ ଥର ଗୋଲ୍ଡ ଗ୍ଲୋଭ୍ ପୁରସ୍କାର ବିଜେତା ଗୋଞ୍ଜାଲେଜ୍‌ଙ୍କ ସହ ଜିତେଶ ଶର୍ମା, ଜୋର୍ଡାନ ଉଲେରି ଥିଲେ।

## ଟ୍ୱେଣ୍ଟି-୨୦ ଶୃଙ୍ଖଳାରୁ ହେନରି ବାଦ୍



ଖ୍ରୀଷ୍ଟଚର୍ଚ୍ଚ, ୨୫/୧୦ : ଭାରତ ବିପକ୍ଷ ଟ୍ୱେଣ୍ଟି-୨୦ ଶୃଙ୍ଖଳାର ଅବଶିଷ୍ଟ ମ୍ୟାଚ୍‌ରୁ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର ମ୍ୟାଟ୍ ହେନରି ବାଦ୍ ପଡ଼ିଛନ୍ତି। ସଂପ୍ରତି ଏହି ଶୃଙ୍ଖଳାରେ ୨-୦ରେ ପଛୁଆ ଥିବା ନ୍ୟୁଜିଲାଣ୍ଡ ଦ୍ରୁତ ବୋଲରଙ୍କ କାର୍ଯ୍ୟଭାର କମାଇବା ଲାଗି କରିଥିବା ଅଦଳବଦଳ ନୀତି ଅନୁଯାୟୀ ହେନରିଙ୍କୁ ବାଦ୍ ଦିଆଯାଇଛି। ସେ ମଧ୍ୟ ଦ୍ୱିତୀୟ ଟ୍ୱେଣ୍ଟି-୨୦ରେ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ତାଙ୍କ ପେଣ୍ଡା ଟାଣ ହୋଇଯିବାରୁ ସେ ଏହି ମ୍ୟାଚ୍‌ରେ ମାତ୍ର ୨ ଓଭର ବୋଲିଂ କରିପାରିଥିଲେ। ନଭେମ୍ବର ୨ ତାରିଖରୁ ଅକ୍ଲାଣ୍ଡରେ ଆରମ୍ଭ ହେଉଥିବା ଦିନିକିଆ ଶୃଙ୍ଖଳା ବେଳେ ହେନରି ଦଳରେ ଯୋଗଦେବ। ସେହିପରି ଲୋକି ଫର୍ଗୁସନ୍ ତୃତୀୟ ଟ୍ୱେଣ୍ଟି-୨୦ ଖେଳିବେନି। ଦଳରେ ଯୋଗଦେବେ ହେନରି ହେଲେ ଶେଷ ଦୁଇ ମ୍ୟାଚ୍‌କୁ ଫେରିବେ। ଶୃଙ୍ଖଳାରେ ଏପର୍ଯ୍ୟନ୍ତ ଖେଳି ନଥିବା କାଇଲ ଜାମିସନ୍ ଶେଷ ୨ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତ। ସେ କାଣ୍ଟରବରି ପକ୍ଷରୁ ଫୋର୍ଡ ଟ୍ରଫିରେ ଖେଳିବେ। ଏହାପରେ ଦିନିକିଆ ଶୃଙ୍ଖଳା ଲାଗି ଦଳରେ ଯୋଗଦେବେ। ବ୍ଲେୟର ଟିକନର ଶେଷ ୩ ଏବଂ ଜୋସ୍ କ୍ଲାର୍କସନ୍ ଶେଷ ୨ ମ୍ୟାଚ୍ ପାଇଁ ଦଳରେ ସାମିଲ ହୋଇଛନ୍ତି। ଆହତ ଯୋଗୁଁ ଦଳରୁ ବାଦ୍ ପଡ଼ିଥିବା ଜାକ୍ ଫୋଲ୍‌କସ୍ ଓ ମାର୍କ ଚାପମ୍ୟାନ୍‌ଙ୍କ ସ୍ଥାନରେ ଏହି ଦୁଇ ଖେଳାଳିଙ୍କୁ ୧୬ ଜଣିଆ ଦଳରେ ସାମିଲ କରାଯାଇଛି। ତୃତୀୟ ମ୍ୟାଚ୍ ପାଇଁ ମ୍ୟାଟ୍ ଫିସର୍ ମଧ୍ୟ ଦଳ ସହିତ ୱେଲିଂଟନ୍ ଯାତ୍ରା କରିବେ।

## ଟି-୨୦ରେ ନୂଆ ସୁପରଷ୍ଟାର୍ ତିଳକ ବର୍ମା



ନୂଆଦିଲ୍ଲୀ, ୨୫/୧୦ : ପୂର୍ବତନ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ପରେ ଟ୍ୱେଣ୍ଟି-୨୦ କ୍ରିକେଟ୍‌ରେ ତିଳକ ବର୍ମା ନୂଆ ଚେଜ୍‌ମାଷ୍ଟର ଭାବେ ଉଭା ହୋଇଛନ୍ତି। କ୍ରିକେଟ୍‌ର ଏହି ଛୋଟ ଫର୍ମାଟ୍‌ରେ କଠିନ ଲକ୍ଷ୍ୟକୁ ପିଛା କରିବାକୁ ପଡୁଥିଲା ବେଳେ ତିଳକଙ୍କ ବ୍ୟାଟ୍ ଗର୍ଜୁଛି। ମେଲବର୍ଣ୍ଣରେ ପାକିସ୍ତାନ ବିପକ୍ଷ ୨୦୨୨ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ମ୍ୟାଚ୍‌ରେ ବିରାଟଙ୍କ ଐତିହାସିକ ପାଳି ଏବେ ବି କ୍ରିକେଟପ୍ରେମୀଙ୍କ ମନରେ ଲିଭିନି। ହେଲେ ଗତ ବର୍ଷକ ମଧ୍ୟରେ ତିଳକ ମଧ୍ୟ ସେହିଭଳି ଚାପପୂର୍ଣ୍ଣ ପରିସ୍ଥିତିରେ ଦଳକୁ ଜିତାଇ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଭାରତର ୧୨ ଥର ରନ୍ ପଶ୍ଚାତ୍‌ଧାବନ ବିଜୟରେ ତିଳକ ୮ ଥର ଅପରାଜିତ ରହିଛନ୍ତି।

ମୋଟ ଉପରେ ୨୬ ସଫଳ ଟ୍ୱେଣ୍ଟି-୨୦ ରନ୍ ପଶ୍ଚାତ୍‌ଧାବନରେ ତିଳକଙ୍କ ଦଳ ଜିତିଛି। ଏହା ମଧ୍ୟରୁ ସେ ୨୦ ଥର ଅପରାଜିତ ରହିଛନ୍ତି। ଏହି ପ୍ରଦର୍ଶନ ତାଙ୍କୁ ଭାରତର ନୂଆ ଚେଜ୍‌ମାଷ୍ଟର ଭାବେ ପରିଚିତ କରାଇଛି। ଶନିବାର ଖ୍ରୀଷ୍ଟଚର୍ଚ୍ଚରେ ଖେଳାଯାଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟ୍ୱେଣ୍ଟି-୨୦ରେ ତିଳକ ନିଜକୁ ପୁଣି ଥରେ ପ୍ରମାଣିକ କରିଛନ୍ତି। ୧୮୧ ରନ୍‌କୁ ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଭାରତ ୧୦.୩ ଓଭରରେ ୬୯/୪ କରି ସଙ୍କଟରେ ପଡ଼ିଥିଲା। ତିଳକ ୨୬ ବଲ୍‌ରୁ ୫୧ ରନ୍ (୬ ଚୌକା, ୧ ଛକା)ର ଅପରାଜିତ ପାଳି ଖେଳି ଗୋଟିଏ ବଲ୍ ପୂର୍ବରୁ ଦଳକୁ ୪ ୱିକେଟର ବିଜୟ ଭେଟି ଦେଇଥିଲେ। ଦଳୀୟ ସ୍କୋର୍ ୧୪.୫ ଓଭରରେ ୧୧୨/୬ରେ ଥିଲା ବେଳେ ସେ ଓ ନୀତୀଶ କୁମାର ରେଡ୍ଡୀ ସପ୍ତମ ୱିକେଟ୍‌ରେ ୩୦ ବଲ୍‌ରୁ ଅପରାଜିତ ୬୯ ରନ୍‌ର ଭାଗୀଦାର ଗଢ଼ି ଭାରତକୁ ଏହି ଅବିଶ୍ୱସନୀୟ ବିଜୟ ଦେଇଥିଲେ। ନୀତୀଶ ୧୩ ବଲ୍‌ରୁ ୨୬ (୧ ଚୌକା, ୧ ଛକା) ରନ୍ କରିଥିଲା ବେଳେ ଭାରତ ୫ ମ୍ୟାଚ୍ ବିଶିଷ୍ଟ ଏହି ଟ୍ୱେଣ୍ଟି-୨୦ ଶୃଙ୍ଖଳାରେ ୨-୦ରେ ଆଗୁଆ ହୋଇଥିଲା। ନମନ ଧୀର (୧୭ ବଲ୍‌ରୁ ୩୧, ୧ ଚୌକା, ୩ ଛକା) ମଧ୍ୟ ବିସ୍ଫୋରକ ପାଳି ଖେଳି ବିଜୟରେ ନିଜର ଅବଦାନ ରଖିଥିଲେ। ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିବା ତିଳକ ବିଜୟ ପରେ କହିଥିଲେ ଯେ ''ମୋତେ ଗୌତମ ସାର୍ ଓ କୋଟାକ ସାର୍ କହିଥିଲେ, ପୂରା ଭାରତ ତୁମ ଉପରେ ବିଶ୍ୱାସ ରଖିଛି। ତୁମେ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କଲେ ଜିତିପାରିବା। ଏହାପରେ ନମନଙ୍କୁ କହିଥିଲି, ସ୍ପିନର୍ ବୋଲିଂ କରୁଥିବା ବେଳେ ଆମେ ଦ୍ରୁତ ରନ୍ ନେବା। ଦୁର୍ଭାଗ୍ୟବଶତଃ ମିଚେଲଙ୍କ ଶେଷ ଓଭରରେ ନମନ ଆଉଟ୍ ହେଲେ। ନହେଲେ ଆମେ ୧୮ତମ ଓଭରରେ ହିଁ ଜିତି ପାରିଥାନ୍ତୁ। ତାଙ୍କ ଆଉଟ୍ ପରେ ନୀତୀଶ ମୁଁ ରନ୍ ରୋଟେଡ୍ କରିବା ସହ ଖରାପ ବଲ୍‌କୁ ବଡ଼ ସଟ୍ ମାରିବା ନେଇ ଆଲୋଚନା କରିଥିଲୁ। ଏହା କରି ଆମେ ସଫଳ ହୋଇଥିଲୁ।''

### ଭାରତକୁ ମିଳିଗଲେ ନୂଆ 'ଚେଜ୍‌ମାଷ୍ଟର'

## ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ 'ଏ' ଟେଷ୍ଟ / ପୁଣି ରାହୁଲ, ଜୟସ୍ୱାଲ ବିଫଳ



ଲିନ୍‌କନ୍, ୨୫/୧୦ : ସ୍ଥାନୀୟ ବର୍ଟ ସୁଟ୍‌କ୍ଲିଫ୍ ଓଭାଲଠାରେ ଚାଲିଥିବା ନ୍ୟୁଜିଲାଣ୍ଡ 'ଏ' ବିପକ୍ଷ ଅନୌପଚାରିକ ଟେଷ୍ଟର ଦ୍ୱିତୀୟ ଦିନରେ ଭାରତ 'ଏ' ପୁଣି ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ପ୍ରଥମ ପାଳି ଭଳି କେଏଲ୍ ରାହୁଲ (୪) ଓ ଯଶସ୍ୱୀ ଜୟସ୍ୱାଲ (୫) ମଧ୍ୟ ଦ୍ୱିତୀୟ ପାଳିରେ ବିଫଳ ହୋଇଛନ୍ତି।

ଉଭୟ ୧୦ ରନ୍ ମଧ୍ୟରେ ପ୍ୟାଭିଲିୟନ୍ ଫେରିଯାଇଥିଲେ। ଏହା ପରେ ଦେବଦତ୍ତ ପଡ଼ିକଲ (୫୬)ଙ୍କ ଲଢୁଆ ଅର୍ଦ୍ଧଶତକ ଏବଂ ସାଇ ସୁଦର୍ଶନଙ୍କ ୩୯ ରନ୍ ବଳରେ ଭାରତ 'ଏ' ରବିବାର ଷ୍ଟମ୍ପସ ବେଳକୁ ୧୦୬/୨ କରିଛି। ଉଭୟ ତୃତୀୟ ୱିକେଟ୍‌ରେ ୯୬ ରନ୍ ଯୋଡ଼ି ଲଢ଼େଇ ଜାରି ରଖିଛନ୍ତି। ତଥାପି ଭ୍ରମଣକାରୀ ଦଳ ଏବେ ନ୍ୟୁଜିଲାଣ୍ଡଠୁ ୯୮ ରନ୍ ପଛରେ ରହିଛି।

ରବିବାର ୧୩୫/୩ରୁ ଖେଳ ଆରମ୍ଭ କରିଥିବା ଘରୋଇ ଦଳ ଏଥିରେ ୧୮୨ ରନ୍ ଯୋଡ଼ି ଅବଶିଷ୍ଟ ୭ ୱିକେଟ୍ ହରାଇଥିଲା। ଡିନ୍ ଫକ୍ସକ୍ରଫ୍ଟ (୫୧) ଓ କ୍ରିଷ୍ଟିଆନ୍ କ୍ଲାର୍କ (୪୨) ଭଲ ଖେଳିବାରୁ ଦଳ ୩୧୭ ରନ୍ କରି ୨୦୪ ରନ୍‌ର ବଡ଼ ଅଗ୍ରଣୀ ପାଇଥିଲା। ଭାରତର ଅଂଶୁଲ କମ୍ବୋଜ ଓ ଅକ୍ୱିବ ନବି ୩ ଲେଖାଏଁ ୱିକେଟ୍ ନେଇଥିଲେ। ପୂର୍ବରୁ ଭାରତର ପ୍ରଥମ ପାଳି ୧୧୩ରେ ଶେଷ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର୍:** ଭାରତ 'ଏ' ପ୍ରଥମ ପାଳି ୧୧୩। ନ୍ୟୁଜିଲାଣ୍ଡ 'ଏ' ପ୍ରଥମ ପଳି ୮୯.୩ ଓଭରରେ ୩୧୭ (ରିଜ୍ ମାରିଉ ୭୬, ଡିନ୍ ଫକ୍ସକ୍ରଫ୍ଟ ୫୧, କର୍ଟିସ ହିଫି ୪୪, କ୍ରିଷ୍ଟିଆନ୍ କ୍ଲାର୍କ ୪୨, ଅଂଶୁଲ କମ୍ବୋଜ ୩/୫୨, ଆକ୍ୱିବ ନବି ୩/୬୯, ଆକାଶ ଦୀପ ୨/୫୭)। ଭାରତ 'ଏ' ଦ୍ୱିତୀୟ ପାଳି ୩୬ ଓଭରରେ ୧୦୬/୨ (ଦେବଦତ୍ତ ପଡ଼ିକଲ ୫୬, ସାଇ ସୁଦର୍ଶନ ୩୯, ସିମନ କିନ ୧/୧୯, ଫ୍ରେଜର ସିଟ୍ ୧/୨୬)।

## ରାଜସୁନାଖଳାରେ ଗଜଲକ୍ଷ୍ମୀ ପୂଜା ଉତ୍ସବ ପାଳିତ



ରଣପୁର , ୨୫।୧୦ (ଅକ୍ଷର ଓଡିଶା ): ପବିତ୍ର ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ଅନ୍ତର୍ଗତ ରାଜସୁନାଖଳା ଦୁର୍ଗାବଜାରରେ ରବିବାର ଦିନ ପବିତ୍ର ଗଜଲକ୍ଷ୍ମୀ ପୂଜା ମହାସମାରୋହରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ସୁଧୀରଞ୍ଜନ ମିଶ୍ର, ପଣ୍ଡିତ ଗୌରଚରଣ ମିଶ୍ର ଓ ଅନ୍ୟମାନେ ପରିଚାଳନା କରିଥିଲେ । ମା' ଙ୍କ ଦର୍ଶନ ପାଇଁ ଶତାଧିକ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମକୁ ନେଇ ପୀଠରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିବା ବେଳେ ସନ୍ଧ୍ୟା ୭ଟାରେ ନୟାଗଡ଼ ଜିଲ୍ଲା ସିଦ୍ଧମୂଳା ମହିଳା ପାଲ୍ଲା ଗାୟିକା ଉଜ୍ଜ୍ୱଳ ତାରକା ରୁନୁ ମନ୍ତ୍ରୀ ଓ ସାଥୀ ଦ୍ୱାରା ପାଲ୍ଲା ପରିବେଷଣ ହୋଇଥିଲା । ଗାୟିକାଙ୍କ ପାଣ୍ଡିତ୍ୟ, ସାହିତ୍ୟ ଜ୍ଞାନ ଏବଂ ବୁଦ୍ଧିମତା ପ୍ରଦର୍ଶନ ସହିତ ସାହିତ୍ୟ, ସଙ୍ଗୀତ, ନାଟକ ଓ ଶ୍ରୀପାଳିଆଙ୍କ ଅଭିନୟ ହାସ୍ୟରସାତ୍ମକ ଆଳାପ ଦର୍ଶକମାନଙ୍କୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଏହି କାର୍ଯ୍ୟକ୍ରମକୁ ଦୁର୍ଗା ବଜାର ସଦସ୍ୟ ବସନ୍ତ କୁମାର ଚୀନରା, ବୃନ୍ଦାବନ ଚିନରା, ଘନଶ୍ୟାମ ମହାପାତ୍ର,ବାନାମ୍ବର ମହାପାତ୍ର,ବଟକୃଷ୍ଣ ସାହୁ, ସୁବୁଲି ସାହୁ,ମଧୁସୂଦନ ସାହୁ ପ୍ରମୋଦ କୁମାର ପଣ୍ଡା,ସନ୍ତୋଷ ପ୍ରଧାନ, ଟିକିନା ରଣା ଓ ଶ୍ରୀକାନ୍ତ କୁମାର ସାହୁ ପ୍ରମୁଖ ସହଯୋଗ କରି ପରିଚାଳନା କରିଥିଲେ । ଦୁର୍ଗା ବଜାର ତରଫରୁ ପୂଜା ମଣ୍ଡପକୁ ଆକର୍ଷଣୀୟ ଆଲୋକ ମାଳାରେ ସୁସଜିତ କରାଯାଇଥିଲା ।

### ଜାତୀୟ ଲନ୍‌ବଲ୍ ଦ୍ୱିତୀୟ ଦିନ

## ଶୁଭ୍ରାଂଶୁ, ରୋଶନୀ, ସୀମାଙ୍କ କ୍ରମାଗତ ବିଜୟ



ଭୁବନେଶ୍ୱର, ୨୫/୧୦ : ବଲାଙ୍ଗୀରର ଆର୍ ଏନ୍ ସିଂହଦେଓ ସ୍ପୋର୍ଟସ୍ କଂପ୍ଲେକ୍ସସ୍ଥିତ 'ବୋଲିଂ ଗ୍ରୀନ୍' କୋର୍ଟରେ ଚାଲିଥିବା ପ୍ରଥମ ଜାତୀୟ ୧୮ବର୍ଷରୁ କମ୍ ଏବଂ ଷଷ୍ଠ ଜାତୀୟ ୨୫ ବର୍ଷରୁ କମ୍ ଲନ୍‌ବଲ୍ ପ୍ରତିଯୋଗିତାରେ ଓଡ଼ିଶା ଖେଳାଳିଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। ଶୁଭ୍ରାଂଶୁ ଡାଙ୍ଗ, ରୋଶନୀ ସାହୁ, ସୀମା ମୁଣ୍ଡା କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛନ୍ତି। ୨୫ ବର୍ଷରୁ କମ୍ ବର୍ଗ ବାଳକ ଏକକରେ ଶୁଭ୍ରାଂଶୁ ଡାଙ୍ଗ ମଧ୍ୟପ୍ରଦେଶ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୨୧-୨ରେ ଏବଂ ଅଂଶୁମାନ ବାଗ ୨୩-୪ରେ ମେଘାଳୟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରିଛନ୍ତି। ସେହିଭଳି ବାଳିକା ଏକକରେ ସୀମା ମୁଣ୍ଡା ୧୭-୧୨ରେ ବିହାର ପ୍ରତିଦ୍ୱନ୍ଦ୍ୱୀଙ୍କୁ ମାତ୍ ଦେଇଛନ୍ତି। ମିଶ୍ରିତ ଯୁଗଳରେ ଉମାଶଙ୍କର ପଟେଲ୍ ଓ ଝାନସୀରାଣୀ ସୁନା ୧୫-୧୧ରେ ମେଘାଳୟ ଯୋଡ଼ିଙ୍କୁ ହରାଇଛନ୍ତି। ଅନ୍ୟପକ୍ଷରେ ୧୮ ବର୍ଷରୁ କମ୍ ବାଳକ ଏକକରେ ସୁଜ୍ଞାନେନ୍ଦ୍ର ଷଡ଼ଙ୍ଗୀ ୨୧-୧୧ରେ ଝାଡ଼ଖଣ୍ଡ ଯୋଡ଼ିଙ୍କୁ ପରାସ୍ତ କରି ସମ୍ଭାବନା କାଏମ ରଖିଛନ୍ତି। ଏହି ବୟସ ବର୍ଗର ବାଳିକା ଏକକରେ ରୋଶନୀ ସାହୁ ତାଙ୍କ ପଞ୍ଜାବ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଏକତରଫା ଭାବେ ୨୧-୦ରେ ପରାସ୍ତ କରିଥିଲେ।

### ଏସୀୟ ପାରା କ୍ରୀଡ଼ା ଉଦ୍‌ଯାପିତ

## ୧୧୪ ପଦକ ସହ ଭାରତ ଚତୁର୍ଥ



ନାଗୋୟା, ୨୫/୧୦ : ଜାପାନର ଆଇଚି-ନାଗୋୟାରେ ଏସୀୟ ପାରା କ୍ରୀଡ଼ା-୨୦୨୬ ଉଦ୍‌ଯାପିତ ହୋଇଯାଇଛି। ଏହି ସଂସ୍କରଣରେ ଭାରତ ମୋଟ ୧୧୪ ପଦକ ଜିତି ଐତିହାସିକ ସଫଳତା ହାସଲ କରିଛି। ଓଡ଼ିଶାର ପାୟଲ ନାଗ, ଜୟନ୍ତୀ ବେହେରା, ପ୍ରମୋଦ ଭଗତ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଶନିବାର ନାଗୋୟାର ମିଜୁହୋ ପାର୍କ ଆଥଲେଟିକ୍ସ ଷ୍ଟାଡିୟମ୍‌ରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଦୁଇଟି ଲେଖାଏଁ ସ୍ୱର୍ଣ୍ଣ ପଦକ ଜିତିଥିବା ନିଶାଦ କୁମାର ଓ ମୋନା ଅଗ୍ରୱାଲ ଉଦ୍‌ଯାପନୀ ସମାରୋହରେ ଜାତୀୟ ପତାକା ଧରି ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ଏହି ପ୍ରତିଯୋଗିତାରେ ଭାରତ ୩୦ ସ୍ୱର୍ଣ୍ଣ, ୩୫ ରୌପ୍ୟ ଓ ୪୯ କାଂସ୍ୟ ପଦକ ସହ ପଦକ ତାଲିକାର ଚତୁର୍ଥ ସ୍ଥାନ ପାଇଛି। ଏହା ୨୦୨୨ରେ ଚୀନ୍‌ର ହାଙ୍ଗଝୁଠାରେ ଅନୁଷ୍ଠିତ ପୂର୍ବ ସଂସ୍କରଣରେ ୧୦୮ ପଦକ ରେକର୍ଡକୁ ଅତିକ୍ରମ କରିଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପୂର୍ବ ସଂସ୍କରଣରେ ଭାରତ ପକ୍ଷରୁ ୩୦୯ ଜଣ ପାରା ଖେଳାଳି ଭାଗ ନେଇଥିବା ବେଳେ ଏଥର ମାତ୍ର ୧୬୮ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଜାପାନରେ ପ୍ରଥମଥର ପାଇଁ ଆୟୋଜିତ ଏହି ପଞ୍ଚମ ସଂସ୍କରଣରେ ୪୫ଟି ଦେଶ ଓ ଅଞ୍ଚଳର ପ୍ରାୟ ୪,୦୦୦ ଖେଳାଳି ଓ ଅନ୍ୟ ସଦସ୍ୟ ଭାଗ ନେଇଥିଲେ। ଏହି ସାତଦିନିଆ ପ୍ରତିଯୋଗିତାରେ ୧୮ଟି କ୍ରୀଡ଼ା ସାମିଲ ଥିବା ବେଳେ ୨୦ରୁ ଅଧିକ ବିଶ୍ୱ ରେକର୍ଡ ସ୍ଥାପିତ ହୋଇଛି। ୪୩୫ ପଦକ ସହ ଚୀନ୍ ପୁଣି ପ୍ରଥମ ସ୍ଥାନ ଦଖଲ କରିଛି। ଏଥିରେ ୨୦୭ ସ୍ୱର୍ଣ୍ଣ ପଦକ ରହିଛି। ଆୟୋଜକ ଜାପାନ ୬୪ ସ୍ୱର୍ଣ୍ଣ, ୬୦ ରୌପ୍ୟ ଓ ୬୨ଟି କାଂସ୍ୟ ସହ ମୋଟ ୧୮୬ ପଦକ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ଉଜବେକିସ୍ତାନ ୪୫ ସ୍ୱର୍ଣ୍ଣ ସହ ମୋଟ ୧୪୫ ପଦକ ଜିତି ତୃତୀୟ ସ୍ଥାନ ହାସଲ କରିଛି।


ମୁଖ୍ୟ ସମ୍ପାଦକ- ଚୌଧୁରୀ ରମାକାନ୍ତ ଦାସ
Chief Editor- Chaudhury Ramakanta Das

କାର୍ଯ୍ୟକାରୀ ସମ୍ପାଦକ- ଭରତ ଚନ୍ଦ୍ର ବେହେରା
Executive Editor- Bharat Chandra Behera

Published & Owned by **BHARAT KUMAR BEHERA**, Published at -99/6, Kalinga Vihar, Bhubaneswar-751019. Printed at **PRINT-TECH OFFSET PVT. LTD.**, F-66/1 & 2, Chandaka Industrial Area, Bhubaneswar-751024. T- 0674-3595878, M-9937223063/9937053063, E-akhyaraodisha@gmail.com

ସମ୍ପାଦକ: ଭରତ କୁମାର ବେହେରା
Editor: Bharat Kumar Behera